# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୭/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 17/2025 Page 16 ₹ 7.00

୫୧ଶ ଭାଗ ୨୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 262 ମୂଲ୍ୟ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୭/୨୦୨୫ | Bhubaneswar, Sunday, August 17/2025 | ପୃଷ୍ଠା-୧



**ଆଜି ଭାରତ ଫେରିବେ ଶୁଭାଂଶୁ**

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ରବିବାର ଆମେରିକାରୁ ଭାରତ ଫେରିବେ।

୦୯

୧୪

**ବେଥେଲ୍ ସର୍ବକନିଷ୍ଠ ଅଧିନାୟକ**

ଇଂଲଣ୍ଡ ପୁରୁଷ କ୍ରିକେଟ ଦଳର ସର୍ବକନିଷ୍ଠ ଅଧିନାୟକ ଭାବେ ଗୌରବ ଅର୍ଜନ କରିବାକୁ ଯାଉଛନ୍ତି ଜାକବ ବେଥେଲ।





ପୁରୀ ଶ୍ରୀମନ୍ଦିରରେ ଶନିବାର ନନ୍ଦୋତ୍ସବ ନୀତି ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ଧାର୍ଯ୍ୟ ହେଲା ନୂଆଁଖାଇ ଲଗ୍ନ

ସମ୍ବଲପୁର,୧୬।୮(ବି.ଶଙ୍କର)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ହୋଇଛି। ପଣ୍ଡିତ ଓ ଜ୍ୟୋତିର୍ବିଦମାନଙ୍କ ଗଣନାନୁସାରେ ଚଳିତ ମାସ ୨୮ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ପୂର୍ବାହ୍ନ ୧୦ଟା ୩୩ ମିନିଟ ଗତେ ୧୦ଟା ୫୫ ମିନିଟ ମଧ୍ୟେ ତୁଳା ଲଗ୍ନରେ ଇଷ୍ଟଦେବୀ ମା' ସମଲେଇ ପ୍ରଥମେ ନବାହ୍ନ ଲାଗି ହେବେ । ପରମ୍ପରା ଓ ରୀତିନୀତି ଅନୁସାରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଲାଗିବା ପରେ ଜନସାଧାରଣ ନୂଆଁଖାଇ ଭୋଗ ଖାଇବେ ବୋଲି ସ୍ଥିର ହୋଇଛି ।

ଶନିବାର ଅପରାହ୍ନ ୪ଟା୩୦ରେ ସମ୍ବଲପୁର ସହର ଝାଡୁଆପଡା ବ୍ରହ୍ମପୁରା ମନ୍ଦିରରେ ନୂଆଁଖାଇ ଲଗ୍ନଧାର୍ଯ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଝାଡୁଆପଡା ବ୍ରହ୍ମପୁରା ☞ପୃଷ୍ଠା-୨




**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-67: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**18.08.2025**ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ୟୁନିଟ-୨ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0185/2526

**ଆଜିର ସମ୍ପାଦକୀୟ** ଅନାବଶ୍ୟକ ଆଇନ

# ଆତ୍ମାହୁତି ନୁହେଁ, ଜାଳି ଦେଇଛନ୍ତି

**ବାପା, ସାବତ ମା', ଭାଇ ଗିରଫ**

**ଭୁବନେଶ୍ୱର ଉପକଣ୍ଠ ବାଲିପାଟଣାରେ ଜ୍ୟୋତିରଞ୍ଜନ ମାଠିଆ ନିଆଁରେ ପୋଡ଼ିହୋଇ ଶୁକ୍ରବାର ଏମ୍ସରେ ଭର୍ତ୍ତି ହୋଇଥିବାବେଳେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ପ୍ରଥମେ ଆତ୍ମାହୁତି ବୋଲି କୁହାଯାଉଥିଲା। ହେଲେ ମୃତ୍ୟୁ ପୂର୍ବର ଏକ ଭିଡିଓ ଭାଇରାଲ ହେବା ଏବଂ ମୃତକଙ୍କ ସ୍ତ୍ରୀଙ୍କ ସଙ୍ଗିନ ଅଭିଯୋଗ ପରେ ଘଟଣା ଭିନ୍ନ ମୋଡ଼ ନେଇଛି। ଆତ୍ମାହୁତି ନୁହେଁ ବରଂ ଜମିଜମା ବିବାଦକୁ କେନ୍ଦ୍ରକରି ବାପା, ସାବତ ମା', ସାବତ ଭାଇ ମିଶି ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଜ୍ୟୋତିରଞ୍ଜନଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।**



ଜ୍ୟୋତିରଞ୍ଜନ ମାଠିଆ

ବାଲିପାଟଣା,୧୬।୮
(ଅଭିମନ୍ୟୁ ନାୟକ )

ବାଲିପାଟଣାଛକ ନିକଟରେ ଘର କରି ରହୁଥିବା ସୁରେନ୍ଦ୍ରନାଥ ମାଠିଆ ପୋଲିସ ବିଭାଗରେ ଚାକିରି କରି ଅବସର ଗ୍ରହଣ କରିଛନ୍ତି। ତାଙ୍କର ପ୍ରଥମ ସ୍ତ୍ରୀଙ୍କ ପୁତ୍ର ହେଉଛନ୍ତି ଜ୍ୟୋତିରଞ୍ଜନ ଏବଂ ଦ୍ୱିତୀୟ ସ୍ତ୍ରୀ ପ୍ରଭାତୀଙ୍କ ପୁତ୍ର ପ୍ରଶାନ୍ତ ମାଠିଆ। ଉଭୟ ପୁତ୍ର ବିବାହିତ ଏବଂ ସେମାନଙ୍କର ମଧ୍ୟ ପୁତ୍ର ସନ୍ତାନ ଅଛନ୍ତି। ସୁରେନ୍ଦ୍ର ତାଙ୍କ ସମସ୍ତ ସମ୍ପତ୍ତି ଦ୍ୱିତୀୟ ସ୍ତ୍ରୀଙ୍କ ନାମରେ ରେଜିଷ୍ଟ୍ରି କରିଦେଇଛନ୍ତି। ଏହା ଜାଣିବା ପରେ ବଡ଼ ପୁଅ ଜ୍ୟୋତିରଞ୍ଜନ ପ୍ରତିବାଦ କରି ସଫଳ ନ ହେବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରିକି ଭଦ୍ରଲୋକଙ୍କ ସହାୟତାରେ ବିବାଦର ସମାଧାନ ପାଇଁ ପ୍ରୟାସ କରିଥିଲେ। ଭଦ୍ରବ୍ୟକ୍ତିଙ୍କ ନିଷ୍ପତ୍ତି ଅନୁସାରେ ବୃଦ୍ଧ ବାପାଙ୍କୁ ଚଳିବାକୁ ମାସିକ ଅର୍ଥ ଦେଲେ ବାପା ଜମିବାଡ଼ିକୁ ପୁଅଙ୍କ ନାମରେ କରିଦେବେ ବୋଲି ସ୍ଥିର ହୋଇଥିଲା। ହେଲେ ବାପା ପ୍ରତିଶ୍ରୁତି ରକ୍ଷା ନ କରିବାରୁ ଘର ଭିତରେ ଝଗଡ଼ା ହେବାରୁ ବାଧ୍ୟ ହୋଇ ଜ୍ୟୋତିରଞ୍ଜନ ଅନ୍ୟତ୍ର ଘର ଭଡ଼ା ନେଇ ରହୁଥିଲେ। ମାତ୍ର ଅର୍ଥ ଅଭାବ ଯୋଗୁଁ ବାହାରେ ରହିବା ସମ୍ଭବ ନ ହେବାରୁ ପୁଣି ଭଦ୍ରଲୋକଙ୍କ ସହାୟତାରେ ଫେରି ଘର ବାହାରେ ଥିବା ଏକ ପରିତ୍ୟକ୍ତ ଘରକୁ ସଫାକରି ସ୍ତ୍ରୀ ପୁଅ ସହିତ ସେ ରହୁଥିଲେ। ଏହି ଜମି ବିବାଦକୁ ନେଇ ଗତ ପ୍ରାୟ ପାଞ୍ଚ ବର୍ଷ ଧରି ବାପା, ସାବତ ମା' ଓ ସାନ ଭାଇଙ୍କଠାରୁ ବହୁ ନିର୍ଯାତନା ସହିଛନ୍ତି ବୋଲି ଜ୍ୟୋତିରଞ୍ଜନଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଶୁକ୍ରବାର କୌଣସି କାରଣରୁ ବାପା ରହୁଥିବା ଘରକୁ ଜ୍ୟୋତିରଞ୍ଜନ ☞ପୃଷ୍ଠା-୨

## ୧୨ ନୂଆ ଏନ୍ଏସି ପାଇଁ ଡ୍ରାଫ୍ଟ ନୋଟିସ

ଭୁବନେଶ୍ୱର, ୧୬।୮ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ସଂଖ୍ୟା ବୃଦ୍ଧି କରିବା ପାଇଁ ଯୋଜନା ଆରମ୍ଭ କରିଛନ୍ତି। ଓଡ଼ିଶାରେ ବର୍ତ୍ତମାନ ୧୧୩ଟି ଏନ୍ଏସି ଥିବାବେଳେ ୧୨ ନୂଆ ଏନ୍ଏସି ପାଇଁ ରାଜ୍ୟ ସରକାର ଶନିବାର ଡ୍ରାଫ୍ଟ ନୋଟିସ ଜାରି କରିଛନ୍ତି। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅନୁଗୋଳ ଜିଲା ପାଲଲହଡ଼ା, ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର, ବାଲେଶ୍ୱର ଜିଲାର ସିମୁଳିଆ ☞ପୃଷ୍ଠା-୨

# ବିଭାଜନ ପାଇଁ କଂଗ୍ରେସ ଦାୟୀ: ଏନ୍ସିଇଆର୍ଟି

ନୂଆଦିଲ୍ଲୀ,୧୬।୮(ପି.ଟି.)

୧୯୪୭ରେ ଦେଶ ସ୍ୱାଧୀନତା ଲାଭ କରିବା ସହ ଭାରତ ଓ ପାକିସ୍ତାନ ରୂପେ ବିଭାଜିତ ହୋଇଥିଲା। ଅନେକ ଲକ୍ଷ ଲୋକଙ୍କ ଉପରେ ଏହି ବିଭାଜନର ପ୍ରଭାବ କିପରି ପଡ଼ିଥିଲା, ତାହା ଛାତ୍ରୀଛାତ୍ରଙ୍କୁ ମନେ ପକାଇଦେବା ପାଇଁ ଅଗଷ୍ଟ ୧୪କୁ କେନ୍ଦ୍ର ସରକାର ବିଭାଜନ ବିଭୀଷିକା ସ୍ମରଣ ଦିବସ ଘୋଷଣା କରିଛନ୍ତି। ଷଷ୍ଠରୁ ଅଷ୍ଟମ ଓ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍ସିଇଆର୍ଟି) ପକ୍ଷରୁ ଏହା ଉପରେ ଏକ ସ୍ୱତନ୍ତ୍ର ଭାଗ ପାଠ୍ୟକ୍ରମରେ ଯୋଡ଼ାଯାଇଛି। ସେଥିରେ ବିଭାଜନ ପାଇଁ ପାକିସ୍ତାନର ଜନକ ମହମ୍ମଦ ଅଲୀ ଜିନ୍ନା, କଂଗ୍ରେସ ଓ ତତ୍କାଳୀନ ଭାଇସ୍‌ରୟ ଲର୍ଡ ମାଉଣ୍ଟବାଟେନ୍‌ଙ୍କୁ ଦାୟୀ କରାଯାଇଛି। ପାର୍ଟିଶନ୍ ସମ୍ପର୍କିତ ଏନ୍ସିଇଆର୍ଟିର ଏହି ନୂଆ ମଡ୍ୟୁଲ ପ୍ରକାଶ ପାଇବା ପରେ ଭାଜପା ଓ କଂଗ୍ରେସ ମଧ୍ୟରେ ବଡ଼ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସ ବିଭାଜନରେ ନିଜ ସମ୍ପୃକ୍ତିକୁ ଖଣ୍ଡନ କରିବା ସହ ଏଥିପାଇଁ ହିନ୍ଦୁ ମହାସଭା ଓ ମୁସ୍‌ଲିମ୍ ଲିଗ୍‌ର ସମ୍ପର୍କକୁ ଦାୟୀ କରିଛି। ଏଥିସହ ବିବାଦୀୟ ବିଷୟ ସ୍ଥାନିତ ହୋଇଥିବା ଉକ୍ତ ପୁସ୍ତକକୁ ଜାଳି ଦିଆଯିବା ଉଚିତ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ ନିଜକୁ ସୁହାଇଲା ଭଳି ବିଷୟ ନ ପାଇଲେ କଂଗ୍ରେସ ଇତିହାସଠାରୁ ଦୂରେଇ ଯାଇଥାଏ କହି ଭାଜପା ସମାଲୋଚନା କରିଛି। ନ୍ୟାଶନାଲ କାଉନ୍‌ସିଲ୍ ଫର୍ ଏଜୁକେଶନ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍ସିଇଆର୍ଟି) ପକ୍ଷରୁ 'ପାର୍ଟିଶନ ହରର୍ସ ରିମେମ୍ବ୍ରାନ୍ସ ଡେ' ନାମରେ ଏକ ସ୍ୱତନ୍ତ୍ର ମଡ୍ୟୁଲ୍ ଜାରି ହୋଇଛି। ଭାରତର ବିଭାଜନ ପାଇଁ ସେଥିରେ ମହମ୍ମଦ ଅଲି ଜିନ୍ନା, କଂଗ୍ରେସ ଏବଂ ତତ୍କାଳୀନ ଭାଇସ୍‌ରାୟ ଲର୍ଡ ମାଉଣ୍ଟବାଟେନ୍‌ଙ୍କୁ ଦାୟୀ କରାଯାଇଛି। ☞ପୃଷ୍ଠା-୨

# ନିଷ୍କର୍ଷ ବାହାରିଲାନି, ଆଶା ଦିଶିଲା



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜୁନେଉରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରୁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

ଆମେରିକାର ଆଲାସ୍କାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଶୁକ୍ରବାର ହୋଇଥିବା ଶାନ୍ତି ଆଲୋଚନାରୁ ନିଷ୍କର୍ଷ ବାହାରିପାରିନାହିଁ। ତେବେ ଯୁଦ୍ଧ ଅଟକାଇବା ପାଇଁ ସମ୍ଭାବନା ସୃଷ୍ଟି ହୋଇଛି। ଆଲୋଚନା ପୂର୍ବରୁ ଟ୍ରମ୍ପ୍ ଯେଉଁଭଳି ଧମକ ରାଜନୀତି ଏବଂ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଉଥିଲେ, ପୁଟିନ୍‌ଙ୍କ ସହ ବୈଠକ ପରେ ନରମ ପଡ଼ିଯାଇଥିବା ଲକ୍ଷ୍ୟ କରାଯାଇଛି। ଆଲୋଚନା ଆଗକୁ ବଢ଼ାଇବା ପାଇଁ ପୁଟିନ୍ ଟ୍ରମ୍ପ୍‌ଙ୍କୁ ମସ୍କୋ ନିମନ୍ତ୍ରଣ କରିଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋମବାର ଆମେରିକା ରାଷ୍ଟ୍ରପତିଙ୍କ ଆଲୋଚନା ପାଇଁ ୱାଶିଂଟନ ଡିସି ଗସ୍ତ କରିବେ।

(ସବିଶେଷ ରିପୋର୍ଟ : ପୃଷ୍ଠା-୯)



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ମେଡୋସ୍ ରାଉତରାୟ କ୍ଲବ୍ ପକ୍ଷରୁ ରଙ୍ଗତୂଳୀ ୨୦୨୫, ସ୍ଥାନ: ରେଲ୍ ଅଡ଼ିଟୋରିୟମ୍, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘ ପକ୍ଷରୁ ଆୟୋଜିତ ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଷା ପବ୍ଲିକେଶନ୍ ପକ୍ଷରୁ ବର୍ଷା ଉତ୍ସବ ୨୦୨୫, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ପିପୁଲ୍ ଫର୍ ଆନିମଲ୍ ପକ୍ଷରୁ ଅନ୍ଦୋଳନ, ସ୍ଥାନ: ରାମ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆସ୍ଥା ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଆୟୋଜିତ ଆସ୍ଥା ଅଭିଷେଖ୍ ୨୦୨୫, ସ୍ଥାନ: ସ୍କୁଲ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ୭ ଦଫା ଦାବି ନେଇ ଆଲୋଚନାଚକ୍ର, ସ୍ଥାନ: ୟୁନିଟ୍ ୬, କ୍ୱାଟର ନଂ ଭିଆଇଆର୍ ୪, ସମୟ: ପୂର୍ବାହ୍ନ ୧୧ଟା।
- ପ୍ୟାଶନ୍ କ୍ଲବ୍‌ର ୨୦ତମ ଗଣେଶ ପୂଜା ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ୟାଶନ୍ କ୍ଲବ୍, ବିଧାୟକ କଲୋନି, ଭୌମନଗର, ପୂର୍ବାହ୍ନ: ୧୧ଟା ୩୦।
- ଓଡ଼ିଶା ଫେଶନ୍ ଭିଲା ପକ୍ଷରୁ ଆୟୋଜିତ ଖଦି ଫିଏଷ୍ଟା, ସ୍ଥାନ: ରୋଟାରୀ ଭବନ, ୟୁନିଟ୍ ୯, ସମୟ: ମଧ୍ୟହ୍ନ ୧୨ଟା।
- ଶ୍ରୀ ଗଣେଶ ମହୋତ୍ସବ–୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପ୍ରାଙ୍ଗଣ, ନୂଆସାହି ନୟାପଲ୍ଲୀ, ସମୟ: ମଧ୍ୟାହ୍ନ ୧୨ଟା।
- ରାଷ୍ଟ୍ରଦୀପ ସାପ୍ତାହିକ ପତ୍ରିକାର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ନୂପୁର୍ ପକ୍ଷରୁ ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ସ୍ଥାନ: ଭଞ୍ଜକଳାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ୟୁଜିଏମ୍ଇ ସ୍କୁଲ, ପାଞ୍ଚଗାଁ, ଡିଗିରିଆ, ସମୟ: ସକାଳ ୯ଟା।
- ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ଦ୍ୱିଭାଷୀ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର

- ନନ୍ଦ ମହୋତ୍ସବ ଓ ବ୍ୟାସ ପୂଜା, ସ୍ଥାନ: ରେମୁଣା ଇସ୍କନ ମନ୍ଦିର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଭଜନ କାର୍ଯ୍ୟକ୍ରମ, ସ୍ଥାନ: ରେମୁଣା ଇସ୍କନ ମନ୍ଦିର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜନ୍ମାଷ୍ଟମୀ ଉତ୍ସବ ଉପଲକ୍ଷେ ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ଛାତ୍ରୀଛାତ୍ରଙ୍କ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଓ ସାଧାରଣ ସଭା, ସ୍ଥାନ: ଶ୍ରୀକୃଷ୍ଣ ମଇଦାନ, ସାନଡେଘରୀ, ଭୋଗରାଇ, ସମୟ: ଅପରାହ୍ନ ୨ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।

## ଭଦ୍ରକ

- କ୍ରାନ୍ତି ଦିବସ ପାଳନ, ସ୍ଥାନ: କହରାପୋଖରୀସ୍ଥିତ କ୍ରାନ୍ତି ମଇଦାନ, ଭଣ୍ଡାରିପୋଖରୀ, ସମୟ: ସକାଳ ୯ଟା।
- ଯାତ୍ରା କମିଟି ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ନଳାଙ୍ଗ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ନନ୍ଦୋତ୍ସବ ଓ ପ୍ରଭୁପାଦଙ୍କ ବ୍ୟାସପୂଜା, ସ୍ଥାନ:ହେମଚନ୍ଦ୍ରପୁର ରାଣୀବନ୍ଧ ବାରିପଦା,ସମୟ: ଅପରାହ୍ନ ୧ଟା ୩୦।

## ଢେଙ୍କାନାଳ

- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବର ଉଦଯାପନୀ ଦିବସ, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ: ସକାଳ ୯ଟା।
- ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ପୁରୁଣା ଜିଲାପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ୟୁନାଇଟେଡ୍ ଚର୍ଚ୍ଚ ପରିସରରେ ଖ୍ରୀଷ୍ଟୀୟ ଉପାସକଙ୍କ ସାଧାରଣ ବୈଠକ, ସ୍ଥାନ: ଚର୍ଚ୍ଚ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଭାଗବତ ପରିବାର ପକ୍ଷରୁ ଚାଲିଥିବା ନନ୍ଦ ମହୋତ୍ସବ କାର୍ଯ୍ୟକ୍ରମରେ ବେଶ ପ୍ରତିଯୋଗିତା, ସ୍ଥାନ: ମାଉସୀ ମା' ମନ୍ଦିର ପାଖ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଇସ୍କନର ପ୍ରତିଷ୍ଠାନା ଆଚାର୍ଯ୍ୟ ଶ୍ରୀମଦ ଏ ସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ମହାରଜାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଇସ୍କନ ମନ୍ଦିର, ବ୍ରାହ୍ମଣସାହି, ଗଜରାଜପୁର, ରାଜନଗର, ସମୟ: ପ୍ରାତଃ ୪ଟା।
- ନନ୍ଦୋତ୍ସବ, ସ୍ଥାନ: ଆୟେବା ଓ କଂସାର, କେନ୍ଦ୍ରାପଡା, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୫ମ ଦିବସରେ ପାରାୟଣ, ସମୟ:ସକାଳ ୭ଟା, ପ୍ରବଚନ, ସମୟ:ସନ୍ଧ୍ୟା ୭ଟା ୩୦।
- ନାଟକ ଜରାସନ୍ଧ ବଧ, ଭକ୍ତ ସୁଦାମ ଚରିତ, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ ଅଫିସ ସମ୍ମୁଖ, ଗଜଲକ୍ଷ୍ମୀ ପୂଜା ମଣ୍ଡପ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- କୋରାପୁଟ ଜିଲା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ନନ୍ଦୋତ୍ସବ, ସ୍ଥାନ: ଟାଉନ ହଲ, ଜୟପୁର, ସମୟ: ସକାଳ ୯ଟା ୩୦।
- ବରିଷ୍ଠ ନାଗରିକ କଲ୍ୟାଣ ସଂଘର ବୈଠକ, ସ୍ଥାନ: ଜୟପୁର ନାଗରିକ କମିଟି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ପ୍ରାଥମିକ ଶିକ୍ଷକଙ୍କ ବୈଠକ, ସ୍ଥାନ: ସଙ୍ଗମ କଲ୍ୟାଣ ମଣ୍ଡପ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବନ ବିଭାଗ ପକ୍ଷରୁ ଚାରାରୋପଣ, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ଝରିଗାଁ, ସମୟ: ସକାଳ ୮ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସମ୍ବଲପୁର ନିର୍ମାଣ ସାମଗ୍ରୀ ଯୋଗାଣ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ସିଟି ପେଲେସ କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା ୩୦।
- ଫଟୋଗ୍ରାଫି ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ , ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜର ସମର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀଡୁଙ୍ଗୁରି ଜଙ୍ଗଲ, ସମୟ : ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ଅଫ ସମ୍ବଲପୁରର ୧୦ତମ ଅଧିଷ୍ଠାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ରୟାଲ ରିଟ୍ରିଟ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜନ୍ମ ବାର୍ଷିକୀ ସମାରୋହ, ସ୍ଥାନ: ସରକାରୀ ଟାଉନ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦ ।
- ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ସମାରୋହ, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ରାଉରକେଲା

- ଇସ୍କନ ପକ୍ଷରୁ ତ୍ରିଦିବସୀୟ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ସମାପନ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଷା କବିତା ଆସର, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଲଚରାଲ ଏକାଡେମୀ ପକ୍ଷରୁ କାବ୍ୟ କବିତା ଦିବସ, ସ୍ଥାନ: ସେକ୍ଟର–୫, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ହିନ୍ଦୀ ବିଭାଗ), ବରଗଡ଼, ସମୟ: ଅପରାହ୍ନ ୪ଟା।
- ନୂଆଖାଇ ଲଗ୍ନ ନିରୂପଣ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।

## ବୌଦ୍ଧ

- ବାଳିକାଙ୍କ ସୁରକ୍ଷା ନେଇ କର୍ମଶାଳା, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ଅପରାହ୍ନ ୨ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ୨୪ ଘଣ୍ଟିଆ ସେବା ଦେବା ପାଇଁ ଦେବଗଡ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଜରୁରୀକାଳୀନ ବୈଠକ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ୭ମ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆପଡ଼ା ଯାଦବ ସମାଜ ପକ୍ଷରୁ ନନ୍ଦୋତ୍ସବ, ସ୍ଥାନ: ପୋଲିସ ପଡିଆ ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ମାରାଗୁଡା ସାହିତ୍ୟ ସଂସଦ ନୂଆପଡା ପକ୍ଷରୁ ମେହେର ଜୟନ୍ତୀ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ମିଶନ ଶକ୍ତି ଗୃହ, ସମୟ: ଅପରାହ୍ନ ୨ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡା ପକ୍ଷରୁ ବିଶ୍ୱ ଆଦିବାଦୀ ଦିବସ ପାଳନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଆମାନାରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ସଂକ୍ରାନ୍ତି ହୋମ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ସ୍ୱାମୀ ବିବେକାନନ୍ଦ କ୍ଲବ ତରଫରୁ ଚାରା ରୋପଣ, ସ୍ଥାନ: ଚୌକାମାଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଖୁଦୁରୁକୁଣୀ ଓଷା ପାଳନ, ସ୍ଥାନ: ଗୌରଡ଼ିହି ଦେବୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ ସ୍ତରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ବ୍ୟବସାୟରେ ଟେନ୍‌ସନ୍ ରହିଲେ ମଧ୍ୟ କ୍ଷତିର ପ୍ରଶ୍ନ ଉଠୁନାହିଁ। ପାଖ ଲୋକଟି ଅନ୍ୟର ନିର୍ଦ୍ଦେଶରେ କାମ କରିବା ଫଳରେ ସନ୍ଦେହଜନକ ସ୍ଥିତି ଉତ୍ପନ୍ନ ହୋଇପାରେ। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ** ଆଜି ପରିବାରର ସାହାଯ୍ୟ ସମର୍ଥନ ଆପଣଙ୍କ କାର୍ଯ୍ୟ ହାସଲରେ ସାହାଯ୍ୟ କରିବ। ଏହା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବାର ସୂଚନା ରହିଛି। ଅବହେଳିତ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ନିକଟରୁ ଭରସା ପାଇ ବିଚଳିତ ମନରେ ସାମୟିକ ସ୍ଥିରତା ଆସିବ। ବନ୍ଧୁଙ୍କ ଜରିଆରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟ କରିବା ସକାଶେ ଯୁକ୍ତିତର୍କ ଓ କଳହର ସ୍ଥିତି ଉପୁଜିବ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ ହେବ।

**କର୍କଟ** ବାରମ୍ବାର ଚେଷ୍ଟା କରି ଅଟକି ରହିଯାଉଥିବା ଅପୂରଣୀୟ ଆଶା ମନରେ ଦୁଃଖ ଦେବ। ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ହଠାତ୍ ବିରୋଧାଭାବ ପୋଷଣ କରିପାରନ୍ତି। କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ, ସହାନୁଭୂତିରୁ ଆଶ୍ୱସ୍ତି ମିଳିବ। ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିପାରେ।

**ସିଂହ** କର୍ମକ୍ଷେତ୍ରରେ ପାରସ୍ପରିକ ବୁଝାମଣା ମାଧ୍ୟମରେ କାର୍ଯ୍ୟସାଧନ କରିବାରେ ସଫଳ ହେବେ। ପାରିବାରିକ ସ୍ତରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା ଉପକୃତ ହୋଇପାରନ୍ତି। ସାମାଜିକ ସ୍ତରରେ ବୁଦ୍ଧିଜୀବୀଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଅବହେଳାରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହୋଇପାରେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଦ୍ୱାରା ସହଜରେ କାମ ହାସଲ ହେବା କଷ୍ଟକର ହେବ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ସତ୍ୟରେ ପରିଣତ ହେବାରୁ ଖୁସି ଅନୁଭବ କରିବେ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ସାଙ୍ଗକୁ ପରିବାର ଓ କର୍ମକ୍ଷେତ୍ରର ସ୍ଥିତି ଭଲ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ଆକସ୍ମିକ ଭାବେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ କଥାରେ ତର୍କ ବିତର୍କଜନିତ ସ୍ତ୍ରୀଙ୍କ ସହ ମନୋମାଳିନ୍ୟର ଆଶଙ୍କା ରହିଛି।

**ବିଛା** ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ସାଙ୍ଗକୁ ବନ୍ଧୁମିଳନ ଜନିତ ଆନନ୍ଦ ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ସମାଧାନ ଯୋଗୁ ମାନସିକ ସ୍ତରରେ ପରିବର୍ତ୍ତନ ଅନୁଭବ କରିବେ। ଅବହେଳାରୁ ଅଟକି ଥିବା କାମ ସକାଶେ ଅଭିଯୋଗ ଆସିପାରେ। ଅନ୍ୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ଧନୁ** ପରିସ୍ଥିତି ପ୍ରତି ସଜାଗ ରହି କାମ କରିପାରିଲେ ଲକ୍ଷ୍ୟ ପୂରଣ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ବ୍ୟବସାୟ ଓ ପରିବହନରେ ଲାଭାଂଶ ବୃଦ୍ଧି ପାଇବ। ଚାକ୍ଷୁଷ ପ୍ରମାଣ ବ୍ୟତୀତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ସଫଳତା ହାସଲ କଲେ ମଧ୍ୟ ଋଣ ପରିଶୋଧ କରିପାରିବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ସାମୟିକ ମାନସିକ ଶାନ୍ତି ମିଳିବ। ମାନସିକ ଦ୍ୱନ୍ଦ୍ୱ ଲାଗି ରହୁଥିବାରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ଅଧିକାଂଶ ସମୟ ସ୍ୱାଭାବିକ ଦୁର୍ବଳତା ଅନୁଭବ କରିବା କାରଣରୁ କାର୍ଯ୍ୟଦକ୍ଷତା କମିକମି ଯିବ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅବଶ୍ୟ ସଫଳତା ମିଳିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**ମୀନ** ସ୍ଥଗିତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଅଫିସିଆଲି କାମରେ ଟେନସନ୍ ବଢ଼ିପାରେ। ଆପଣଙ୍କ ପାରିବାରିକ ଉତ୍କର୍ଷତା ପ୍ରତି ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ସାମାଜିକ ସ୍ତରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। କଚେରି ମାମଲା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବାର ଆଶା ରହିଛି।

ଆଜି ପାରମ୍ପରିକ ସିଂହ ସଂକ୍ରାନ୍ତି, ଅଗଷ୍ଟ ୧୭ ତାରିଖ, ଭାଦ୍ରବ କୃଷ୍ଣ ନବମୀ ରବିବାର। ବୈଷ୍ଣବସମ୍ମତ ନନ୍ଦୋତ୍ସବ, ଖୁଦୁରୁକୁଣୀ ଓଷା ଦ୍ୱିତୀୟପାଳି, ରାଶିନକ୍ଷତ୍ର–ରୋହିଣୀ/ବୃଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫/୩୧ ଗତେ ଘ.୦୩୪୪ ମଧ୍ୟେ, ଘ.୦୧୨୫ ଗତେ ଘ.୦୧୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୫ ଗତେ ଘ.୦୬।୧୦ ମଧ୍ୟେ ରାହୁକାଳ।

# ନିଯୁକ୍ତିଗତ ପରୀକ୍ଷା ଫର୍ମରେ ତୃତୀୟ ଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ବର୍ଗୀକରଣ କରାଯିବ

ଭୁବନେଶ୍ୱର, ୧୬।୮ (ସୁନିତ୍ ମିଶ୍ର)

ତୃତୀୟ ଲିଙ୍ଗୀଙ୍କ ପାଇଁ ରହିବ ସ୍ୱତନ୍ତ୍ର କ୍ୟାଟେଗୋରୀ। ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସବୁ ବିଭାଗର ଅତିରିକ୍ତ ସଚିବ, ପ୍ରମୁଖ ସଚିବ ଏବଂ ସଚିବମାନଙ୍କୁ ଶନିବାର ଚିଠି ଜାରି କରାଯାଇଛି। ଏସ୍ଏସ୍ଇପିଡି ବିଭାଗ ସଚିବ ଆର୍.ଏସ୍ ଗୋପାଳନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ସୁରକ୍ଷା ଅଧିକାର ଆଇନ ୨୦୧୯ ଅନୁଯାୟୀ ତୃତୀୟ ଲିଙ୍ଗୀଙ୍କ ନିଯୁକ୍ତି ଏବଂ ସେଥିଲାଗି ହେଉଥିବା ପରୀକ୍ଷା କ୍ଷେତ୍ରରେ ଯେଉଁ ଅସମନତା ରହିଛି ସେହି ନିୟମକୁ ସବୁ ବିଭାଗ ପରିବର୍ତ୍ତନ କରନ୍ତୁ। ତୃତୀୟ ଲିଙ୍ଗକୁ ସ୍ୱତନ୍ତ୍ର ବର୍ଗୀକରଣ କରାଯାଉ। ସବୁ ବିଭାଗ ନିଯୁକ୍ତିଗତ ପରୀକ୍ଷାର ଢାଞ୍ଚା ବଦଳାନ୍ତୁ । ରାଜ୍ୟ ସରକାରଙ୍କ ନିଯୁକ୍ତି ଫର୍ମରେ ତୃତୀୟ ଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ବର୍ଗୀକରଣ କରାନ୍ତୁ। ନିଯୁକ୍ତିଗତ ପରୀକ୍ଷାର ଉଭୟ ଅନ୍‌ଲାଇନ ଏବଂ ଅଫଲାଇନ୍ ଫର୍ମରେ ତୃତୀୟ ଲିଙ୍ଗୀଙ୍କ ଲାଗି କଲମ୍ କିମ୍ବା ବକ୍ସ ରହିବା ଜରୁରୀ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେମିତି ଦିଅଁକୁ ସେମିତି ପୂଜା; ବାଲି ଗରଡ଼ାକୁ ଚାଉଳ ଭଜା।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯିଏ ଯେମିତି ବ୍ୟବହାର ପାଇବାଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେଣେ ଇଚ୍ଛା ତେଣେ ଯା, କର୍ମ ଘେନି ବୁଲୁ ଥା।**

କର୍ମ ହିଁ ଜୀବନଯାତ୍ରାର ଅସଲ ସହଚର। ଯେଉଁଠି ରହିଲେ ବି କର୍ମ ଅନୁସାରେ ଫଳ ମିଳେ। କର୍ମ ଓ ଭାଗ୍ୟ ଏକାଠି ହେଲେ ଲୋକ ଐଶ୍ୱର୍ଯ୍ୟ ଭୋଗକରେ। ଯେତେ କର୍ମ କଲେ ମଧ୍ୟ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଆତ୍ମାହୁତି ନୁହେଁ, ...

ଯାଇଥିବାବେଳେ ପେଟ୍ରୋଲ ନିଆଁରେ ଜଳି ଯାଇଥିଲେ। ସ୍ୱାମୀ ଜଳି ଯାଉଥିବା ଦେଖି ବିଜୟଲକ୍ଷ୍ମୀ ରାସ୍ତାରେ ଦୌଡ଼ି ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ସାହାଯ୍ୟ ନିବେଦନ କରିଥିଲେ। ନିଆଁର ପ୍ରଭାବରେ ତାଙ୍କ ଶରୀରର ୮୦%ରୁ ଊର୍ଦ୍ଧ୍ୱ ଜଳିଯାଇଥିଲା। ଖବରପାଇ ସ୍ଥାନୀୟ ଲୋକେ ଏବଂ ପୋଲିସ ସହାୟତାରେ ଜ୍ୟୋତିରଞ୍ଜନଙ୍କୁ ପିସିଆର୍ ଭ୍ୟାନ୍‌ରେ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଭୋର ସମୟରେ ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ଘଟିଛି। ତେବେ ଜ୍ୟୋତିରଞ୍ଜନଙ୍କୁ ମେଡିକାଲ ନିଆଯିବା ପୂର୍ବରୁ ସେ ଏକ ଭିଡିଓରେ ଜମିଜମା ବିବାଦକୁ କେନ୍ଦ୍ର କରି ବାପା, ଭାଇ ଓ ସାବତ ମା' ତାଙ୍କୁ ପେଟ୍ରୋଲ ଢାଳି ମାରିଦେବାକୁ ଯୋଜନା କରି ଏଭଳି କାଣ୍ଡ ଭିଆଇଛନ୍ତି । ଏପରି କି ତାଙ୍କ ନାମରେ କୌଣସି ଜମି ନାହିଁ ବୋଲି ଜ୍ୟୋତିରଞ୍ଜନ କହୁଥିବା ଶୁଣିବାକୁ ମିଳିଛି। ଜ୍ୟୋତିରଞ୍ଜନଙ୍କ ସ୍ତ୍ରୀ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ସ୍ତ୍ରୀ ବିଜୟଲକ୍ଷ୍ମୀଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ. ୩୮୭/୨୫) ରୁଜୁ କରି ବାପା ସୁରେନ୍ଦ୍ର, ସାବତ ଭାଇ ପ୍ରଶାନ୍ତ ଓ ସାବତ ମା' ପ୍ରଭାତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ପରେ ଏସିପି ଅଭିମନ୍ୟୁ ନାୟକ କହିଛନ୍ତି, ପ୍ରଥମେ ଆତ୍ମାହୁତି ଉଦ୍ୟମ ଅଭିଯୋଗରେ ଏକ ମାମଲା ରୁଜୁ ହୋଇଥିଲା। ହେଲେ ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ପରେ ଭାଇରାଲ୍ ହେଉଥିବା ଭିଡିଓ, ଚିକିତ୍ସାଧୀନ ଅବସ୍ଥାରେ ସେ ଦେଇଥିବା ବୟାନରେ ସମାନ ତଥ୍ୟ ମିଳିବା ଏବଂ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ଉକ୍ତ ମାମଲାକୁ ହତ୍ୟା ଦଫାରେ ରୂପାନ୍ତରିତ କରାଯାଇ ବାପା, ସାବତ ମା' ଏବଂ ଭାଇଙ୍କୁ ଗିରଫ କରାଯାଇଥିବା କହିଛନ୍ତି। ଅପରପକ୍ଷରେ ଶନିବାର ଜ୍ୟୋତିରଞ୍ଜନଙ୍କ ସ୍ତ୍ରୀ ଓ ଛୋଟ ପୁଅକୁ ନ୍ୟାୟ ଓ ଆର୍ଥିକ ସହାୟତା ଦେବାପାଇଁ କଂଗ୍ରେସ ଓ ଅନ୍ୟାନ୍ୟ ସଂଗଠନ ଏବଂ ସ୍ଥାନୀୟ ଜନସାଧାରଣ ପକ୍ଷରୁ ବାଲିପାଟଣା ଛକରେ ମୃତଦେହ ରଖି ଦାବି କରାଯାଇଥିଲା। ପ୍ରାୟ ଦୁଇ ଘଣ୍ଟା ବାଲିପାଟଣା –ଭୁବନେଶ୍ୱର ରାସ୍ତା ଅବରୋଧ ଥିଲା। ସରକାରୀ ନିୟମ ଅନୁସାରେ ଯାହା ସହାୟତା ସୁବିଧା ଅଛି ତାହା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହକୁ ଜ୍ୟୋତିରଞ୍ଜନଙ୍କ ଜେଜେଙ୍କ ପୈତୃକ ଗ୍ରାମ କାକଟପୁର ନିଆଯାଇ ସତ୍କାର କରାଯାଇଛି।

### ବିଭାଜନ ପାଇଁ କଂଗ୍ରେସ ...

ସେଥିରେ ଆହୁରି ଉଲ୍ଲେଖ ରହିଛି ଯେ, ଦେଶ ବିଭାଜନ ପରେ କଶ୍ମୀର ଏକ ନୂଆ ସମସ୍ୟା ଭାବେ ଉଭା ହୋଇଥିଲା, ଯାହାକି ଭାରତରେ ପୂର୍ବରୁ କେବେ ନ ଥିଲା। ଏହା ଦେଶର ବୈଦେଶିକ ନୀତି ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। କଶ୍ମୀର ପ୍ରସଙ୍ଗ ନାମରେ କେତେକ ଦେଶ ପାକିସ୍ତାନକୁ ସହାୟତା ପ୍ରଦାନ ଜାରି ରଖିବା ସହ ଭାରତ ଉପରେ ଚାପ ପକାଇଥିଲେ ବୋଲି ନୂଆ ମଡ୍ୟୁଲ୍‌ରେ ଉଲ୍ଲେଖ ରହିଛି। ତେବେ ଏହି ମଡ୍ୟୁଲ ପ୍ରକାଶ ପାଇବା ପରେ ବିବାଦ ମୁଣ୍ଡ ଟେକିଛି। ଏହାକୁ ପୋଡ଼ିଦିଆଯିବା ଆବଶ୍ୟକ ବୋଲି କଂଗ୍ରେସ କହିଛି। ପ୍ରକାଶିତ ମଡ୍ୟୁଲ୍ ବିଭ୍ରାନ୍ତିକର ବୋଲି କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା କହିଛନ୍ତି। ନୂଆ ମଡ୍ୟୁଲରେ ଉଲ୍ଲେଖ ରହିଛି, ଭୁଲ୍ ବିଚାରଧାରା ଯୋଗୁ ଭାରତ ବିଭାଜନ ହୋଇଥିଲା। ୧୯୪୦ରେ ଲାହୋରଠାରେ ଭାରତୀୟ ମୁସଲମାନମାନଙ୍କ ଦଳ ମୁସ୍‌ଲିମ୍ ଲିଗ୍‌ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହାର ନେତା ମହମ୍ମଦ ଅଲି ଜିନ୍ନା କହିଥିଲେ, ହିନ୍ଦୁ ଏବଂ ମୁସଲମାନ୍‌ଙ୍କର ଦୁଇ ଭିନ୍ନ ଧର୍ମୀୟ ଦର୍ଶନ, ସାମାଜିକ ପ୍ରଥା ଓ ଭାଷା ରହିଛି। 'ବିଭାଜନର ଅପରାଧୀଗଣ' ଶୀର୍ଷକରେ ଉକ୍ତ ମଡ୍ୟୁଲରେ କୁହାଯାଇଛି, 'ଶେଷରେ ୧୯୪୭ ଅଗଷ୍ଟ ୧୫ରେ ଭାରତ ବିଭାଜିତ ହୋଇଥିଲା। ତେବେ ଏହା କୌଣସି ଜଣେ ବ୍ୟକ୍ତିଙ୍କ କାର୍ଯ୍ୟ ନ ଥିଲା। ଭାରତ ବିଭାଜନ ପାଇଁ ୩ଟି ତତ୍ତ୍ୱ ଦାୟୀ: ଜିନ୍ନା, ଯିଏ ଏଥିପାଇଁ ଦାବି କରିଥିଲେ, ଦ୍ୱିତୀୟରେ କଂଗ୍ରେସ, ଯିଏ ଏହାକୁ ଗ୍ରହଣ କରିଥିଲା ଏବଂ ତୃତୀୟରେ ମାଉଣ୍ଟବାଟେନ୍, ଯିଏ ଏହାକୁ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ମାଉଣ୍ଟବାଟେନ୍ ସବୁଠୁ ବଡ଼ ଦୋଷୀ ପ୍ରମାଣିତ ହୋଇଛନ୍ତି।' ସେ କ୍ଷମତା ହସ୍ତାନ୍ତର ତାରିଖ ୧୯୪୮ ଜୁନ୍‌ରୁ ୧୯୪୭ ଅଗଷ୍ଟକୁ ଆଗୁଆ ନିର୍ଦ୍ଧାରଣ କରିଥିଲେ। ପ୍ରତ୍ୟେକ ଏଥିରେ ସହମତ ଦେବାକୁ ସେ ପ୍ରବର୍ତ୍ତାଇଥିଲେ। ତେଣୁ ବିଭାଜନ ପୂର୍ବରୁ ସମ୍ପୂର୍ଣ୍ଣ ବିଭାଜନ ହୋଇପାରି ନ ଥିଲା। ବିଭାଜନ ସୀମା ନିର୍ଦ୍ଧାରଣ ମଧ୍ୟ ତରବରିଆ ଭାବେ କରାଯାଇଥିଲା। ସେଥିପାଇଁ ସାର୍ ସିରିଲ୍ ରେଡ୍‌କ୍ଲିଫ୍‌ଙ୍କୁ ମାତ୍ର ୫ ସପ୍ତାହ ସମୟ ଦିଆଯାଇଥିଲା।

ଏପରିକି ୧୯୪୭ ଅଗଷ୍ଟ ୧୫ର ୨ ଦିନ ପରେ ମଧ୍ୟ ପଞ୍ଜାବର ଅନେକ ଲକ୍ଷ ଲୋକ ଜାଣି ନ ଥିଲେ, ସେମାନେ ଭାରତରେ ନା ପାକିସ୍ତାନରେ। ଏଭଳି ଶୀଘ୍ରତା ଅତ୍ୟନ୍ତ ଦାୟିତ୍ୱହୀନତା କାର୍ଯ୍ୟ ଥିଲା ବୋଲି ମଡ୍ୟୁଲରେ ଉଲ୍ଲେଖ ରହିଛି। ସେଥିରେ ଆହୁରି କୁହାଯାଇଛି ଯେ, ଯଦିଓ ଜିନ୍ନାଙ୍କୁ ବିଭାଜନ ପାଇଁ ଦୋଷ ଦିଆଯାଇଛି, ତଥାପି ଏହା ହେବ ଏବଂ ସେ ନିଜ ଜୀବଦ୍ଦଶାରେ ପାକିସ୍ତାନ ଦେଖିବେ ବୋଲି କଦାପି ଚିନ୍ତା କରି ନ ଥିବା କହିଥିଲେ। ଦେଶ ବିଭାଜନ ହେବା ସେ ଆଶା କରି ନ ଥିଲେ ବୋଲି ଜିନ୍ନା ପରବର୍ତ୍ତୀ ସମୟରେ ସ୍ୱୀକାର ମଧ୍ୟ କରିଥିଲେ। ଏକଥା ସେ ତାଙ୍କ ସହଯୋଗୀଙ୍କୁ କହିଥିଲେ।

ମଡ୍ୟୁଲରେ ଉଲ୍ଲେଖ ରହିଛି ଯେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଥିଲେ, ଦେଶର ସ୍ଥିତି ବିସ୍ଫୋରକ ହୋଇଯାଇଛି। ଭାରତ ଏକ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି ଏବଂ ଏକ ଗୃହଯୁଦ୍ଧ ହେବା ଅପେକ୍ଷା ବିଭାଜନ ଭଲ ହେବ। ମହାତ୍ମା ଗାନ୍ଧୀଙ୍କ ଆଭିମୁଖ୍ୟ ସମ୍ପର୍କରେ ନୂଆ ମଡ୍ୟୁଲରେ ଉଲ୍ଲେଖ ରହିଛି, ସେ ବିଭାଜନକୁ ବିରୋଧ କରୁଥିଲେ, କିନ୍ତୁ ହିଂସା ମାଧ୍ୟମରେ କଂଗ୍ରେସର ନିଷ୍ପତ୍ତିକୁ ପ୍ରତିରୋଧ କରି ନ ଥିଲେ। ସେ ବିଭାଜନର ଏକ ପକ୍ଷ ହୋଇପାରିବେ ନାହିଁ, କିନ୍ତୁ ହିଂସାର ସହ ଏହାକୁ ଗ୍ରହଣ କରିବାରୁ କଂଗ୍ରେସକୁ ଅଟକାଇବେ ନାହିଁ ବୋଲି କହିଥିଲେ।

ଏନ୍‌ସିଇଆର୍‌ଟି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଗୋଟିଏ ମଡ୍ୟୁଲ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ୟ ଏକ ମଡ୍ୟୁଲ ପ୍ରକାଶ କରିଛି। ଏହାକୁ ନିୟମିତ ପାଠ୍ୟପୁସ୍ତକର ଅଂଶବିଶେଷ କରା ନ ଯାଇ ଇଂଲିଶ ଓ ହିନ୍ଦୀରେ ଅତିରିକ୍ତ ବିଷୟବସ୍ତୁ ଭାବେ ରଖାଯାଇଛି, ଯାହାକୁ ପ୍ରୋଜେକ୍ଟ, ପୋଷ୍ଟର, ଆଲୋଚନା ଓ ବିତର୍କ ଜରିଆରେ ବ୍ୟବହାର ପାଇଁ ରଖାଯାଇଛି। ଉଭୟ ମଡ୍ୟୁଲ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୨୧ର ବାର୍ତ୍ତା ସହ ଆରମ୍ଭ ହୋଇଛି, ଯେଉଁଥିରେ ସେ ବିଭାଜନ ଆତଙ୍କ ସ୍ମରଣ ଦିବସ ପାଳନ ସମ୍ପର୍କରେ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ Xରେ ଲେଖିଥିବା ବାର୍ତ୍ତାର ଉଦ୍ଧୃତାଂଶ ଉଲ୍ଲେଖ ରହିଛି। ତାହା ହେଲା, 'ବିଭାଜନର ଯନ୍ତ୍ରଣା କଦାପି ଭୁଲି ହେବ ନାହିଁ। ଆମର ଅନେକ ନିୟୁତ ଭଉଣୀ ଭାଇ ବିସ୍ଥାପିତ ହୋଇଥିଲେ। କିଛି ନ ବୁଝି ଘୃଣା ଓ ହିଂସାକାଣ୍ଡ ଯୋଗୁ ଅନେକଙ୍କ ଜୀବନ ଯାଇଥିଲା। ସେହି ସଂଘର୍ଷ ଓ ଆମ ଲୋକମାନଙ୍କ ବଳିଦାନର ସ୍ମରଣ ପାଇଁ ଅଗଷ୍ଟ ୧୪କୁ ବିଭାଜନ ଆତଙ୍କ ସ୍ମରଣ ଦିବସ ଭାବେ ପାଳନ ହେବ'।

### ଧାର୍ଯ୍ୟ ହେଲା ...

ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ପଣ୍ଡିତ ମହାସଭାରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ପଣ୍ଡିତ ଓ ଜ୍ୟୋତିଷମାନେ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ପଣ୍ଡିତମାନେ ନକ୍ଷତ୍ର ଗଣନା କରି ଲଗ୍ନ ଧାର୍ଯ୍ୟ କରିଥିଲେ। ସାମୂହିକ ପଣ୍ଡିତ ଓ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସର୍ବସମ୍ମତିକ୍ରମେ ଧାର୍ଯ୍ୟଲଗ୍ନକୁ ପ୍ରଥମେ ବ୍ରହ୍ମପୁରା ଠାକୁରଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ ସଞ୍ଜୟ କୁମାର ମିଶ୍ର ଧାର୍ଯ୍ୟଲଗ୍ନକୁ ସର୍ବସାଧାରଣରେ ପାଠ କରିଥିଲେ। ଏହାପରେ ସମବେତ ପଣ୍ଡିତ, ଜ୍ୟୋତିଷ, ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ଓ ସଭ୍ୟମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଗୋଧୂଳି ଲଗ୍ନରେ ସମଲେଇ ମନ୍ଦିରରେ ପହଞ୍ଚିଥିଲେ। ଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ନୂଆଁଖାଇ ଲଗ୍ନ ଅର୍ପଣ କରିଥିଲେ। ସମଲେଇ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ସମେତ ପୂଜକମାନେ ଲଗ୍ନ ପରମ୍ପରାନୁସାରେ ଗ୍ରହଣ କରିଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଭ୍ୟ ସରୋଜ କୁମାର ଦଳପତ, ଶ୍ରୀମନ୍ତ ମିଶ୍ର, ସୁଶାନ୍ତ କୁମାର ପୁରୋହିତ, ମିଲୁ ପାଣିଗ୍ରାହୀ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥ ସାରଥି ମିଶ୍ର, ଶୁଭେନ୍ଦ୍ର କୁମାର ପଣ୍ଡା, ଅଭିଷେକ ମିଶ୍ର, ପ୍ରବୀଣ କୁମାର ଦୀକ୍ଷିତଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀଶ୍ରୀ ବ୍ରହ୍ମ ପଣ୍ଡିତ ମହାସଭା ସଭାପତି ରବିନାରାୟଣ ପଣ୍ଡା, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର କରଶର୍ମା, ପଣ୍ଡିତ ଜିତେନ୍ଦ୍ର କୁମାର ନନ୍ଦ, ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ମହେଶ୍ୱର ନାୟକ, ପଣ୍ଡିତ ସରିତ କୁମାର ପାଢ଼ୀ, ପଣ୍ଡିତ ଗୋପୀନାଥ ପଣ୍ଡା, ପଣ୍ଡିତ ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳର ପଣ୍ଡିତମାନେ ସାମିଲ ଥିଲେ ।

### ୧୨ ନୂଆ ଏନ୍‌ଏସି ...

ଓ ବସ୍ତା, ମୟୂରଭଞ୍ଜ ଜିଲାର ବେତନଟୀ, ବାଙ୍ଗିରିପୋଷି ଓ ଚିତ୍ରଡ଼ା, ରାୟଗଡ଼ା ଜିଲାର ବିଷମକଟକ, ସମ୍ବଲପୁର ଜିଲାର ରେଙ୍ଗାଲି ଓ ବାମରା, ଭଦ୍ରକ ଜିଲାର ତିହିଡ଼ି ଓ ଧୁସୁରୀ ଏହି ତାଲିକାରେ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଗଣମାଧ୍ୟମକୁ କହିଥିଲେ, ଉନ୍ନତ ଭିତ୍ତିଭୂମି ଓ ସହରୀକରଣ ବିକାଶକୁ ଗୁରୁତ୍ୱ ଦେଇ ରାଜ୍ୟରେ ଆଉ ୨୧ଟି ନୂତନ ଏନ୍‌ଏସି ସ୍ଥାପନ ହେବ। ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲୋକଙ୍କ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୧ ନୂଆ ଏନ୍‌ଏସି ପ୍ରତିଷ୍ଠା ସହ ରାସ୍ତା, ବନ୍ଦର ନିର୍ମାଣ ସମେତ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ ସହରାଞ୍ଚଳ ବିକାଶ ଏବଂ ଶିଳ୍ପାଞ୍ଚଳ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ।




# ମାଟ୍ରିକ୍ ସପ୍ଲିମେଣ୍ଟାରି ପାସ୍ ହାର ୫୬.୨୩%

**କଟକ,୧୬।୮(କାର୍ତ୍ତିକ ସାହୁ)**

## ରାଜ୍ୟ ମୁକ୍ତ ବିଦ୍ୟାଳୟ: ୫୫.୨୬%

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କ ପାସ୍ ହାର ୫୬.୨୩% ହୋଇଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍ www.bseodisha.ac.inରୁ ସେମାନଙ୍କ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ। ଏଥିସହ ମୋବାଇଲ ଏସ୍‌ଏମ୍‌ଏସ୍ ଜରିଆରେ OR10<Roll no> ଲେଖି 5676750କୁ ପଠାଇଲେ ପରୀକ୍ଷାଫଳ ମିଳିବ। ସାରା ରାଜ୍ୟରୁ ମୋଟ ୩୪୫୭ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୪୭୪ ଜଣ ପରୀକ୍ଷା ଦେଇ ନ ଥିଲେ। ମୋଟ ୧୯୪୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ଏ୨ ଗ୍ରେଡ୍‌ରେ ୩ଜଣ, ବି୧ ଗ୍ରେଡ୍‌ରେ ୧୪, ବି୨ ଗ୍ରେଡ୍‌ରେ ୩୯, ସି ଗ୍ରେଡ୍‌ରେ ୧୧୩, ଡି ଗ୍ରେଡ୍‌ରେ ୨୭୬, ଇ ଗ୍ରେଡ୍‌ରେ ୫୨୩ ଏବଂ କମ୍ପାର୍ଟମେଣ୍ଟରେ ୯୭୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ତେବେ ୧୦୩୮ଜଣ ଅକୃତକାର୍ଯ୍ୟ ହୋଇଥିବା ବେଳେ ଜଣେ ମାଲପ୍ରାକ୍ଟିସ ହୋଇଛନ୍ତି।

ସେହିପରି ଏକ ସଙ୍ଗେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇଛି। ଏଥିରେ ପାସ୍ ହାର ୫୫.୨୬% ହୋଇଛି। ସମଗ୍ର ରାଜ୍ୟରୁ ମୋଟ ୧୦୮୦୯ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ତନ୍ମଧ୍ୟରୁ ୬୨୫ ଜଣ ପରୀକ୍ଷା ଦେଇ ନ ଥିଲେ। ମୋଟ ୫୯୭୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ଏ୨ ଗ୍ରେଡ୍‌ରେ ୧୩ଜଣ, ବି୧ ଗ୍ରେଡ୍‌ରେ ୨୩୨, ବି୨ ଗ୍ରେଡ୍‌ରେ ୭୨୩, ସି ଗ୍ରେଡ୍‌ରେ ୧୭୩୮, ଡି ଗ୍ରେଡ୍‌ରେ ୨୦୭୫, ଇ ଗ୍ରେଡ୍‌ରେ ୧୧୯୨ କୃତକାର୍ଯ୍ୟ ହୋଇଛନ୍ତି। ତେବେ ୪୧୪୦ଜଣ ଅକୃତକାର୍ଯ୍ୟ ହୋଇଥିବା ବେଳେ ୪୬ଜଣ ମାଲପ୍ରାକ୍ଟିସ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ବୋର୍ଡ ୱେବସାଇଟ୍‌ରୁ ଅଗଷ୍ଟ ୧୮ରୁ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ। ସେହିପରି ହାଇସ୍କୁଲର ମୁଖ୍ୟମାନେ ଟାବୁଲେଶନ ରେଜିଷ୍ଟର ଶନିବାର ସନ୍ଧ୍ୟା ୭ଟାରୁ ଡାଉନଲୋଡ୍ କରିପାରିବେ। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ବୋର୍ଡ ମୁଖ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ଉପ ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା, ଏଷ୍ଟାବ୍ଲିସମେଣ୍ଟ ଅଫିସର ବୁଲବୁଲ ବେହେରା, ବିଦାୟୀ ପରୀକ୍ଷା ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଉଛନ୍ତି।

# ୧୮ରେ ଲଘୁଚାପ

**ଭୁବନେଶ୍ୱର,୧୬।୮ (ଅନୁରାଧା ମହାରଣା)**

ରାଜ୍ୟରେ ଲଘୁଚାପଜନିତ ମୌସୁମୀ ବର୍ଷା ହେଉଛି। ତେବେ ଆସନ୍ତା ୧୮ ତାରିଖ ବେଳକୁ ଉତ୍ତରପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୧୭ ତାରିଖରେ ବିଭିନ୍ନ ଜିଲାକୁ ବର୍ଷା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ଉପକୂଳ, ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସହିତ ଗଭୀର ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

ରବିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଥିବାବେଳେ ବଜ୍ରପାତ ପାଇଁ ସତର୍କ ସୂଚନା ଦିଆଯାଇଛି। ୧୮ରୁ ବର୍ଷା ବଢ଼ିବା ସମ୍ଭାବନା ଥିବାବେଳେ କୋରାପୁଟ ଓ ମାଲକାନଗିରିକୁ ଅରେଞ୍ଜ ୱାର୍ନିଂ ରହିଛି। ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି।

# ବିକାଶର ନୂଆ ଯାତ୍ରାରେ ସାମିଲ ହୋଇଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୮(ବନ୍ଦନା ସେଠୀ)**

## ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ



ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପରେଡରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିବାଦନ ଗ୍ରହଣ କରୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଡିଜିପି ୱାଇ.ବି. ଖୁରାନିଆ ଉପସ୍ଥିତ ଅଛନ୍ତି।

ସ୍ୱାଧୀନତା ଦିବସ ପାଳନ ଏକ ପ୍ରତୀକାତ୍ମକ ଉତ୍ସବ ନୁହେଁ। ଆଜିର ଦିନ ଆମକୁ କଷ୍ଟଲବ୍ଧ ସ୍ୱାଧୀନତା ବିଷୟରେ ସଚେତନ କରିବା ସହିତ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ରାଜଧାନୀ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ କହିଲେ, ଆତଙ୍କବାଦ ବିରୋଧରେ ଦେଶର ନୀତି ଆହୁରି ଦୃଢ଼ ଓ କଠୋର ହୋଇଛି। ଗତ ୧୪ ମାସ ହେବ ଓଡ଼ିଶା ବିକାଶର ଏକ ନୂଆ ଯାତ୍ରାରେ ସାମିଲ ହୋଇଛି। କୃଷି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧ କୋଟି ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯାଉଛି। ଶିଳ୍ପନୀତିରେ ଆମୂଳଚୂଳ ପରିବର୍ତ୍ତନ କରାଯାଇ ପୁଞ୍ଜିନିବେଶ କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିଛି। ୧୭ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଥିବାବେଳେ ୧୩ଲକ୍ଷ ନିଯୁକ୍ତି ସୁଯୋଗ ପୂର୍ବର ସବୁ ରେକର୍ଡ ଭାଙ୍ଗି ଦେଇଛି। ଗତ ୬/୭ମାସ ମଧ୍ୟରେ ଓଡ଼ିଶାରେ ୬୦ରୁ ଅଧିକ ଶିଳ୍ପ ସ୍ଥାପନ କରାଯାଇ ୧ଲକ୍ଷ ୮୦ହଜାର କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ କରାଯାଇ ୧ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରାଯାଇଛି। ଓଡ଼ିଶା ୨୦୩୬ ସୁଦ୍ଧା ଭାରତର ଶ୍ରେଷ୍ଠ ୫ ଅର୍ଥନୀତିରେ ପ୍ରବେଶ କରିବାକୁ ଯାଉଛି। ଓଡ଼ିଶାକୁ ଔଷଧ ଏବଂ ସେମିକଣ୍ଡକ୍ଟର ଉତ୍ପାଦନର ଏକ ପ୍ରମୁଖ କେନ୍ଦ୍ରରେ ପରିଗଣିତ କରାଯିବା ସହ ୩.୫ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ବାତାବରଣ ପ୍ରଦାନ କରିବା ପାଇଁ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଲାଗୁ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଯୁକ୍ତି କ୍ଷେତ୍ରରେ ପ୍ରାରମ୍ଭିକ ୬୫ହଜାର ଲକ୍ଷ୍ୟକୁ ଅତିକ୍ରମ କରି ୨ବର୍ଷ ମଧ୍ୟରେ ୮୫ହଜାର ସରକାରୀ ପଦବୀ ପୂରଣ ହେବାକୁ ଯାଉଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଭିତ୍ତିଭୂମି, ପରିବେଶ, ଐତିହ୍ୟ, ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ସରକାର ଧ୍ୟାନଦେବାପୂର୍ବକ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ୨୦୩୬କୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ସରକାର ୩୬ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

ସମ୍ମିଳିତ ପରେଡରେ ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିୟନ, ସୀମା ସୁରକ୍ଷା ବଳ, ସିଆର୍‌ପିଏଫ୍, ଆଇଟିବିପି, ଏସ୍‌ଓଜି ଚନ୍ଦକା, ଆନ୍ଧ୍ରପ୍ରଦେଶ ସଶସ୍ତ୍ର ପୋଲିସ ବାହିନୀ, ଭୁବନେଶ୍ୱରସ୍ଥିତ ବିଭିନ୍ନ ସ୍କୁଲର ଏନ୍‌ସିସି, ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ, ରେଡ୍‌କ୍ରସ ଆଦି ୫୦ ପ୍ଲାଟୁନ ଯୋଗଦେଇଥିଲେ। ଭାରତୀୟ ପୋଲିସ ସେବା ଅଧିକାରୀ ଅନନ୍ୟା ଅବସ୍ଥି ପରେଡ୍ ପରିଚାଳନା କରିଥିଲେ। ଏହି ଅବସରରେ ଗତ ଜାନୁଆରୀ ୨୬ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେଇ ଶ୍ରେଷ୍ଠ ବିବେଚିତ ପ୍ଲାଟୁନମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। 'ସର୍ବୋତ୍ତମ ୟୁନିଫର୍ମ ସଶସ୍ତ୍ର ବାହିନୀ' ଭାବେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ, 'ଶ୍ରେଷ୍ଠ ରାଜ୍ୟ ସଶସ୍ତ୍ର ପ୍ଲାଟୁନ୍' ଭାବେ ଭୁବନେଶ୍ୱର ଚନ୍ଦକାର ଏସ୍‌ଓଜି, ଏନ୍‌ସିସିରେ ଶ୍ରେଷ୍ଠ ସିନିୟର ବିଭାଗରେ ଏନ୍‌ସିସି ବାଳକ ଓ ବାଳିକା ପ୍ଲାଟୁନ, ଶ୍ରେଷ୍ଠ କନିଷ୍ଠ ଏନ୍‌ସିସି ବିଭାଗରେ ସୈନିକ ସ୍କୁଲ ଭୁବନେଶ୍ୱର ଓ ଶ୍ରେଷ୍ଠ ଅଣ-ଏନ୍‌ସିସି ବାଳକ ବିଭାଗରେ ବିଜେଇଏମ୍ ସ୍କୁଲ ଓ ବାଳିକା ବିଭାଗରେ ବିଜେଇଏମ୍ ସ୍କୁଲ ଭୁବନେଶ୍ୱର, ଶ୍ରେଷ୍ଠ ସ୍କୁଲ ବ୍ୟାଣ୍ଡ୍‌ରେ କ୍ୟାପିଟାଲ ଗର୍ଲସ୍ ହାଇସ୍କୁଲ ୟୁନିଟ୍-୨ ପୁରସ୍କୃତ ହୋଇଛି। ସେହିପରି ସାଧାରଣତନ୍ତ୍ର ଦିବସରେ ଭାଗ ନେଇଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର 'ଜିଆଇ ଟ୍ୟାଗ୍ ଉତ୍ପାଦ' ପ୍ରଥମ ପୁରସ୍କାର ପାଇଥିବାବେଳେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ସହରାଞ୍ଚଳ ପରିବହନ' ପାଇଁ ଦ୍ୱିତୀୟ ପୁରସ୍କାର ପାଇଥିଲା। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର 'ମଲ୍ଟିମୋଡାଲ ଟ୍ରାନ୍ସପୋର୍ଟ' ତୃତୀୟ ପୁରସ୍କାର ପାଇଥିଲା।

ଉତ୍ସବରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୋଲିସ ଡିଜି ୱାଇ ବି ଖୁରାନିଆ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ଓ ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ମାଟି ତଳୁ ବାହାରିଲା ହାତୀ କଙ୍କାଳ

**କେନ୍ଦୁଝର,୧୬।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

## ■ ବାର୍‌ହା ବିଦ୍ୟୁତ୍ ଫାଶରେ ପଡ଼ି ହୋଇଥିଲା ମୃତ୍ୟୁ

କେନ୍ଦୁଝର ବନ ବିଭାଗ ହାତୀଦାନ୍ତ କାରବାର ଅଭିଯୋଗରେ ୧୧ ଜଣଙ୍କୁ ଗିରଫ କରିବା ପରେ ହାତୀ ମୃତ୍ୟୁର ରହସ୍ୟ ଉନ୍ମୋଚନ କରିଛି। ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଛନ୍ଦିହୋଇ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ଅଭିଯୁକ୍ତମାନେ ଦାନ୍ତ କାଟିନେବା ପରେ ହାତୀ ମୃତଦେହ ମାଟି ଖୋଳି ପୋତିଦେଇଥିଲେ। ବନ ବିଭାଗ ତଦନ୍ତ ଚଳାଇ ଶନିବାର ପୋତା ସ୍ଥାନରୁ ମାଟି ଖୋଳି ମୃତ ହାତୀର କଙ୍କାଳ ଉଦ୍ଧାର କରିଛି। ପୂର୍ବରୁ ବନ ବିଭାଗ ୫.୮୦ କେଜିର ହାତୀଦାନ୍ତ ଜବତ କରିଥିଲା।

ଗତ ସପ୍ତାହରେ ବନ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ହାତୀଦାନ୍ତ ଜବତ କରିଥିଲା। ହାତୀଦାନ୍ତ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ବୟାନ ଆଧାରରେ ପରେ ଆଉ ୯ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ତେଲକୋଇ-ପାଲଲହଡ଼ା ସୀମାନ୍ତ ଡେରି ଗ୍ରାମ ନିକଟରେ ୩ ବର୍ଷ ପୂର୍ବେ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ। ଉକ୍ତ ବିଦ୍ୟୁତ୍ ତାର ଲାଗି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ସେମାନେ ହାତୀର ଦାନ୍ତ କାଟି ସେଠାରେ ପୋତିଦେଇଥିଲେ। ବଣାଇ ଡିଭିଜନରେ ଏକ ହାତୀ ଶିକାର ହୋଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ସୂଚନା ଆଧାରରେ ବନ ବିଭାଗ ଅଧିକାରୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ଖୋଳି ମୃତଦେହ ବାହାର କରିଥିଲେ। କଙ୍କାଳ ସମେତ ଦାନ୍ତର ଏକ ଅଂଶ ମଧ୍ୟ ଜବତ ହୋଇଛି। ଜବତ ସାମଗ୍ରୀକୁ ଅଧିକ ପରୀକ୍ଷା ପାଇଁ ସଂରକ୍ଷିତ ରଖାଯାଇଥିବା ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି। ଶନିବାର ବନ ବିଭାଗ ପଚରାଉଚରା ପାଇଁ ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଛି।

# ବେକରେ ଚପଲମାଳ ପକାଇ ମହିଳାଙ୍କୁ ଗାଁ ବୁଲାଇଲେ

**ବଣ୍ଡା,୧୬।୮(ପରିକ୍ଷିତ ସାହୁ)**

## ଋଣ ଟଙ୍କା ଶୁଝି ପାରିଲେନି

ଗାଁ ପାଣ୍ଠିରୁ ଋଣ ନେଇ ଶୁଝି ନ ପାରିବାରୁ ଜଣେ ମହିଳାଙ୍କ ବେକରେ ଚପଲମାଳ ପକାଯାଇ ଗାଁ ବୁଲାଯାଇଛି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଗୁରୁବାର ଘଟିଛି ଏପରି ଏକ ଅଭାବନୀୟ ଘଟଣା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ପୋଲିସ କହିଛି, ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳା ତାଙ୍କ ଗ୍ରାମ ପାଣ୍ଠିରୁ ବର୍ଷେ ତଳେ କିଛି ଟଙ୍କା ଋଣ ଆଣିଥିଲେ। ହେଲେ ଉକ୍ତ ଋଣ ମହିଳା ଜଣଙ୍କ ଶୁଝିପାରି ନ ଥିଲେ। ଏ ନେଇ ଗୁରୁବାର ଗ୍ରାମରେ ଏକ ବୈଠକ ବସିଥିଲା। ବୈଠକରେ ଉପସ୍ଥିତ କେତେଜଣ ମହିଳା ଋଣ ନେଇଥିବା ମହିଳାଙ୍କୁ ୩୦ ପ୍ରତିଶତ ସୁଧ ସହ ଋଣ ଟଙ୍କା ମାଗିଥିଲେ। ଏତେ ଟଙ୍କା ଦେବା ତାଙ୍କ ପକ୍ଷେ ସମ୍ଭବପର ହୋଇପାରିବ ନାହିଁ ବୋଲି ମହିଳା ଜଣକ କହିଥିଲେ। ସମସ୍ତ ଟଙ୍କା ନ ଦେଲେ ଚପଲମାଳ ପିନ୍ଧାଯାଇ ଗାଁ ବୁଲାଯିବ ବୋଲି ବୈଠକରେ ଉପସ୍ଥିତ ମହିଳାମାନେ କହିବାରୁ ମହିଳା ଜଣକ ସମସ୍ତ ଟଙ୍କା ଶୁଝି ଦେବାକୁ ରାଜି ହୋଇଥିଲେ। ହେଲେ ବର୍ତ୍ତମାନ ସମସ୍ତ ଟଙ୍କା ଦେବାକୁ ମହିଳାମାନେ ଅଡ଼ି ବସିଥିଲେ। ଏହି ସମୟରେ ଜଣେ ମହିଳା ଏକ ଚପଲମାଳ ଆଣି ଋଣ ନେଇଥିବା ମହିଳାଙ୍କ ବେକରେ ପକାଇ ଦେଇଥିଲେ। ଏହାପରେ ତାଙ୍କୁ ଗ୍ରାମରେ ବୁଲାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ହଣ୍ଡପା ଥାନା ଆଇଆଇସି ନମିତା ନାୟକ କହିଛନ୍ତି, ଅଭିଯୋଗ ମିଳିବା ପରେ ନମ୍ବର ୩୧୦/୨୫ରେ ଏକ ମାମଲା ରୁଜୁ ସହ ତଦନ୍ତ କରାଯାଉଛି। ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।













ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ- ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। -ଶ୍ରୀଅରବିନ୍ଦ



# ଅନାବଶ୍ୟକ ଆଇନ



**ଆକାର ପଟେଲ**

ଚଳିତ ମାସରେ ଆମେ ସ୍ୱାଧୀନତା ଦିବସ ପାଳନ କଲୁ। ଏହା ହେଉଛି ଆମ ସ୍ୱାଧୀନତା ସଂଗ୍ରାମର ପରାକାଷ୍ଠା। ବିଦେଶୀ ଶାସନ ଏବଂ ଦମନକାରୀ ଆଇନଗୁଡ଼ିକରୁ ଆମକୁ ସ୍ୱାଧୀନତା ଓ ସ୍ୱତନ୍ତ୍ରତା ମିଳିଛି। ତେବେ ସ୍ୱାଧୀନ ଭାରତରେ ନିକଟରେ ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକୃଷ୍ଣନ ପାରିତ ହୋଇଥିବା 'ମହାରାଷ୍ଟ୍ର ସ୍ପେଶିଆଲ ପବ୍ଲିକ ସୁକ୍ୟୁରିଟି ବିଲ୍' ଉପରେ ତର୍ଜମା କରୁଛନ୍ତି। ଏହାକୁ ସ୍ୱୀକୃତି ନ ଦେବା ସକାଶେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ତରଫରୁ ମୁଁ ରାଜ୍ୟପାଳଙ୍କୁ ନିବେଦନ କରିଛି। ତଥାକଥିତ ଅର୍ବାନ ନକ୍ସଲ ବା ସହରୀ ନକ୍ସଲଙ୍କ ବିରୋଧରେ ପଦକ୍ଷେପ ନେବା ଲାଗି ଏହି ବିଲ୍ ବା ବିଧେୟକରେ ପ୍ରାବଧାନ ରହିଛି। ଏହା ସାମ୍ବିଧାନିକ ତଥା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସୁରକ୍ଷିତ ଥିବା ମାନବ ଅଧିକାର ପ୍ରତି ବିପଦ। ନକ୍ସଲବାଦ ହେଉଛି ଅନେକ ଦଶନ୍ଧିର ଏକ ପୁରୁଣା ଗ୍ରାମୀଣ ତଥା କମ୍ୟୁନିଷ୍ଟ ପ୍ରେରିତ ଆନ୍ଦୋଳନ। ହେଲେ ଏବେ 'ଅର୍ବାନ ନକ୍ସଲାଇଜମ୍' ବା ସହରୀ ନକ୍ସଲବାଦ ଆଲୋଚନାର ବିଷୟ ହୋଇଛି। ସମ୍ଭବତଃ ଏହି ଆନ୍ଦୋଳନକୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଅନ୍ୟମାନେ ସମର୍ଥନ କରୁଥିବାରୁ ଏଭଳି କୁହାଯାଉଛି। ଭାରତୀୟ ଆଇନରେ 'ସହରୀ ନକ୍ସଲବାଦ' ଶବ୍ଦର କୌଣସି ବୈଧ ସଂଜ୍ଞା ବା ବ୍ୟାଖ୍ୟା ନାହିଁ। ଅସ୍ପଷ୍ଟ ଭାଷା, ଭେଦଭାବ କୈନ୍ଦ୍ରିକ, ନ୍ୟାୟିକ ସମୀକ୍ଷାର ଅଭାବ ଏବଂ ଦୁରୁପଯୋଗର ସମ୍ଭାବନା ଥିବା ଏହି ବିଲ୍ ବୈଧ ପ୍ରତିବାଦର ଅପରାଧୀକରଣ କରିବାର ଆଶଙ୍କା ରହିଛି। ଏହା ବୈଚାରିକ ଦୃଷ୍ଟିକୋଣରୁ ପକ୍ଷପାତ। ଏହା ଅନ୍ତର୍ଜାତୀୟ ଓ ସାମ୍ବିଧାନିକ ରୂପେ ସୁରକ୍ଷିତ ଅଧିକାରଗୁଡ଼ିକ ପ୍ରତି ଅତ୍ୟଧିକ ବିପଦ ସୃଷ୍ଟି କରିବ ଏବଂ ରାଜ୍ୟରେ ବୈଧ ବିରୋଧର ଆପରାଧୀକରଣ କରିବ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଦୃଢ଼ତାପୂର୍ବକ କହିଛନ୍ତି, ଏହି ଆଇନ ସରକାରଙ୍କ ସମାଲୋଚକଙ୍କୁ ଦମନ କରିବା ଲାଗି ବ୍ୟବହାର କରାଯିବ ନାହିଁ। 'ସହରୀ ନକ୍ସଲବାଦ'ର କୌଣସି ବୈଧ ସଂଜ୍ଞା ନାହିଁ। ଏହା ହେଉଛି ଏକ ଶବ୍ଦାଡ଼ମ୍ବର ଏବଂ ରାଜନୈତିକ ଆଧାରିତ ଖଣ୍ଡବାକ୍ୟ, ଯାହାକୁ ମିଡିଆ ଏବଂ ରାଜନୈତିକ ବିତର୍କଗୁଡ଼ିକରେ ପ୍ରଚାର କରାଯାଉଛି। ସିଭିଲ ସୋସାଇଟିକୁ ବିରୋଧ କରିବା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦେଶଦ୍ରୋହ କିମ୍ବା ଆତଙ୍କବାଦ ଆଖ୍ୟା ଦେବା ପାଇଁ ଏହାକୁ ଅସ୍ତ୍ରଭାବେ ବ୍ୟବହାର କରାଯାଏ। ଉଦାହରଣ ସ୍ୱରୂପ, ଭୀମା କୋରେଗାଁଓ ଘଟଣାରେ ବେଆଇନ କାର୍ଯ୍ୟକଳାପ(ନିରୋଧୀ) ଆଇନ ବା ୟୁଏପିଏରେ ୧୬ ଜଣ କର୍ମକର୍ତ୍ତାଙ୍କୁ ଗିରଫ କରାଯାଇଥିଲା। ଏହି ଆଇନରେ ବ୍ୟକ୍ତିମାନଙ୍କୁ ବିନା ବିଚାରରେ ଅନେକ ବର୍ଷ ହେଲା ଅଟକ ରଖାଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଅନେକେ କୌଣସି ହିଂସାତ୍ମକ କାର୍ଯ୍ୟ ସହ ଜଡ଼ିତ ନ ଥିଲେ। ସେମାନେ କେବଳ ଅବହେଳିତ ସମୁଦାୟ ପାଇଁ ସ୍ୱର ଉଠାଇବା କିମ୍ବା ନାଗରିକ ଅଧିକାର ସୁରକ୍ଷା ପାଇଁ ଲଢୁଥିଲେ। ଉଲ୍ଲେଖନୀୟ ଯେ, ଫଡ୍‌ନବିସଙ୍କ ପ୍ରଥମପାଳି ମୁଖ୍ୟମନ୍ତ୍ରିତ୍ୱ ସମୟରେ ୨୦୧୮ରେ ଗିରଫଦାରି ଆରମ୍ଭ ହୋଇଥିଲା। ୭ ବର୍ଷ ହେଲା ବିଚାର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ୬ ଜଣ କର୍ମକର୍ତ୍ତାଙ୍କୁ ଜାମିନ ମିଳିନାହିଁ ଏବଂ ଫାଦର ଷ୍ଟାନ୍ ସ୍ୱାମୀଙ୍କର ହାଜତରେ ମୃତ୍ୟୁ ହୋଇଯାଇଛି।

ସହରୀ ନକ୍ସଲ ବର୍ଣ୍ଣନାରେ ଅହିଂସାତ୍ମକ ରାଜନୈତିକ ବିରୋଧ ଏବଂ ହିଂସାତ୍ମକ ଚରମବାଦ ମଧ୍ୟରେ ଥିବା ପ୍ରଭେଦକୁ ସ୍ପଷ୍ଟ କରାଯାଇନାହିଁ। ଏଭଳି ଏକ ଦ୍ୱନ୍ଦ୍ୱ କେବଳ ଭାରତର ସାମ୍ବିଧାନିକ ମୂଲ୍ୟବୋଧର ବିରୋଧୀ ନୁହେଁ ବରଂ ଏହା ଅନ୍ତର୍ଜାତୀୟ ବୈଧ ଉତ୍ତରଦାୟିତ୍ୱର ଉଲ୍ଲଂଘନ କରେ। ଆଉ ଏକ ଚିନ୍ତାଜନକ ବିଷୟ ହେଉଛି ଭେଦଭାବ। ପ୍ରଥମ ପାରାରେ ସୂଚିତ କରାଯାଇଥିବା ଶବ୍ଦସବୁ, 'ବାମପନ୍ଥୀ ଚରମବାଦୀ ସଂଗଠନ କିମ୍ବା ଏହିଭଳି ସଙ୍ଗଠନଗୁଡ଼ିକ' ଆପରାଧୀକରଣ ବିଚାରକୁ ସୂଚିତ କରିବା ସହ ଇଣ୍ଟରନ୍ୟାଶନାଲ କୋଭେନାଣ୍ଟ ଅନ୍ ସିଭିଲ ଆଣ୍ଡ ପଲିଟିକାଲ ରାଇଟ୍‌ସ-ଅନୁଚ୍ଛେଦ ୨୬ର ଉଲ୍ଲଂଘନ କରେ ; ଯେଉଁଥିରେ ଭାରତ ସ୍ୱାକ୍ଷର କରିଛି। ତେବେ ବିଧେୟକର ଅନୁଚ୍ଛେଦ ୩ କୌଣସି ସଙ୍ଗଠନକୁ 'ବେଆଇନ' ଘୋଷଣା କରିବା ପାଇଁ କାର୍ଯ୍ୟପାଳିକାକୁ ଅନୁମତି ଦିଏ। କିନ୍ତୁ ଏଥିରେ ନିଷ୍ପକ୍ଷ ନ୍ୟାୟିକ ଯାଞ୍ଚକୁ ପ୍ରୋତ୍ସାହିତ କରିବାର ପ୍ରାବଧାନ ନାହିଁ। କେବଳ ସରକାରଙ୍କ ଦ୍ୱାରା ନିଯୁକ୍ତ ପରାମର୍ଶଦାତା ବୋର୍ଡକୁ ଏଭଳି ଘୋଷଣାଗୁଡ଼ିକର ସମୀକ୍ଷା କରିବା ପାଇଁ ଦାୟିତ୍ୱ ଦିଆଯାଇଛି, ଅର୍ଥାତ୍ ସେମାନେ କଙ୍ଗାରୁ କୋର୍ଟ ପାଲଟିଯିବ। ଏହା ନ୍ୟାୟିକ ସୁରକ୍ଷାକୁ ହଟାଇ ଦେଇଛି ଏବଂ ସ୍ୱେଚ୍ଛାଚାରୀ କାର୍ଯ୍ୟ ପାଇଁ ଦ୍ୱାର ଖୋଲିଦେଇଛି। ତଦନ୍ତରେ ନିଷ୍ପକ୍ଷ ବିଚାର ଓ ତଜ୍ଜନିତ ପ୍ରକ୍ରିୟା ସୁନିଶ୍ଚିତ କରୁଥିବା ଏବଂ ଜଣଙ୍କ ଘର, ସମ୍ପତ୍ତି ଓ ଗୋପନୀୟତାରେ ଅବୈଧ ହସ୍ତକ୍ଷେପ ବିରୋଧରେ ବ୍ୟକ୍ତିଙ୍କୁ ସୁରକ୍ଷା ଦେଉଥିବା ଅଧିକାରଗୁଡ଼ିକୁ ଏହା ଉଲ୍ଲଂଘନ କରେ। ଧାରା ୧୪ ଆବେଦନକୁ ବାରଣ କରୁଥିବାବେଳେ ଧାରା ୧୭ ସରକାର ଅଧିକାରୀଙ୍କୁ ଅପରାଧ ଅଭିଯୋଗରେ ସୁରକ୍ଷା ପ୍ରଦାନ କରେ। ଦେଖିବାକୁ ଗଲେ ଏହିସବୁ ଧାରା ଉତ୍ତରଦାୟିତ୍ୱକୁ ଶେଷ କରିଦେଇଛି। ଉପନିବେଶିକ ଢାଞ୍ଚାରେ ଲୋକଙ୍କୁ ଜେଲରେ ରଖାଯିବା ଭଳି ଦମନମୂଳକ କାର୍ଯ୍ୟ ଏହି ଆଇନରେ ମଧ୍ୟ ରହିଛି। ଧାରା ୧୫ ଏହି ବିଲ୍ ଅଧୀନରେ ସମସ୍ତ ଅଭିଯୋଗକୁ ଜାମିନ ବିହୀନ କରିଛି। କୌଣସି ବିନା ତଦନ୍ତରେ ବିଚାର ପୂର୍ବରୁ ଦୀର୍ଘଦିନ ଅଟକ ରଖାଯିବାର ପ୍ରାବଧାନ ଅଛି। ଏହି ଆଇନର ଆବଶ୍ୟକତା ନାହିଁ। କାରଣ ଭାରତରେ ୟୁଏପିଏ, ଏମ୍‌ସିଓସିଏ ଓ ଭାରତୀୟ ନ୍ୟାୟ ସଂହିତା ସମେତ ଅତି କଠୋର ଆତଙ୍କବାଦ ବିରୋଧୀ ଓ ଅପରାଧ ଆଇନଗୁଡ଼ିକ ଅଛି।

ରାଜ୍ୟପାଳ ଯଦି ଆଇନକୁ ସ୍ୱୀକୃତି ଦିଅନ୍ତି ଓ ତାହାକୁ ଲାଗୁ କରାଯାଏ, ତେବେ ଏହା ସୁରକ୍ଷା ନାମରେ ମୌଳିକ ଅଧିକାରକୁ କ୍ଷତି କରିବ। ମହାରାଷ୍ଟ୍ର ସୁରକ୍ଷାରୁ ଦୂରେଇ ଯାଇ ଏହି ଆଇନ ପ୍ରତିବାଦ, ବିତର୍କ ଏବଂ ଉତ୍ତରଦାୟିତ୍ୱର ଅପରାଧୀକରଣ କରିଛି। 'ସହରୀ ନକ୍ସଲ' ଭଳି ଶବ୍ଦ ବ୍ୟାପକ କ୍ଷତିର କାରଣ ହୋଇସାରିଲାଣି। ସେଥିପାଇଁ ସମ୍ମତି ପ୍ରଦାନ ନ କରିବା ପାଇଁ ମୁଁ ସମ୍ମାନର ସହ ରାଜ୍ୟପାଳଙ୍କୁ ନିବେଦନ କରିଛି। ସ୍ୱାଧୀନତା ଦିବସ ପାଳନକୁ ପତାକା ଉଡ଼ାଇବା ଏବଂ ଅଭିବାଦନ ଗ୍ରହଣ କରିବା ସହ ଲମ୍ବା ଭାଷଣ ଦେବାର ପ୍ରତୀକ ଭାବେ ସୀମିତ ରଖାଯିବା ଉଚିତ ନୁହେଁ। ସ୍ୱାଧୀନତା, ନାଗରିକ ଅଧିକାରର ସୁରକ୍ଷା, ମାନବ ଅଧିକାରର ସୁରକ୍ଷା ଓ ନ୍ୟାୟ ଉପଲବ୍ଧ କରିବା ପ୍ରତି ଆମର ପ୍ରତିବଦ୍ଧତା ଜାରି ରହିବା ଦରକାର। କିନ୍ତୁ ଏହି ଆଇନ ଏ ସବୁର ଉଲ୍ଲଂଘନ କରେ ଏବଂ ଏହି କାରଣରୁ ଏପରି ଆଇନକୁ ଭାରତୀୟଙ୍କ ଉପରେ ବଳପୂର୍ବକ ଲଦି ଦିଆ ନ ଯାଉ।

Email:aakar.patel@gmail.com

# ଭକୁଆ ହେବାର ଉପାଦେୟତା



**ରଞ୍ଜନ କୁମାର ଦାସ**

ସାଧାରଣ ଜୀବନରେ କେହି ଯଦି କିଛି ଠିକ୍‌ରେ କରି ନ ପାରେ, କଥାଟାକୁ ଠିକ୍‌ରେ ବୁଝି ନ ପାରେ ତାକୁ ଆମେ କହୁ ଭକୁଆଟା କିରେ? ଅନ୍ୟ ଅର୍ଥରେ କହିବାକୁ ଗଲେ ଏଇଭଳି ଜଡ଼, ବେଡା ଅଥବା ସାଧାରଣ ଦକ୍ଷତାଠାରୁ ନିମ୍ନରେ ଥିବା ଲୋକଙ୍କୁ ଆମେ ଭକୁଆ ବୋଲି ଭାବୁ। ସେଇଭଳି ଯେଉଁମାନେ ସହଜରେ ବୋକା ବନିଯାଆନ୍ତି, ନିହାତି ସହଜ ଜାଗାରେ ମଧ୍ୟ ସଫଳ ହୋଇପାରନ୍ତି ନାହିଁ ସେମାନଙ୍କୁ ମଧ୍ୟ ଭକୁଆ ବୋଲି ବିବେଚନା କରାଯାଏ, ଅଯୋଗ୍ୟ ଅପଦାର୍ଥ ବୋଲି ଧରାଯାଏ। ମାତ୍ର ସାମ୍ପ୍ରତିକ ସମୟରେ ଦେଖାଯାଉଛି ପାର୍ଥିବ ଜୀବନରେ ଏମାନେ ଅଧିକ ସଫଳ ହେଉଛନ୍ତି , ବଡ଼ ସ୍ଥାନ ପାଇଁ ଏମାନେ ପ୍ରଥମ ପସନ୍ଦରେ ରହୁଛନ୍ତି।

ବଡ଼ ଲୋକଙ୍କର ସବୁବେଳେ ଜଣେଜଣେ ବତିପେଲା ପେଣ୍ଠିଆ ଦରକାର ପଡନ୍ତି। ବଡ଼ଲୋକେ ବତି ନିଜେ ପେଲିଲେ ହାତରେ କିରୋସିନ ଲାଗିଯିବ ବୋଲି ବତିପେଲା ରଖୁଥିଲେ। ବଡ଼ ଶିକାରୀ ଓ ରାଜାରାଜୁଡ଼ାମାନେ ଶିକାରରେ ଗଲାବେଳେ ସାଙ୍ଗରେ ପେଣ୍ଠିଆ ନେଇ ଯାଉଥିଲେ। ସେମାନେ ସାଧାରଣତଃ ଶିକାର ପାଇଁ ଜାଲ ବିଛାଇବାଠାରୁ ଆରମ୍ଭ କରି ଶିକାରକୁ ଉଆସଯାଏ ବୋହି ଆଣିବା ଆଦି କାମ କରୁଥିଲେ। ସାଧାରଣତଃ ଏଭଳି ଭକୁଆ ଲୋକେ ଏସବୁ ପେଣ୍ଠିଆ କାର୍ଯ୍ୟ ପାଇଁ ପ୍ରଥମ ପସନ୍ଦ ଥିଲେ, ଯିଏ ଗାଳିଗୁଲଜ ସହି ମଧ୍ୟ ବୋଲକରା ଭଳି ପଛେପଛେ ଗଣ୍ଠିଲି ବୋହି ଚାଲୁଥିବ। ପ୍ରତିବାଦ କରିବାର ଭାଷା ତାକୁ ଜଣା ନ ଥିବ। ଆଗେ ରାଜା, ଜମିଦାରଙ୍କ ପଛରେ ଏବଂ ଏବେ ମଧ୍ୟ ମନ୍ତ୍ରୀ, ଏମ୍‌ଏଲ୍‌ଏ, ଠିକାଦାର ବା ବଡ ଅଫିସରଙ୍କ ପାଖରେ ଥୋକେ ଅନୁଗତ ଲୋକ ରହିବାର ଦେଖାଯାଏ। ଅନୁଗତ ହେବା ପାଇଁ ସର୍ବମାନ୍ୟ ଯୋଗ୍ୟତା ହେଲା ସେ ଜଣେ ଭକୁଆ ହୋଇଥିବା ଦରକାର। ସମଝଦାର ଲୋକଙ୍କୁ ଅନୁଗତ କରି ରଖିବାରେ ବିପଦ ଥାଏ। ଜଣେ ସମଝଦାର ଲୋକ ଭଲ ଅନୁଗତ ହେବ କି ନାହିଁ ତା'ର ଗ୍ୟାରେଣ୍ଟି ନ ଥାଏ। ସେ ହୁଏତ ନିଜ ବିବେକର କଥା ଶୁଣିପାରେ, ଉଚିତ ଅନୁଚିତ ବିଚାର କରିପାରେ ଏବଂ ନିଜ ନିଷ୍ପତ୍ତି ନିଜେ ନେଇପାରେ। ଅପରପକ୍ଷରେ ଭକୁଆଟିଏ ଯାହା ମାଲିକ କହିବ ତାକୁ ନିର୍ବିବାଦରେ ମାନିନେବ, ତା'ର ଔଚିତ୍ୟ ଅନୌଚିତ୍ୟ ଉପରେ ପ୍ରଶ୍ନ କରିବ ନାହିଁ। ୟେସ ଇଜ ଅଲ୍‌ୱେଜ ରାଇଟ ଦର୍ଶନରେ ବିଶ୍ୱାସ କରୁଥିବା ଏମାନେ ମାଲିକଙ୍କର ସବୁ ଅନୁଚିତ କାର୍ଯ୍ୟରେ ମଧ୍ୟ ବାଃ ବାଃ କରିବେ। କାଉକୁ ଧଳା ବୋଲି ମାଲିକ କହିଲେ ସେମାନେ ହଁ ମାରିବେ। ତେଣୁ ମାଲିକ ସବୁବେଳେ ଚାହେଁ ତା'ର ଅନୁଗତ ଓ ଚାକରମାନେ ଭକୁଆ, ଅପାଠୁଆ, ବିଚାରଶକ୍ତି ରହିତ ଓ ବୁଡବକ ହୋଇଥାନ୍ତୁ ଯଦ୍ୱାରା ସେମାନେ ତାଙ୍କୁ ଅନ୍ଧ ଭାବେ ଭକ୍ତି ଓ ବିଶ୍ୱାସ କରିବେ। ନିଆଁକୁ ଡେଇଁପଡ଼ କହିଲେ ଆଗପଛ ବିଚାର ନ କରି ଡେଇଁବେ। କାହାକୁ ଧରିଆଣ କହିଲେ ତା'ର ମୁଣ୍ଡକାଟି ନେଇଆସିବେ। ତେଣୁ ସେମାନେ ଅନୁଗତ ପଦବୀ ପାଇଁ ପ୍ରଥମ ପସନ୍ଦ ହେବ ସ୍ୱାଭାବିକ।

ଏଇ ଭକୁଆମାନେ ନିଜ ଆତ୍ମସମ୍ମାନ ପ୍ରତି ଏତେ ସଚେତନ ନ ଥିବାରୁ ଯୋଉଠି ସେଇଠି ମୁଣ୍ଡ ନୁଆଁଇ ଦେବାରେ ତାଙ୍କର ଦ୍ୱିଧା ମଧ୍ୟ ନ ଥାଏ। ସେମାନେ କାହାର ଅଯଥା ତୋଷାମଦ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ ବା ଲଜ୍ଜିତ ଅନୁଭବ କରନ୍ତି ନାହିଁ। ତେଣୁ ଭଲ ତୋଷାମଦ କରିପାରୁଥିବାରୁ ଏମାନେ ମାଲିକମାନଙ୍କର ପ୍ରିୟଭାଜନ ହୋଇଥାନ୍ତି। ଏମାନଙ୍କୁ ମାଲିକ ଅଇଁଠା ରୁଟି ଖଣ୍ଡେ ଫିଙ୍ଗିଦେଲେ ବି ସେମାନେ ପରମ ଆନନ୍ଦରେ ତାକୁ ମହାପ୍ରସାଦ ତୁଲ୍ୟ ମଣିଗ୍ରହଣ କରିଥାନ୍ତି। ସେମାନେ ଏତାଦୃଶ୍ୟ କାର୍ଯ୍ୟରେ ଲଜ୍ଜା ଅନୁଭବ ତ କରନ୍ତି ନାହିଁ, ଅପରପକ୍ଷରେ ସେମାନେ ଅଳ୍ପରେ ସନ୍ତୁଷ୍ଟ ହେଉ ଥିବାରୁ ବିଶେଷ ବାଛବିଚାର ମଧ୍ୟ କରନ୍ତି ନାହିଁ। ଯେନତେନ ପ୍ରକାରେ ଯାହା ଅଳ୍ପସ୍ୱଳ୍ପ ମିଳେ ତାକୁ ଗ୍ରହଣ କରିନିଅନ୍ତି। ତେଣୁ ସେମାନେ ପ୍ରଥମ ପସନ୍ଦ ହେବେ ନାହିଁ କେମିତି?

ଏମାନେ ମାଲିକଙ୍କୁ ଯେମିତି ସନ୍ତୁଷ୍ଟି ଦେଇପାରନ୍ତି ନିଜେ ମଧ୍ୟ ସେମିତି ନିଜ କାମରେ ସନ୍ତୁଷ୍ଟ ଥାଆନ୍ତି। ଅଫିସ ବା ଦପ୍ତରରେ ଏମାନଙ୍କଠାରୁ କେହି ବେଶି ଆଶା ରଖି ନ ଥାନ୍ତି। ତେଣୁ ଅଳ୍ପ କାମ କରି ବା ଆଦୌ କାମ ନ କରି ଏମାନେ ଖସିଯାଇପାରନ୍ତି ଓ ସେଇ ସମୟରେ ଅଫିସରଙ୍କ ଘର ପାଇଁ ପରିବାପତ୍ର, ମାଛମାଂସ, ସଉଦା କିଣିପାରନ୍ତି। ସିନେମା ଟିକେଟ ଆଣି ମାଡାମଙ୍କୁ ସନ୍ତୁଷ୍ଟ କରିପାରନ୍ତି। ମନ୍ତ୍ରୀ ବା ବିଧାୟକଙ୍କ ଦ୍ୱାରପାଳ ଓ ବୋଲକରା ରୋଲ କରିପାରନ୍ତି। ଜାଣିବା ଶୁଣିବା ଓ ଆତ୍ମସମ୍ମାନ ଯୁକ୍ତ କର୍ମଚାରୀଟିଏ କ'ଣ ଏକଥା କରିପାରନ୍ତା ? ସେ ନିଜ ସମ୍ମାନ ପାଇଁ ଅକ୍ଳାନ୍ତ ପରିଶ୍ରମ କରେ। କାଳେ କାମ ନ କରିପାରିଲେ ତାକୁ ଅନ୍ୟଥା ଶୁଣିବାକୁ ପଡିବ ସେଇ ଭୟରେ ସେ ମରିପଡ଼ି କରେ। ମାତ୍ର ଭକୁଆଟିଏଠାରୁ କେହି ସେ ଆଶା ରଖନ୍ତି ନାହିଁ। ସେ ତାଳିମାରି,



ଅଇଁଠା ଚାଟି ତା'ର ସ୍ୱଳ୍ପ ଫାଇଦା ହାସଲ କରିଚାଲେ।

ସରକାରୀ ଦପ୍ତରମାନଙ୍କରେ ଏଭଳି ଅନେକ ମଜାଦାର ଉଦାହରଣ ଅଛି। ଆମେ ଯେତେବେଳେ ନୂଆ ଚାକିରିରେ ଯୋଗଦେଇଥିଲୁ ଫୁଲ ଶାର୍ଟକୁ ପ୍ୟାଣ୍ଟ ଭିତରେ ଇନ୍ କରି ପିନ୍ଧି ଅଫିସ ଯାଉଥିଲୁ। ଆମ ଅଫିସର ସର୍ବୋଚ୍ଚ ପରିଦର୍ଶନକାରୀ ଅଧିକାରୀ ଦିନେ ଆସିବାର ଥାଏ। ଜଣେ ପୁରୁଣା ଅଫିସର ଆମକୁ କହିଲେ କାଲି ଆଉ ଇନ୍ କରି ଆସିବ ନାହିଁ। ହାଫ ଶାର୍ଟ ପିନ୍ଧି ତାକୁ ଇନ୍ ନ କରି ଖୋଲା ଛାଡି ଆସିବ। ନ ହେଲେ ବାମ୍ଫ ନବ। ସତକୁ ସତ ଆମେ ଦେଖିଲୁ ଯିଏ ବେଶି ଚିକଣଚାକଣ ହୋଇ ଅଫିସ ଆସିଥିଲେ ସବୁ କିଛି ନା କିଛି ଛୋଟ କାରଣରେ ଗାଳି ଶୁଣିଲେ। ତା'ର କିଛିଦିନ ପରେ ଶୀତଦିନ ଆସିଗଲା। ମୁଁ ବାହାଘର ପାଇଁ ଛୁଟିରେ ଯାଇଥିଲି। ଫେରିଲା ବେଳକୁ ରିସେପ୍ସନ ଦିନ ପିନ୍ଧିଥିବା କୋଟ ପିନ୍ଧି ମୁଁ ଅଫିସ ଯାଇଥାଏ। ଦୁର୍ଭାଗ୍ୟକୁ ସେ ମହାଶୟ ସେଦିନ ଅତର୍କିତ ପରିଦର୍ଶନରେ ଆସିଲେ। ମତେ କୋଟ ପିନ୍ଧିଥିବାର ଦେଖି ସେ ଅତିଷ୍ଠ ହୋଇପଡିଲେ ଓ କ'ଣ ନାନା ପ୍ରକାର ପ୍ରଶ୍ନ ପଚାରିଲେ। ମୁଁ ନୂଆ ଯୋଗଦେଇଥାଏ କାର୍ଯ୍ୟରେ। କିଛି ପ୍ରଶ୍ନର ଉତ୍ତର ମୁଁ ଦେଇପାରିଲି ନାହିଁ। ଅଗତ୍ୟା ମତେ କୋରାପୁଟର କାଶୀପୁର ଯିବାକୁ ପଡିଲା। କାଶୀପୁର ବଡ ଦୁର୍ଗମ ଅଞ୍ଚଳ ଥିଲା। କେହି ସେଠିକି ଯିବାକୁ ରାଜି ହୁଅନ୍ତି ନାହିଁ। ମୋର ଏ ଦୁରବସ୍ଥା ଦେଖି ସେ ପୁରୁଣା ଅଫିସର ଜଣକ କହିଲେ, ତମକୁ ମନା କରିଥିଲି ପରା ଫୁଲ୍ ଶାର୍ଟ ପିନ୍ଧିବନି ବୋଲି, ତମେ ଏକାଥରେ କୋଟ ପିନ୍ଧି ସାଏବଙ୍କ ଆଗକୁ ଚାଲିଗଲ ? ଏବେ ଆଉ କିଛି କରିହେବନି। ଯାଅ ସେଠି ଚାରି ଛଅ ମାସ ରୁହ ତା' ପରେ ଯାଇ ଦେଖିବା। ସେଦିନ ମୁଁ ମୋ ପ୍ରଶାସନିକ ଜୀବନର ପ୍ରଥମ ପାଠ ଶିଖିଲି : ନିଜ ବସ୍‌ଠାରୁ କେବେ ଅଧିକ ସ୍ମାର୍ଟ ହେବାକୁ ଚେଷ୍ଟା କରିବା ନାହିଁ। ସବୁବେଳେ ତାଙ୍କ ଆଗରେ ଭକୁଆ ଭଳି ରୋଲ କରିବ।

ତେଣୁ ଭକୁଆ ହେବାରେ ବହୁତ ଉପାଦେୟତା ରହିଛି ଏକଥାକୁ ଅସ୍ୱୀକାର କରିହେବନାହିଁ। ପ୍ରତ୍ୟେକ ମାଲିକ ଚାହେଁ ତା' ଚାକରଟି ଭକୁଆ ହେଉ, ଯିଏ ଗାଳିମନ୍ଦ ଶୁଣିଲେ ମଧ୍ୟ ପଡିରହିବ, କୁଆଡେ ଛାଡି ଚାଲିଯିବ ନାହିଁ। ସେମିତି ଡ୍ରାଇଭରଟି ବେଶି ସ୍ମାର୍ଟ ନ ହେଉ ବୋଲି ମାଲିକ ଚାହେଁ ନ ହେଲେ ସେ ପ୍ରଘଟ କରିଦେବ ମାଲିକ କୁଆଡେ ଯାଆନ୍ତି, କ'ଣ କରନ୍ତି। ନିଜ ବ୍ୟକ୍ତିଗତ ସହାୟକଟି ମଧ୍ୟ ନିର୍ମାୟା ଲୋକଟିଏ ହୋଇଥାଉ ବୋଲି ଉଚ୍ଚ ପଦାଧିକାରୀମାନେ ଚାହାନ୍ତି। ସବୁ ସ୍ୱାମୀ ଚାହାନ୍ତି ସ୍ତ୍ରୀଟି ଶାନ୍ତ ସରଳ ହୋଇଥାଉ ସ୍ୱାମୀର କୌଣସି କାମରେ ପ୍ରତିବାଦ କରୁ ନ ଥାଉ। ସ୍ତ୍ରୀ ସେମିତି ଚାହେଁ ସ୍ୱାମୀଟି ତା'ର ଏକାନ୍ତ ଅନୁଗତ, ବିଶ୍ୱସ୍ତ, କାନିରେ ବନ୍ଧା ଚାବିନେଣ୍ଟା ହୋଇଥାଉ। ଉପର ଅଫିସର ଚାହେଁ ଅଧସ୍ତନ କର୍ମଚାରୀଟି ହାଁ ଜୀ ହାଁ ଜୀ କରିବାର ଯୋଗ୍ୟତା ରଖୁଥାଉ। ତାଙ୍କର ବଚସ୍କର ହୋଇରହୁ। ଏସବୁ କାମ ଓ କୋଉ ବିବେକ ଓ ବ୍ୟକ୍ତିତ୍ୱସମ୍ପନ୍ନ ବ୍ୟକ୍ତି କରିବ ନାହିଁ। ତେଣୁ ଏଥିପାଇଁ ସର୍ବାଗ୍ରେ ଲୋଡ଼ାପଡ଼ନ୍ତି ଭକୁଆ ଲୋକ।

ଫୋନ: ୯୪୩୭୨୮୬୫୧୨

# ଅଦମ୍ୟ ଅସ୍ମିତା



**ଦେବେନ୍ଦ୍ର ନାଥ ରାଉତ**

ଗତ ଏପ୍ରିଲରେ ଅସ୍ମିତା ପକ୍ଷ ଖୁବ୍ ଧୁମଧାମରେ ପାଳନ କରାଯାଇଥିଲା। ଏମିତି ଏକ ସମୟରେ ମୁଁ ଏକ କର୍ମଶାଳାରେ ଓଡ଼ିଶାରେ ଥାଏ। କଲେଜର ପିଲାମାନେ ଖୁବ୍ ଉତ୍ସାହର ସହିତ ପାଳନ କରୁଥାନ୍ତି ଏହି ସମାରୋହ। ଏଥିରେ ଭାଗନେଇ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କଲାବେଳେ ସେମାନଙ୍କ କଥାରୁ ହୃଦୟଙ୍ଗମ କଲି ଯେ ଓଡ଼ିଆ ଅସ୍ମିତା ଏବେ ବିପଦରେ ପଡ଼ିଯାଇଛି। ପ୍ରାୟତଃ ଅଧିକାଂଶ ବକ୍ତା ଓ ଛାତ୍ରୀଛାତ୍ର ଯେପରି କୌଣସି ଏକ ବାହ୍ୟ ଶତ୍ରୁକୁ ଓଡ଼ିଆ ଅସ୍ମିତାର ଅବକ୍ଷୟ ପାଇଁ ଦାୟୀ କରୁଥିଲେ। ସମସ୍ତେ ଏକ ସ୍ୱରରେ ସ୍ୱୀକାର କରୁଥିଲେ ଯେ ଓଡ଼ିଆ ଅସ୍ମିତା ବିପଦରେ। ଏମିତି ଏକ ମାନସିକତା ବା ଧାରଣା ମତେ ଭାରକ୍ରାନ୍ତ କରିଦେଇଥିଲା। ଆମ ଐତିହ୍ୟ, ପରମ୍ପରା ଓ ସଂସ୍କାର କ'ଣ ଏତେ ଦୁର୍ବଳ? ଓଡ଼ିଆ ଅସ୍ମିତା ବଜାରର ପଣ୍ୟଦ୍ରବ୍ୟ ନୁହେଁ ଯେ, ଯେକେହି ଆସି ଏହାର ମୂଲଚାଲ କରିବ। ସିଏ ସମ୍ରାଟ ଅଶୋକ ହୁଅନ୍ତୁ, କଳାପାହାଡ଼ ହେଉ, ମୋଗଲ, ମରହଟ୍ଟା, ଇଂରେଜ ବା ଅନ୍ୟ କେହି ବି ଏ ଅଦମ୍ୟ ଜାତିର ଅସ୍ମିତାକୁ ବିଲୁପ୍ତ କରିବାରେ ସମର୍ଥ ହୋଇନାହାନ୍ତି। ଉତ୍କଳୀୟ ବୀରତ୍ୱର କାହାଣୀ ଏବେ ବି ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ଧଉଳି ପାହାଡ଼ ଉତ୍କଳୀୟଙ୍କ ସମର୍ପିତ ତ୍ୟାଗ ଓ ବଳୀଦାନର କାହାଣୀକୁ ନିଜ ବକ୍ଷରେ ଧାରଣକରି ମୂକସାକ୍ଷୀ ହୋଇରହିଛି। ଏହାର ସଂସ୍କୃତି ଅନନ୍ୟ ଓ ଅପରିକଳ୍ପନୀୟ। ନିଜ ଜାତିର ଗର୍ବ ଓ ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ଓଡ଼ିଆ ବୀର କଳିଙ୍ଗ ଯୁଦ୍ଧରେ ନିଜର ଆତ୍ମାହୁତି ଦେଇଥିଲେ ମଧ୍ୟ ଶତ୍ରୁ ନିକଟରେ ମଥାନତ କରି ନ ଥିଲେ ବରଂ ରକ୍ତପିପାସୁ ମଗଧ ସମ୍ରାଟ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଦେଇଥିଲେ। ଆମ ସ୍ୱାଭିମାନର ଉତ୍ସ ଏତେ ସଶକ୍ତ ଥିଲା ଯେ ଦୟାନଦୀର ଜଳ ଉତ୍କଳୀୟଙ୍କ ରକ୍ତରେ ଲାଲ ହେବା ପରେ ମଧ୍ୟ ଆମ ପୂର୍ବଜଙ୍କ ମନରେ ତିଳେ ହେଲେ ମୃତ୍ୟୁର ଭୟ ସଞ୍ଚାର ହୋଇ ନ ଥିଲା। ଉତ୍କଳମାତାର ଗୌରବକୁ ସ୍ୱୟଂ ସମ୍ରାଟ ଅଶୋକ ନିଜ ଦ୍ୱାରା ବର୍ଣ୍ଣନା କରି ନିଜକୁ ମହାନ୍ କରିବାର ପ୍ରୟାସରେ ସଫଳ ହୋଇଗଲେ। ପିଢ଼ି ପିଢ଼ି ଧରି ଅପରାଜେୟ ଉତ୍କଳକୁ ଶାରୀରିକ ଶକ୍ତି ଦ୍ୱାରା ପରାଜୟ କରିବା ପରେ ମଧ୍ୟ ଅପରାଜେୟ ଥିଲା ଉତ୍କଳୀୟ ସ୍ୱାଭିମାନ, ପରମ୍ପରା, ଅସ୍ମିତା ଓ ଏକତା। ତେଣୁ ଅଶୋକ କରିଥିଲେ ଶାନ୍ତିର ଚକ୍ରବ୍ୟୂହ। ଯେଉଁ ଚକ୍ରବ୍ୟୂହ ମଧ୍ୟରେ ଆମେ ଏବେ ବନ୍ଦୀ। ଏବେ ବି ଆମେ ଜାଣିପାରୁନେ ବା ଜାଣିବାର ପ୍ରୟାସ କରିବା ଆବଶ୍ୟକ ବୋଲି ମନେ କରୁନେ ଯେ, ସେ ସମୟରେ ଉତ୍କଳର ଶାସନ ବ୍ୟବସ୍ଥା କ'ଣ ଥିଲା ? କିଏ ଥିଲେ ସେ ସମୟର ପ୍ରଭାବଶାଳୀ ବ୍ୟକ୍ତି, ଯାହାଙ୍କ ପ୍ରଭାବରେ ଘର କୋଣର ଗୃହିଣୀଟି ରଣକ୍ଷେତ୍ରକୁ ଧାଇଁ ଆସୁଥିଲା ରଣଚଣ୍ଡୀର ରୂପନେଇ। କ'ଣ ଥିଲା ଆମ ଏହି ଅବିଶ୍ୱସନୀୟ ଅସ୍ମିତାର ଗୂଢ଼ ରହସ୍ୟ, ଯାହା ରୋଷେଇ ଶାଳର ଚଟୁ ଧରୁଥିବା କୋମଳ ହାତରେ ରକ୍ତ ପିପାସୁ ଖଣ୍ଡା ଧରିବାକୁ ସାମର୍ଥ୍ୟ ପ୍ରଦାନ କରିଥିଲା।

ଅଦମ୍ୟ ଓଡ଼ିଆ ଅସ୍ମିତାର ଅନ୍ୟ ଏକ ବିରଳ ଉଦାହରଣ, ୧୮୬୬ର ଲୋମହର୍ଷଣକାରୀ ଦୁର୍ଭିକ୍ଷ କାଳରେ କଙ୍କାଳସାର ଉପତ୍ୟକାରେ ହା-ଅନ୍ନ ହା-




ଅନ୍ନ ଚିତ୍କାର ମଧ୍ୟରେ ଯେତିକି ଏ ଜାତି ଅନ୍ନ ଚିନ୍ତାରେ ଥିଲା, ସମ ପରିମାଣରେ ବ୍ୟଥିତ ହେଉଥିଲା ପରିଚୟ ହରାଇବାର ଚିନ୍ତାରେ। 'ଓଡ଼ିଆ ଏକ ଭାଷା ନଏ' ଥିଲା ଏକ ନିଦ୍ରାଗ୍ରସ୍ତ ଜାତିକୁ ଜାଗ୍ରତ କରିବା ପାଇଁ ବଜ୍ର ଧ୍ୱନି। କ୍ଷୁଧାର ଜ୍ୱାଳାକୁ ସହ୍ୟ କରିବାର ଶକ୍ତି ନିଜ ମଧ୍ୟରେ ସମାହିତ କରି ଜାତିର ସ୍ୱତନ୍ତ୍ରତା ପାଇଁ ପ୍ରତ୍ୟେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଗୋଟିଏ ସୂତ୍ରରେ ବାନ୍ଧି ସ୍ୱତନ୍ତ୍ର ଭାବରେ ଆତ୍ମପ୍ରକାଶ କରିବାର ଆହ୍ୱାନ ଦେଇଥିଲେ କେତେଜଣ ପ୍ରଚଣ୍ଡ ସ୍ୱାଭିମାନୀ ଓଡ଼ିଆ। ଏହି ଆହ୍ୱାନର ଆଲୋଡ଼ନ ଓ ସଂଘାତ ମେଦିନାପୁରରୁ ରଙ୍ଗେଇଲୁଣ୍ଡା, ସମ୍ବଲପୁରରୁ ସିଂହଭୂମ ପର୍ଯ୍ୟନ୍ତ ଚାରିଆଡ଼େ ସଞ୍ଚରିଯାଇଥିଲା ବୈଦ୍ୟୁତିକ ତରଙ୍ଗ ଭଳି। ଫଳଶ୍ରୁତି, ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ହେଲା ଭାଷାଭିତ୍ତିରେ ଦେଶର ପ୍ରଥମ ରାଜ୍ୟ।

ଏ ଜାତି ନିୟତିର ତାଡ଼ନାରେ ନିଜର ସତ୍ତା ହରାଇବାର ଜାତି ନୁହେଁ ବରଂ ପ୍ରତ୍ୟେକ ଅଗ୍ନି ପରୀକ୍ଷାରେ ଆହୁରି ଉଜ୍ଜ୍ୱଳ ହୋଇ ନିଜର ଅସ୍ତିତ୍ୱକୁ ମଜଭୁତ କରିଛି। ଉତ୍କଳ ଗୌରବଙ୍କ ନେତୃତ୍ୱରେ ଆମର ପରିଚୟ ଆମେ ପାଇ ସାରିଛେ କିନ୍ତୁ ସେହି ଅଦମ୍ୟ ଜାତି କିଛି ଦିନ ପାଇଁ ନିଜକୁ ଖୋଜିବାରେ ଅସମର୍ଥ ହୋଇନି ତ ? ନିଜର ଅସ୍ମିତାଠାରୁ ଦୂରେଇ ଯାଇନି ତ? ଏକ ଅପରାଜେୟ ଜାତି ବର୍ତ୍ତମାନ ପରାଜୟର ଭୟରେ ଭୟଭୀତ ନୁହେଁ ତ? ପରାକ୍ରମୀ ପୂର୍ବଜଙ୍କ ଆମେ ଯୋଗ୍ୟ ଉତ୍ତର ଦାୟାଦ ତ ? ଏମିତି ଅନେକ ପ୍ରଶ୍ନ ! ସର୍ବଦା ଆମ ସମ୍ମୁଖରେ ଆମ ଅନିଚ୍ଛା ସତ୍ତ୍ୱେ ଉପସ୍ଥାପିତ ହୋଇଥାଏ। ଆମ ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ କେତେ ଦୂରତା ? ଏ ସବୁ ଜାଣିବା ପାଇଁ ଯୁବ ପିଢିକୁ ମନଖୋଲି କହିବାକୁ ହେବ ଓ ଧୈର୍ଯ୍ୟର ସହିତ ଅନ୍ୟକୁ ଶୁଣିବାକୁ ହେବ। ବିଶ୍ୱର ପ୍ରତ୍ୟେକ କୋଣରେ ରହୁଥିବା ଓଡ଼ିଆ ଯୁବ ଧ୍ୱଜାଧାରକ ଓଡ଼ିଆ ଅସ୍ମିତା କ'ଣ ବୁଝିବାକୁ ହେବ! ଓଡ଼ିଶୀ, ସମ୍ବଲପୁରୀ, ଛଉ ବା ଅନ୍ୟ ମନବିମୋହିତ କରିବାର କଳା ଓ ସଙ୍ଗୀତ ମଧ୍ୟରେ କେବଳ ଓଡ଼ିଆ ଅସ୍ମିତା ସୀମିତ ନୁହେଁ। ଧର୍ମପଦଙ୍କ ଆଜନ୍ମ ପ୍ରଜ୍ଞା, ବାଜି ରାଉତଙ୍କ ଇଂରେଜ ନିର୍ଦ୍ଦେଶକୁ ଅବଜ୍ଞା, ବାଇମୁଣ୍ଡିଙ୍କ ପ୍ରଚେଷ୍ଟା, ଖାରବେଳଙ୍କ ନିଷ୍ଠା, କପିଳେନ୍ଦ୍ର ଦେବଙ୍କ ଶାସନ, ପଠାଣି ସାମନ୍ତଙ୍କ ଜ୍ଞାନ, ଗୋପବନ୍ଧୁ ଚୌଧୁରୀଙ୍କ ତ୍ୟାଗ, ବକ୍ସି ଜଗବନ୍ଧୁଙ୍କ ସାହସ, ସୁରେନ୍ଦ୍ର ସାଏଙ୍କ ଆତ୍ମବିଶ୍ୱାସ, ଚାଷୀ ଭାଇର ପ୍ରୟାସ, ଆଦିବାସୀଙ୍କ ବିଶ୍ୱାସ ଆଦିରେ ରହିଛି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ଅସରନ୍ତି ଭଣ୍ଡାର। ଏହି ଚିର ପ୍ରବହମାନ ଓଡ଼ିଆ ଅସ୍ମିତାର ଧାରାକୁ ଉତ୍ତର ପିଢ଼ି କେବଳ ଦର୍ଶନ, ଶ୍ରବଣ ବା ବିଶ୍ଳେଷଣରେ ସୀମିତ ନ ରଖି ନିଜ ଜୀବନରେ ପ୍ରତିଫଳନ କରିବାକୁ ପ୍ରୟାସ କରିବା ଆବଶ୍ୟକ। କ୍ରମବର୍ଦ୍ଧିଷ୍ଣୁ ଦାଦନ ସମସ୍ୟା, ଅବହେଳିତ କୃଷି କ୍ଷେତ୍ର, ଅଣଦେଖା ପରମ୍ପରାଗତ ବୃତ୍ତି ଓ ସ୍ଥାପତ୍ୟ, ଅସହାୟ ଲୋକକଳା ଓ ସଂସ୍କୃତି, ବିଲୁପ୍ତ ପ୍ରାୟ ପଲ୍ଲୀ ଅର୍ଥନୀତି, ମାତୃଭାଷାଠୁ ଦୂରେଇବାର ପ୍ରବୃତ୍ତି ସହିତ ଭ୍ରମିତ ଯୁବଶକ୍ତିକୁ ଅନୁଧ୍ୟାନ କଲେ ନିଶ୍ଚୟ ମନରେ ଭୟ ସୃଷ୍ଟି ହେଉଛି ଆମ ଅସ୍ମିତାର ସୁରକ୍ଷା ଆମ ଉତ୍ତର ପିଢ଼ି କରିବାରେ ସମର୍ଥ ତ ? ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଯୁବ ପିଢ଼ି ଦାଦନ ପାଇଁ ନିଜକୁ ପ୍ରସ୍ତୁତ କରିବା ପୂର୍ବରୁ ନିଜର ସବୁଜ କ୍ଷେତକୁ ଥରେ ନିରେଖି ଦେଖିବାକୁ ହେବ। ଇଂଲିଶମୁହାଁ ହେବା ପୂର୍ବରୁ ନିଜ ମାତୃଭାଷାକୁ ଥରେ ଭଲଭାବେ ପଢ଼ିବାକୁ ହେବ। ସହରର ଚାକଚକ୍ୟ ଭିତରେ ହଜିବା ପୂର୍ବରୁ ନିଜ ଗାଁ ମାଟିର ଡାକକୁ ଥରେ ବୁଝିବାକୁ ହେବ।

ନୂଆଦିଲ୍ଲୀ, ମୋ: ୯୩୫୦୧୨୭୩୭୦

## ଏଇ ଭାରତରେ

ମରୁଡ଼ିପ୍ରବଣ ଅଞ୍ଚଳରେ ପାଣିର ବିକଳ୍ପ ବ୍ୟବସ୍ଥା କରି ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲାରେ ପୋଖରୀ ପୁନରୁଦ୍ଧାର କରି ଏକ ଦମ୍ପତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହା ସହ ସେମାନେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କରୁଛନ୍ତି। ଏହି ଦମ୍ପତି ହେଉଛନ୍ତି ଆଇଏଫ୍‌ଏସ୍ ବିନୀତ କୁମାର ଓ ରୂପକ ଯାଦବ। ଜିଲାର କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ସହର ଆଖପାଖ ଗାଁଗୁଡ଼ିକରେ କୌଣସି ପୋଖରୀରେ ପାଣି ନ ଥିଲା। କିନ୍ତୁ ଏବେ ସେସବୁ ଜଳପୂର୍ଣ୍ଣ। ଏହି ଦମ୍ପତିଙ୍କ ପ୍ରଚେଷ୍ଟାରେ ଏବେ ସୁଦ୍ଧା ୧୧ଟି ପୁଷ୍କରିଣୀରେ ପର୍ଯ୍ୟାପ୍ତ ଜଳ ଗଚ୍ଛିତ ରଖିସାରିଲେଣି। 'ଅନନ୍ତ ନିରୁ ସଂରକ୍ଷଣମ୍' ପ୍ରୋଜେକ୍ଟ ମାଧ୍ୟମରେ କରାଯାଉଛି। ଏହି ଦମ୍ପତି ୪୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଏହି କାର୍ଯ୍ୟରେ ସାମିଲ କରିଛନ୍ତି। ବନ ବିଭାଗ ମଧ୍ୟ ସହାୟତାର ହାତ ବଢ଼ାଇଛି। ପୋଖରୀଗୁଡ଼ିକରେ ପାଣି ଭରି ରହିବା ଯୋଗୁ ପୂର୍ବରୁ ଜଳାଭାବରୁ କୃଷିକାର୍ଯ୍ୟ ଛାଡ଼ି ବାହାରକୁ ଚାଲିଯାଇଥିବା ଲୋକେ ଏବେ ଗାଁକୁ ଫେରି ଆସୁଛନ୍ତି। ବିନୀତ ଓ ରୂପକ ମଧ୍ୟ ବିଭିନ୍ନ ଗାଁରେ ନୂଆ ପୋଖରୀ ଖୋଳଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ଅଗଷ୍ଟ ୧୯୭୬**

- ଦକ୍ଷିଣ ଆଫ୍ରିକାର ବର୍ଣ୍ଣବିଦ୍ୱେଷୀ ସରକାର ମହାତ୍ମାଗାନ୍ଧୀଙ୍କର ୫ଜଣ ଅଣନାତିଙ୍କୁ ଦକ୍ଷିଣ ଆଫ୍ରିକା ଭ୍ରମଣ ପାଇଁ ଅନୁମତିପତ୍ର ଦେବାକୁ ମନା କରିଦେଇଛନ୍ତି।
- କେନ୍ଦ୍ର ହିନ୍ଦୀ ନିର୍ଦ୍ଦେଶାଳୟ ପକ୍ଷରୁ ହିନ୍ଦୀ ଇଂରାଜୀ ଏବଂ ଇଂରାଜୀ ହିନ୍ଦୀରେ ଶବ୍ଦକୋଷ ପ୍ରକାଶ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।
- ସ୍ୱଳ୍ପ ଆୟକାରୀ ବ୍ୟକ୍ତିଙ୍କ ଗୃହନିର୍ମାଣ ପାଇଁ ରାଜ୍ୟ ସରକାର ଶ୍ରମ ନିଯୁକ୍ତି ଗୃହନିର୍ମାଣ ବିଭାଗକୁ ଅତିରିକ୍ତ ୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## ଚିରନ୍ତନୀ

ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ
ସ୍ୱଦେଶେ ବିଦେଶେ କ୍ଷଣେ କ୍ଷଣେ ଆସେ
ତା'ରି ଶୁଭ ନିମନ୍ତ୍ରଣ ।
ପକ୍ୱ କେଶେ ମୋ କରେ ସେ ସରାଗ
ଗଳିତ ଅଙ୍ଗେ ବୋଳଇ ପରାଗ
ଦଶନବିହୀନ ବଦନେ ମୋହର
ଲେଖଇ ମଧୁ ଚୁମ୍ବନ
ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | 3 | 1 |
| | | 8 | 6 | | | 5 | | |
| | | | | | 9 | | | 7 |
| | 2 | | 5 | | 3 | | | |
| 5 | | 1 | | | | 2 | 4 | |
| 9 | | | 7 | | | | | |
| | | | 3 | | | 7 | 6 | |
| | 1 | | | | | 4 | | |
| | | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 8 | 3 | 7 | 1 | 5 | 4 | 9 |
| 1 | 9 | 3 | 5 | 4 | 6 | 2 | 7 | 8 |
| 7 | 5 | 4 | 8 | 9 | 2 | 1 | 3 | 6 |
| 3 | 7 | 5 | 1 | 6 | 8 | 9 | 2 | 4 |
| 6 | 1 | 9 | 7 | 2 | 4 | 3 | 8 | 5 |
| 4 | 8 | 2 | 9 | 5 | 3 | 7 | 6 | 1 |
| 5 | 4 | 1 | 6 | 3 | 7 | 8 | 9 | 2 |
| 8 | 2 | 7 | 4 | 1 | 9 | 6 | 5 | 3 |
| 9 | 3 | 6 | 2 | 8 | 5 | 4 | 1 | 7 |

ପୂର୍ବ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁରାତନ ତୀର୍ଥସ୍ଥଳର ସୁରକ୍ଷା ହେଉ

ମହାଶୟ,

ରାଜ୍ୟ ତଥା ଦେଶର ବହୁ ପୁରାତନ ମନ୍ଦିର ଉପରେ ବିଭିନ୍ନ ଗୁଳ୍ମଲତା, ବୃକ୍ଷରାଜି ମାଡ଼ିଗଲାଣି। ଅନେକ ମନ୍ଦିର ମଧ୍ୟ ଭାଙ୍ଗିରୁଜି ଗଲାଣି। ବିଭିନ୍ନ ସ୍ଥାନରେ ଥିବା ମଠମନ୍ଦିରରେ ସୌନ୍ଦର୍ଯ୍ୟମୟ ସୂକ୍ଷ୍ମ କାରୁକାର୍ଯ୍ୟ ରକ୍ଷଣାବେକ୍ଷଣ ଓ ଦାୟିତ୍ୱହୀନତାରୁ ନଷ୍ଟ ହେବାରେ ଲାଗିଛି। ଏସବୁ ମଠମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ? ପୁରାତନ ତୀର୍ଥସ୍ଥଳ, ଧାର୍ମିକପୀଠ, ମନ୍ଦିରର ସୁରକ୍ଷା ପାଇଁ ପ୍ରଶାସନ ଓ ଜନସାଧାରଣ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ। ଏହି ବିଷୟକୁ ହେୟ ମନେକଲେ, ଆଗାମୀ ପିଢ଼ି କହିବେ, ରାଜ୍ୟ ତଥା ଦେଶରେ କ'ଣ ମଣିଷ ଅଭାବ ଥିଲେ ? ଏଣୁ ପ୍ରଶାସନ, ବୁଦ୍ଧିଜୀବୀ ଜ୍ଞାନୀ ଗୁଣୀ ବ୍ୟକ୍ତିବିଶେଷ ଏ ଦିଗରେ ବିଶେଷ ଧ୍ୟାନ ଦିଅନ୍ତୁ।

– ଆଦିକନ୍ଦ ସାହୁ, ଆଳି ବ୍ଲକ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କୋଇଲା ଟ୍ରେନ୍‌ର ୪ ବଗି ଲାଇନ୍‌ଚ୍ୟୁତ**

ସନ୍ତିଛକ,୧୬।୮(ସନ୍ତୋଷ ପରିଡ଼ା): ଅନୁଗୋଳ ଜିଲା ବୁଢ଼ାପଙ୍କ ରେଳଷ୍ଟେଶନ ନିକଟରେ ଶନିବାର ଏକ କୋଇଲା ବୋଝେଇ ଟ୍ରେନ୍‌ର ୪ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ତାଳଚେରରୁ କୋଇଲା ନେଇ କଟକ ଦିଗରେ ଯାଉଥିବା ଉକ୍ତ ଟ୍ରେନ୍‌ଟି ଷ୍ଟେଶନକୁ ପ୍ରବେଶ କରିବା ପୂର୍ବରୁ ନାଲ୍‌କୋ ଲାଇନ୍‌ର ୯ ନମ୍ବର ଧାରଣାରେ ଲାଇନ୍‌ଚ୍ୟୁତ ହୋଇଥିଲା। ଖବର ମିଳିବା ମାତ୍ରେ ରେଲୱେ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅପରାହ୍ନ ୧ଟା ସୁଦ୍ଧା ଗୋଟିଏ ବଗି ଟ୍ରାକ୍ ଉପରକୁ ଅଣାଯାଇଥିବା ବେଳେ ଅନ୍ୟ ୩ଟିକୁ ଟ୍ରାକ୍ ଉପରେ ରଖିବାକୁ ଉଦ୍ୟମ ଜାରି ରହିଥିଲା। ତେବେ ଏହି ଦୁର୍ଘଟଣା ଯୋଗୁ ଅନ୍ୟ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇ ନ ଥିବାବେଳେ କେହି ଆହତ ହୋଇନାହାନ୍ତି।

# ଭୁବନେଶ୍ୱର-ଝାରସୁଗୁଡ଼ା ବିମାନ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱର ବିମାନବନ୍ଦରରେ ଭୁବନେଶ୍ୱରରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ବିମାନସେବାର ଶୁଭାରମ୍ଭ କରିଛନ୍ତି। ୭୬ ସିଟ୍ ବିଶିଷ୍ଟ ଏହି ଷ୍ଟାର ଏୟାର୍ ବିମାନ ଓଡ଼ିଶା ନ୍ୟୁ ଡେଷ୍ଟିନେଶନ୍ ପଲିସୀ ଅଧୀନରେ ବିମାନ ଯୋଜନାରେ ଭିଏବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ସହଯୋଗରେ ଚଳାଚଳ ଆରମ୍ଭ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନ ବନ୍ଦରରେ ପ୍ରଥମ ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ପ୍ରଦାନ କରିଥିଲେ।

ବର୍ତ୍ତମାନ ବିମାନଟି ସପ୍ତାହରେ ୫ ଦିନ ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଓ ଶନିବାର ଚଳାଚଳ କରିବ। ମାତ୍ର ୪୫ ମିନିଟ୍‌ରେ ଏହା ଭୁବନେଶ୍ୱରରୁ ଝାରସୁଗୁଡ଼ା ପହଞ୍ଚିବ। ଖୁବଶୀଘ୍ର ଏହାକୁ ଦୈନିକ ବିମାନସେବାରେ ପରିଣତ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଐତିହାସିକ ପଦକ୍ଷେପ ପଶ୍ଚିମ ଓଡ଼ିଶାକୁ ରାଜଧାନୀ ସହିତ ନିକଟତର କରିବା ସହ ଶିଳ୍ପୋନ୍ନତି, ପର୍ଯ୍ୟଟନ ଓ ସାଂସ୍କୃତିକ ଆଦାନପ୍ରଦାନକୁ ମଧ୍ୟ ଗତି ଦେବ। ଭୁବନେଶ୍ୱରରୁ ଏବେ ୪ଟି ଇଣ୍ଟରନ୍ୟାଶନାଲ ଫ୍ଲାଇଟ୍ ସିଙ୍ଗାପୁର, ବ୍ୟାଙ୍କକ୍, ଦୁବାଇ ଓ ଆବୁଧାବିକୁ ଚଳାଚଳ କରୁଛି ଏବଂ ଭୁବନେଶ୍ୱର ଓ ଝାରସୁଗୁଡ଼ାରୁ ଉଭୟ ନ୍ୟାଶନାଲ ଓ ଇଣ୍ଟରନ୍ୟାଶନାଲକୁ ମିଶାଇ ୩୯ଟି ରୁଟ୍‌ରେ ବିମାନ ଚଳାଚଳ କରୁଛି। ଓଡ଼ିଶା ଭିତରେ ଭୁବନେଶ୍ୱରରୁ ଜୟପୁର, ରାଉରକେଲା ଓ ଉତ୍କେଲାକୁ ବିମାନ ଚଳାଚଳ କରୁଥିଲା। ଆଜି ଝାରସୁଗୁଡା ସହିତ ଭୁବନେଶ୍ୱର ଆକାଶପଥରେ ଯୋଡ଼ିହେଲା। ଆଗାମୀ ଦିନରେ ଆହୁରି ଅଧିକ ଡୋମେଷ୍ଟିକ ଓ ଇଣ୍ଟରନ୍ୟାଶନାଲ ଫ୍ଲାଇଟ୍ ଚଳାଚଳ ପାଇଁ ଉଦ୍ୟମ ଜାରି ରହିଛି। ଭୁବନେଶ୍ୱର ବିମାନ ବନ୍ଦରରେ ମେଣ୍ଟେନାନ୍ସ, ରିପେଆରିଂ ଆଣ୍ଡ ଅପରେଶନ୍ (ଏମ୍‌ଆରଓ) ବ୍ୟବସ୍ଥା ବିକଶିତ କରାଯିବା ପାଇଁ ଯୋଜନା ରହିଛି। ବିଶ୍ୱସ୍ତରୀୟ ବିମାନ ଚଳାଚଳ ବ୍ୟବସ୍ଥା କ୍ଷେତ୍ରରେ ଆଗକୁ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହେବ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସତ୍ୟବାଦୀ ବିଧାୟକ ଓମପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡ଼ଚଣା ବିଧାୟକ ଅମର ନାୟକ, ନିଆଳୀ ବିଧାୟକ ଛବି ମଲ୍ଲିକ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ଏବଂ ଭୁବନେଶ୍ୱର ବିମାନବନ୍ଦରର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।



**ଓଡ଼ିଶାରୁ ୩୯ ରୁଟ୍‌ରେ ବିମାନ ଚଳାଚଳ କରୁଛି**

# ଛତୁଆ ଉତ୍ପାଦନ, ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଅପପୁଷ୍ଟି ରୋକିବା ପାଇଁ ଚାଲିଥିବା ଟେକ୍-ହୋମ୍-ରାଶନ ଯୋଜନାରେ ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉପଯୁକ୍ତ ତଦାରଖ ଏବଂ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ବିଭିନ୍ନ ଯୋଜନାରେ ୪୩,୯୨,୭୦୦ ହିତାଧିକାରୀଙ୍କୁ ବିଭିନ୍ନ ପୁଷ୍ଟି ଯୋଜନା ଅଧୀନରେ ଟେକ୍-ହୋମ୍-ରାଶନରେ ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ଦିଆଯାଉଛି। ୫୪୬ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ଛତୁଆ ଉତ୍ପାଦନ ସହ ବଣ୍ଟନ କରାଯାଉଛି। ଅପପୁଷ୍ଟି ରୋକିବା ପାଇଁ ପରିପୂରକ ପୁଷ୍ଟି ଯୋଜନା (ଏସ୍‌ଏନ୍‌ପି), କିଶୋରୀ ବାଳିକାଙ୍କ ପୁଷ୍ଟି ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଆଦି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଛତୁଆ ପ୍ରସ୍ତୁତିଠାରୁ ଆରମ୍ଭକରି ପ୍ୟାକେଜିଂ, ବଣ୍ଟନ ପର୍ଯ୍ୟନ୍ତ ପୂରା ବ୍ୟବସ୍ଥାରେ ଉନ୍ନତି ଅଣାଯିବା ଆବଶ୍ୟକ। ସେ ଆହୁରି କହିଛନ୍ତି, ଶିଶୁ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ରାଜ୍ୟର ବିକାଶ ପାଇଁ ସବୁଠାରୁ ଅଧିକ ଜରୁରୀ। ଏଥିରେ କୌଣସି ପରିସ୍ଥିତିରେ ଅଣଦେଖା କରିହେବ ନାହିଁ। ତେଣୁ ଏହି ବ୍ୟବସ୍ଥାର ପ୍ରତ୍ୟେକସ୍ତରରେ ଉତ୍ତମ ତଦାରଖ ଓ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି। ବୈଠକରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ଯେପରି ମୁକାବିଲା କରିପାରିବେ ତଥା ବିଭିନ୍ନ ପରିସ୍ଥିତିରେ ସେମାନଙ୍କ ମନୋବଳ ଯେପରି ଦୃଢ଼ ରହିବ ସେଥିପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯେଉଁସବୁ ଜାଗାରେ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ, ସେଠାରେ ନିଜସ୍ୱ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ। ଆବଶ୍ୟକସ୍ଥଳେ ଅଙ୍ଗନୱାଡି କେନ୍ଦ୍ର ପାଇଁ ଜମି କିଣିବା ନିମନ୍ତେ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୁଣା ଅଙ୍ଗନୱାଡି କେନ୍ଦ୍ରଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଯିବ। ଓ୍ୱାଡିସ୍ ଓ ଡିଏମ୍‌ଏଫ୍ ଜିଲାଗୁଡିକରେ ଶତ ପ୍ରତିଶତ ଅଙ୍ଗନୱାଡିର ନିଜସ୍ୱ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପଢ଼ା ପୁଷ୍ଟି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇପାରୁ ନ ଥିବା ପିଲାମାନଙ୍କ ପାଇଁ ସେମାନଙ୍କ ଘରେ ଠିକ୍ ସମୟରେ ଖାଦ୍ୟ ଯୋଗାଇଦିଆଯିବ। ଅଙ୍ଗନୱାଡି ପିଲାଙ୍କୁ ଦିଆଯାଉଥିବା ପୋଷାକ ଓ ଜୋତା ଯୋଗାଣରେ ରାଜ୍ୟର କ୍ଷୁଦ୍ରଶିଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

**WANTED**

Experienced **ELECTRICAL SITE ENGINEERS** with **AutoCad Skills** for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.

Contact Person
Abinash Rautaray : 63713 82526

## ସରକାର ଶିକ୍ଷକ, ଅଧ୍ୟାପକଙ୍କ ଦାବି ଅଗ୍ରାଧିକାର ଭିତ୍ତିରେ ଶୁଣନ୍ତୁ: ଭକ୍ତ ଚରଣ ଦାସ

ଭୁବନେଶ୍ୱର,୧୬।୮ (ସୁନିତ୍ ମିଶ୍ର)

ଭାଜପା ସରକାର ନାରୀ ନିର୍ଯାତନା, ଅପରାଧ, ଲୋକଙ୍କ ଦୁର୍ଦ୍ଦଶା, ମିଥ୍ୟା ପ୍ରତିଶ୍ରୁତିରେ ସବୁ ରେକର୍ଡ ଭାଙ୍ଗିଦେଇଛି। ପ୍ରତାରିତ ଶିକ୍ଷକ ଓ ଅଧ୍ୟାପକଙ୍କ ଦାବିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଭକ୍ତ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ସରକାର କର୍ପୋରେଟ୍ ହାଉସ ଦ୍ୱାରା ପରିଚାଳିତ ସ୍କୁଲ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅଗ୍ରାଧିକାର ଦେଉଥିବାବେଳେ ନିଜ ଶିକ୍ଷାନୁଷ୍ଠାନଗୁଡିକ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଶିକ୍ଷକଙ୍କୁ ପେନ୍ସନ, ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକର ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି ସମେତ ବିଭିନ୍ନ ଦାବିନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଓ ଅନ୍ୟ ସଂଘଗୁଡ଼ିକ ବିଭିନ୍ନ ସମୟରେ ବିକ୍ଷୋଭ କରୁଛନ୍ତି। ସେମାନଙ୍କ ଦାବି ଉପସ୍ଥାପନ ପାଇଁ ୧୨ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି ଜଣାଇଥିଲେ ସୁଦ୍ଧା ସରକାର କିଛି ପଦକ୍ଷେପ ନେଇନାହାନ୍ତି ବୋଲି ସେ କହିଛନ୍ତି।

# ଆରପାରିରେ କଟକ ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁ

କଟକ,୧୬।୮(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦହିବରାକୁ ପ୍ରସିଦ୍ଧ କରିଥିବା ଦହିବରା ବ୍ୟବସାୟୀ ରଘୁନାଥ ସାସ୍‌ମଲ(ରଘୁ)ଙ୍କ ପରଲୋକ ହୋଇଛି। ତାଙ୍କୁ ୯୧ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିବାବେଳେ ଶନିବାର ସକାଳ ୯ଟା ୪୫ ମିନିଟ୍‌ରେ ବିଡାନାସୀ ଗୋପାଳସାହିସ୍ଥିତ ବାସଭବନରେ ପରଲୋକ ହୋଇଥିଲା। ମୃତ୍ୟୁ ବେଳକୁ ସ୍ତ୍ରୀ ନିଶାରାଣୀ ସାସମଲ(୮୫), ପୁତୁରା କେଦାରନାଥ ସାସମଲ, ଦୁଇପୁଅ ଲିଙ୍ଗରାଜ ସାସମଲ ଓ ବନମାଳୀ ସାସମଲ, ଦୁଇ ଝିଅ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ମଧ୍ୟାହ୍ନରେ ବିଡାନାସୀ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ବଡପୁଅ ଲିଙ୍ଗରାଜ ମୁଖାଗ୍ନି ଦେଇଥିବା ପୁତୁରା କେଦାରନାଥ ସାସମଲ ସୂଚନା ଦେଇଛନ୍ତି। ମୃତ୍ୟୁ ଖବର ପାଇ କଟକ ମେୟର ସୁବାସ ଚନ୍ଦ୍ର ସିଂ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, ଅଭିନେତା ତଥା ଭାଜପା ନେତା ଶ୍ରୀତମ ଦାସ ଓ କଟକ ଦହିବରା ଆଳୁଦମ ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନା ଅନୁଯାୟୀ, ୧୯୩୪ ଜୁନ ୬ ତାରିଖ କଟକ ବିଡାନାସୀ ଗୋପାଳ ସାହିରେ ଜନ୍ମ ନେଇଥିଲେ ରଘୁନାଥ। ମାତ୍ର ୧୫ ବର୍ଷ ବୟସରେ ଦହିବରା ଆଳୁଦମ ବ୍ୟବସାୟ କରିଥିଲେ। ସହରର ବିଭିନ୍ନ ସାହିରେ ସାଇକେଲରେ ଯାଇ ଦହିବରା-ଆଳୁଦମ ବିକ୍ରି କରିବା ଆରମ୍ଭ କରିଥିଲେ। ପରେ ସେ ବାରବାଟୀ ଷ୍ଟାଡିୟମ ନିକଟରେ ଦହିବରା-ଆଳୁଦମ ବିକିଲେ। ସହର ବଢ଼ିବା ପରେ ୧୯୯୯ରୁ ରଘୁ ବିଡାନାସୀ ବନ୍ଧରେ ଦହିବରା-ଆଳୁଦମ ବିକ୍ରି କରି ଆସୁଛନ୍ତି। କଞ୍ଚା ଶାଳପତ୍ରରେ ଦହିବରା-ଆଳୁଦମ୍ ପରଷି ଦେଇ ଆସୁଥିଲେ। ରଘୁଙ୍କ ଦହିବରା ପ୍ଲେଟର ଦର ଅଣାଏରୁ ଆରମ୍ଭ ହୋଇ ଏବେ ୬୦ ଟଙ୍କାରେ ପହଞ୍ଚିଛି। ପ୍ରାୟ ୭୪ ବର୍ଷ ହେବ ରଘୁ ବିଡାନାସୀରେ ଦହିବରା-ଆଳୁଦମ୍ ସହ ପେଡା ବିକ୍ରି କରିଆସୁଥିଲେ। ୨୦୧୭ରେ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶା ପର୍ବରେ ଯୋଗଦେଇ ସେ ବେଶ ପ୍ରଶଂସା ସାଉଁଟି ଥିଲେ। କଟକ ଦହିବରାକୁ ଲୋକପ୍ରିୟ କରାଇବାରେ ତାଙ୍କର ବିଶେଷ ଭୂମିକା ଥିଲା। ଓଡ଼ିଶା ତଥା ବାହାରେ କଟକ ଦହିବରା ଆଳୁଦମକୁ ଏକ ନୂତନ ପରିଚୟ ଦେଇଥିଲେ ରଘୁ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଘୁଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କଟକ ଦହିବରା ଆଳୁଦମକୁ ଜିଆଇ ଟ୍ୟାଗ୍ ପ୍ରଦାନ କରିବାକୁ ରଘୁ ଦାବି କରିଆସୁଥିଲେ।



ରଘୁନାଥ ସାସ୍‌ମଲ

## ଓଲଟିଲା ପିକ୍‌ଅପ୍ ଭ୍ୟାନ୍: ୨ ଶ୍ରମିକ ମୃତ

ବଣାଇଁ,୧୬।୮(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ବିରିତୋଳା ୧୪୩ ନମ୍ବର ଜାତୀୟ ରାଜପଥରେ ଶନିବାର ସନ୍ଧ୍ୟାରେ ଏକ ଟାଇଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିକା ଭୂମିଜ ଓ ଅଜୟ ମୁଣ୍ଡାରି। ମୃତକଙ୍କ ଘର ରାଉରକେଲା ଜଲଦା ଅଞ୍ଚଳର ବୋଲି ସୂଚନା ମିଳିଛି। ଦୁର୍ଘଟଣାରେ ଅନ୍ୟ ୩ ଗୁରୁତର ଆହତ ହୋଇଛନ୍ତି। ଏନେଇ ଚାନ୍ଦିପୋଷ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରାଉରକେଲାରୁ ଟାଇଲ ବୋଝେଇ କରି ପିକ୍‌ଅପ ଭ୍ୟାନ୍ ବଣାଇଁ ଆସୁଥିଲା। ଭ୍ୟାନ୍ ଭିତରେ ଡ୍ରାଇଭରଙ୍କ ସହ ୨ ଜଣ ଶ୍ରମିକ ଥିବା ବେଳେ ଡାଲାରେ ୨ ଜଣ ଶ୍ରମିକ ବସିଥିଲେ। ବିରିତୋଳା ୧୪୩ ନମ୍ବର ଜାତୀୟ ରାଜପଥରେ ହଠାତ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଘଟଣା ସ୍ଥଳରେ ଡାଲାରେ ବସିଥିବା ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଚାନ୍ଦିପୋଷ ପୋଲିସ ୩ ଗୁରୁତରଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

GOVERNMENT OF ODISHA No.A-506
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
'e' Procurement Notice No-CE & BM-MB-15/2025-2026 (Online)
BID IDENTIFICATION NO-CE & BM-MB-15/2025-2026 (Online)

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Kebar Canal Section, Barpali Irrigation Division, Barpali) |
| 2 | No of works | : | One (01) number |
| 3 | Class of contractor | : | "Special Class" and "Super Class" |
| 4 | Bid Identification No | : | CE&BM-MB-15/2025-2026 (Online) |
| 5 | Estimated cost | : | Rs.21.13 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 20.08.2025 at 11.30 A.M. to Dated - 09.09.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 09.09.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 10.09.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager, Mahanadi Basin, Burla

OIPR-32508/11/0024/2526

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST/OT/CCTV/ ORH/KUR/488, ତା.09.08.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଦୂରସଂଚାର ଉପକରଣର ଉନ୍ନୟନ, OHE ଓ PSI ଡିପୋରେ CCTV ସଂସ୍ଥାପନ, ଡିସ୍‌ପ୍ଲେ ଏବଂ ସାର୍ବଜନୀନ ଘୋଷଣା ପ୍ରଣାଳୀର ବ୍ୟବସ୍ଥା, RPF ପୋଷ୍ଟ ଏବଂ କାର୍ଯ୍ୟାଳୟ ନିମନ୍ତେ ଦୂରସଂଚାର କାର୍ଯ୍ୟ, ତଥା ଦୂରସଂଚାର ଉପକରଣ ଓ ଯନ୍ତ୍ରପାତିର ଯୋଗାଣ।

**ଟେଣ୍ଡର ମୂଲ୍ୟ :** ₹ 5,71,98,454.54, **EMD :** ₹ 4,36,000/-

ବିଡ଼୍ ଆରମ୍ଭ ହେବା ତାରିଖ : ତା.18.08.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.09.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଛେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-480/Q/25-26

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764 051
Phones : 06861-291058(O)/291048(R)<E mail - bhep.balimela@gmail.com>/unit.head_balimela@yahoo.com
REGISTERED OFFICE : ODISHA HYDRO POWER CORPORATION LIMITED.
(A Government of Odisha Undertaking)
BHOI NAGAR, JANPATH, BHUBANESWAR - 751022
Tel. : 91 0674-2542983, 2542802, 2545526, 2542826, GRAM : HYDROPOWER,
e-mail : ohpc.co@gmail.com / md@ohpcltd.com, WEB : www.ohpcltd.com / CIN : U40101OR1995SGC003963

ISO 9001-14001 18001 Certified

**NOTICE INVITING TENDER NO. 30/2025-26 DATED 12.08.2025**

No.CAD-1450 : Sealed Tenders are invited in **two-part** basis i.e. (a) **Techno-Commercial bid** & (b) **Price-bid** from the registered Security Agencies who fulfill the eligibility criteria as per the tender specification for the work as mentioned below.

| SL. NO. | DESCRIPTION OF SERVICES | COST OF TENDER PAPER (Non-refundable) in Rs. | EMD | PERIOD OF AVAILABILITY OF TENDER AT OHPC WEBSITE | LAST DATE & TIME OF RECEIPT OF TENDER | DATE & TIME OF OPENING OF TECHNO COMMERCIAL BID |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Engagement of security personnel in BHEP, Balimela for a period of two years | Rs.11,800/- (Rs.10,000/- + GST 18%) | Rs.4,50,000/- | 20.08.2025 to 11:00 Hrs. on 08.09.2025 | up to 13:00 Hrs. on dated 08.09.2025 | 17:00 Hrs. on dated 08.09.2025 |

For details of the tender documents, terms & conditions please visit our website www.ohpcltd.com

OIPR-04019/11/0110/2526 Sd./- Unit Head, BHEP, Balimela

**ଜାତୀୟ/ଅନ୍ତର୍ଜାତୀୟ ଖବର**

# ପାକିସ୍ତାନରେ ବାଦଲଫଟା ବର୍ଷା: ୩୨୭ ମୃତ

ଇସ୍‌ଲାମାବାଦ,୧୬।୮

ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଗୁରୁବାରଠାରୁ ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରବଳ ବର୍ଷା ଲାଗି ରହିବା ଯୋଗୁ ହଠାତ୍ ବନ୍ୟା ଆସି ୩୨୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅନେକ ଛୋଟ ପିଲା ଅଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ୧୫୧ ଜଣ ଏବଂ ପାକ୍ ଅଧିକୃତ କଶ୍ମୀରରେ ୭ ଜଣ ପ୍ରାଣ ହରାଇଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ଜଣାଇଛନ୍ତି। ଜୁନ୍ ୨୬ରୁ ପାକିସ୍ତାନରେ ବର୍ଷାଋତୁ ଆରମ୍ଭ ହେବା ସହ ଏପର୍ଯ୍ୟନ୍ତ ୬୪୫ ଜଣଙ୍କ ମୃତ୍ୟୁ ଘଟିଲାଣି। ସେଥିରୁ ୫୦ ପ୍ରତିଶତରୁ ଅଧିକ କେବଳ ଖାଇବର ପଖ୍‌ତୁନ୍‌ଖ୍ୱା ପାର୍ବତ୍ୟାଞ୍ଚଳ ପ୍ରଦେଶରେ ବୋଲି ଏନ୍‌ଡିଏମ୍‌ଏ ତଥ୍ୟରୁ ଜଣାପଡ଼ିଛି। ସର୍ବାଧିକ କ୍ଷତିଗ୍ରସ୍ତ ବୁନେର ଜିଲାରେ କେବଳ ୨୦୪ ଜଣ ପ୍ରାଣ ହରାଇଛନ୍ତି। ଶାଙ୍ଗ୍‌ଲାରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମାନସେହରାରେ ୨୩, ସ୍ୱାତ୍‌ରେ ୨୨, ବଜାଉରରେ ୨୧ ଓ ବାଟଗ୍ରାମରେ ୧୫ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୧୫ ଜଣ ମହିଳା ଓ ୧୩ ପିଲା ଅଛନ୍ତି। ଅନ୍ୟୂନ ୧୨୦ ଜଣ ଆହତ ହେବା ସହ ୫୦ ଜଣ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

## ଭୋଟର ତାଲିକାରେ ତ୍ରୁଟି ଥିଲେ ନିର୍ବାଚନ ପୂର୍ବରୁ ଜଣାଇବା ଆବଶ୍ୟକ: ଇସି

ନୂଆଦିଲ୍ଲୀ,୧୬।୮

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଏବଂ ଭୋଟ ଚୋରି ଅଭିଯୋଗକୁ ନେଇ ବିବାଦ ଜାରି ରହିଥିବାବେଳେ ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ଥିବା ତ୍ରୁଟି ସମ୍ପର୍କରେ ଦଳଗୁଡ଼ିକ ଜଣାଇବା ଆବଶ୍ୟକ ବୋଲି ନିର୍ବାଚନ କମିଶନ (ଇସି) ଶନିବାର କହିଛନ୍ତି। ନିର୍ବାଚନ ପୂର୍ବରୁ ଇସି ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ନିମନ୍ତେ ଏହାକୁ ରାଜନୈତିକ ଦଳ ମଧ୍ୟରେ ଶେୟାର କରିଥାନ୍ତି। ସେତେବେଳେ ତ୍ରୁଟି ସମ୍ପର୍କରେ ସେମାନେ ଇସିଙ୍କ ଦୃଷ୍ଟି ଆକର୍ଷଣ କରୁ ନ ଥିବାରୁ କେତେକ ରାଜନୈତିକ ଦଳ ଓ ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ଭୋଟର ତାଲିକାକୁ ଯାଞ୍ଚ କରୁ ନ ଥିବା ଜଣାପଡୁଛି। ଉପଯୁକ୍ତ ସମୟରେ ଏହା ଉଠାଇଥିଲେ ସଂଶୋଧନ ହୋଇପାରିଥାନ୍ତା ବୋଲି କମିଶନ କହିଛନ୍ତି।

## ରାଷ୍ଟ୍ରପତି, ରାଜ୍ୟପାଳଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ସମୟସୀମାକୁ କେନ୍ଦ୍ରର ବିରୋଧ

ନୂଆଦିଲ୍ଲୀ,୧୬।୮

ବିଚାରାଧୀନ ବିଲ୍‌ଗୁଡ଼ିକ ଉପରେ ରାଷ୍ଟ୍ରପତି ୩ ମାସ ଏବଂ ରାଜ୍ୟପାଳ ୧ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ଗତ ଏପ୍ରିଲରେ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଥିଲେ। ଏହାକୁ କେନ୍ଦ୍ର ସରକାର ବିରୋଧ କରିଛନ୍ତି। ଏଭଳି ପଦକ୍ଷେପ ସାମ୍ବିଧାନିକ କ୍ଷମତା ସନ୍ତୁଳନରେ ବାଧା ସୃଷ୍ଟି କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନୁଚ୍ଛେଦ ୧୪୨ରେ ପ୍ରଦତ୍ତ ଅସାଧାରଣ କ୍ଷମତା ସତ୍ତ୍ୱେ ସୁପ୍ରିମକୋର୍ଟ ସମ୍ବିଧାନ ସଂଶୋଧନ କରିପାରିବେ ନାହିଁ। ସାମ୍ବିଧାନିକ ପାଠରେ ଏଭଳି ପ୍ରକ୍ରିୟାଗତ ନିର୍ଦ୍ଦେଶ ନ ଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି। ସମୟସୀମା ଧାର୍ଯ୍ୟ କରିବା ଦ୍ୱାରା ଗୋଟିଏ ସଂସ୍ଥାର କ୍ଷମତାକୁ ଅନ୍ୟ ସଂସ୍ଥା ଗ୍ରହଣ କରିବାକୁ ଅନୁମତି ଦେଲେ ସାମ୍ବିଧାନିକ ଅରାଜକତା ସୃଷ୍ଟି ହେବ ବୋଲି ସରକାର ସତର୍କ କରାଇଛନ୍ତି।

## କାର୍ ଘୋଷାରି ନେବାରୁ ସେନାର ପୂର୍ବ କ୍ୟାପ୍‌ଟେନ ମୃତ

ଜୟପୁର,୧୬।୮

ରାଜସ୍ଥାନର ଜୟପୁରସ୍ଥିତ ଚିତ୍ରକୂଟ ଷ୍ଟାଡିୟମ ନିକଟରେ ଶୁକ୍ରବାର ସକାଳେ ଅବସରପ୍ରାପ୍ତ ସେନା କ୍ୟାପ୍‌ଟେନ୍ ନରସରମ ଜାଜ୍‌ରା ଏକ ସାଇକେଲରେ ଯାଉଥିବା ବେଳେ ତାଙ୍କୁ ପଛପଟୁ ଏକ କାର୍ ଧକ୍କା ଦେଇଥିଲା। ଫଳରେ ଜାଜ୍‌ରା କାର୍‌ର ଆଗ ଚକ ତଳେ ପଡ଼ିଯାଇଥିଲେ ଓ ୧୦ ଫୁଟ୍ ପର୍ଯ୍ୟନ୍ତ ଘୋଷାରି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଜାଜ୍‌ରାଙ୍କୁ ମଡ଼ାଇବା ପରେ କାର୍‌ଟି ତୁରନ୍ତ ଫେରାର ହୋଇଯାଇଥିଲା। ଉକ୍ତ କାର୍‌କୁ ଜଣେ ମହିଳା ଚଳାଉଥିବା ନେଇ ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ପୋଲିସ ଅଭିଯୁକ୍ତ ମହିଳା କାର୍ ଚାଳକଙ୍କୁ ଖୋଜିବା ଜାରି ରଖିଛି।

CAD - 1496

**ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ**

**Odisha Real Estate Regulatory Authority**

ORERA

**ଆପଣ ଜାଣନ୍ତି କି ?**

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

**Secretary, Odisha RERA**
**Block-A1, 3rd Floor, Toshali Bhawan, Satya Nagar, Bhubaneswar-751007**
**Email: reraodisha@gmail.com**

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
**https://rera.odisha.gov.in**

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/11/0014/2526

# ବିଷୟ ସଂଶୋଧନ ପାଇଁ ୧୮ରୁ ଖୋଲିବ ଲିଙ୍କ୍

ଭୁବନେଶ୍ୱର,୧୬।୮ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୬ ବିଷୟ ସଂଶୋଧନ ପୁଣିଥରେ କରାଯାଇପାରିବ। ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କ ବିଷୟ ସଂଶୋଧନ ପାଇଁ ଦ୍ୱିତୀୟ ସୁଯୋଗ ପରିଷଦ ପକ୍ଷରୁ ଦିଆଯାଇଛି। ଏଥିପାଇଁ ଲିଙ୍କ୍ ଅଗଷ୍ଟ ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ଖୋଲାରହିବ। ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପ୍ରିନ୍ସିପାଲ୍‌ମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ, ସେମାନେ ନିଜ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ବିଷୟ ସଂଶୋଧନ ସାମ୍ସ ଇ-ସ୍ପେସ୍ ମାଧ୍ୟମରେ କରିପାରିବେ। ବିଷୟ ସଂଶୋଧନ ପାଇଁ ଆଉ କୌଣସି ତାରିଖ ବୃଦ୍ଧି କରାଯିବ ନାହିଁ ବୋଲି ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଶନିବାର ଏକ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି।

# 'ସଙ୍ଗୀତକାର ଆଘାତ ଦେବା ଭଳି ସୃଜନରୁ ନିବୃତ୍ତ ରୁହନ୍ତୁ'



ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ।

## ସଙ୍ଗୀତ ଉତ୍ସବ 'ଭାରତୀୟମ୍'

ଭୁବନେଶ୍ୱର, ୧୬।୮ (ସୌମ୍ୟରଞ୍ଜନ ରାଉତ)

ସମାଜରେ ଯେତେବେଳେ ପରିବର୍ତ୍ତନର ସମୟ ଆସେ ତା'ର ପ୍ରଥମ ଆଭାସ ଲେଖକ, ଗୀତିକାର ଓ କଳାକାରଙ୍କଠାରୁ ମିଳିଥାଏ। ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାନ ଦେଶଭକ୍ତଙ୍କ ଦେଶାତ୍ମବୋଧକ କବିତା ଓ ସଙ୍ଗୀତ ପ୍ରତ୍ୟେକ ଭାରତୀୟଙ୍କ ମନରେ ଜାତୀୟତାବାଦର ଚେତନା ଜଗାଇଥିଲା। ଆଜିର ସଙ୍ଗୀତ ଓ କଳା କ୍ଷେତ୍ରରେ ଅସୀମିତ ସୁଯୋଗ ରହିଛି। କଳାକାରଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଓ ସମ୍ମାନ ମିଳୁଛି। ସଙ୍ଗୀତକାରମାନେ ଧର୍ମୀୟ ଭାବନା କିମ୍ବା କୌଣସି ଜାତି କି ସମ୍ପ୍ରଦାୟକୁ ଆଘାତ ଦେଲା ପରି ସୃଜନରୁ ନିବୃତ୍ତ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ୍' ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ସ୍ୱାଧୀନତା ଆନ୍ଦୋଳନ ସମୟରେ ସଂଗ୍ରାମୀ କବିଙ୍କ କାଳଜୟୀ ରଚନା ପରାଧୀନ ଭାରତରେ ଦେଶବାସୀଙ୍କୁ ଜାତୀୟତା ଭାବରେ ଉଦ୍‌ବୁଦ୍ଧ କରିଥିଲା। ସଂଗ୍ରାମୀମାନେ ଯେତେବେଳେ 'ବନ୍ଦେ ମାତରଂ' ଗୀତ ଗାଇ ବ୍ରିଟିଶ ଶାସନକୁ ବିରୋଧ କରୁଥିଲେ, ସେହି ସମୟରେ ବ୍ରିଟିଶ ସରକାରଙ୍କ ଦୃଢ଼ ପ୍ରାଚୀରମାନ କମ୍ପି ଉଠୁଥିଲା। ଲେଖକ ଓ କବିଙ୍କ କଲମର ସଙ୍ଗୀତ ଦେଶବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମରେ ୧୫ରୁ ଅଧିକ କଣ୍ଠଶିଳ୍ପୀ ଦେଶାତ୍ମବୋଧ ସଙ୍ଗୀତ ଗାନ କରି ଦର୍ଶକଙ୍କ ମନରେ ଦେଶପ୍ରେମର ଭାବ ଭରିଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ମଣ୍ଡପ ପରିସରରେ ବିଭାଗ ପକ୍ଷରୁ ଆୟୋଜିତ 'ଘରେ ଘରେ ତ୍ରିରଙ୍ଗା ଅଭିଯାନ'ର ଫଟୋ ଓ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡି, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଭବନରେ ଆଟ୍-ହୋମ୍ କାର୍ଯ୍ୟକ୍ରମ



ଆଟ୍-ହୋମ୍ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୧୬।୮ (ସୁଚିସ୍ମିତା ସାହୁ)

ସ୍ୱାଧୀନତା ଦିବସ ଅବସରରେ ଶୁକ୍ରବାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କ ସୌଜନ୍ୟରେ ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆଟ୍-ହୋମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳଙ୍କ ଆମନ୍ତ୍ରଣରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡି, ବାଚସ୍ପତି ସୁରମା ପାଢ଼ୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିଭଳି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବହୁ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ପଦ୍ମ ପୁରସ୍କାର ବିଜେତା, ରାଜନୈତିକ ଦଳର କର୍ମକର୍ତ୍ତା, ରାଜ୍ୟ ପ୍ରଶାସନିକ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ପ୍ରତିରକ୍ଷା ବିଭାଗର ପଦାଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, କ୍ରୀଡ଼ାବିତ୍, ସାରସ୍ୱତ ସ୍ରଷ୍ଟା, କଳାକାର ଓ ଶିଳ୍ପୀ, କର୍କଟ ରୋଗରୁ ମୁକ୍ତ ବ୍ୟକ୍ତି, ପିଭିଟିଜି ବର୍ଗର ବ୍ୟକ୍ତିବିଶେଷ, ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ ପ୍ରମୁଖ ଆଟ୍-ହୋମ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଡ. କମ୍ଭମ୍‌ପାଟି ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଅତିଥିଙ୍କ ସହ ଭାବବିନିମୟ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଏକ ବାର୍ତ୍ତାରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ।

# ଡିକି ଭାଙ୍ଗି ୧ ଲକ୍ଷ ଚୋରି

ବାରଙ୍ଗ, ୧୬।୮ (ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ଗୋଡିସାହି ଫାଣ୍ଡି ଅଧୀନ ଷଣ୍ଢପୁର ମେଡିକାଲ ଛକ ନିକଟ ଷ୍ଟେସନେରୀ ଦୋକାନ ଆଗରେ ଥିବା ଏକ ବାଇକରୁ ଚୋରି ହୋଇଛି। ମୁଣ୍ଡଳି ଗ୍ରାମର ତାପସ ରଞ୍ଜନ କରଙ୍କ ଗାଡି ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୧ଲକ୍ଷ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ତାପସ ତ୍ରିଶୂଳିଆ ନରଣପୁରରେ ଥିବା ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ବାଇକ୍(ନମ୍ବର-ଓଆର ୦୫କେ୧୬୦୬)ଡିକିରେ ରଖିଥିଲେ। ପ୍ରାୟ ସାଢ଼େ ୧ଟା ବେଳେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଏକ ଷ୍ଟେସନେରୀ ଦୋକାନ ଆଗରେ ଗାଡି ରଖି କିଛି ଜିନିଷ ଆଣିବା ପାଇଁ ଦୋକାନ ଭିତରକୁ ଯାଇଥିଲେ। ତାପସ କିଣାକିଣି ସାରି ଫେରିବା ବେଳକୁ ଗାଡିର ଡିକି ଭାଙ୍ଗି କେହି ୧ଲକ୍ଷ ଟଙ୍କା ନେଇଯାଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ଗୋଡିସାହି ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ବ୍ୟାଙ୍କ ପାଖରୁ ଘଟଣାସ୍ଥଳ ପର୍ଯ୍ୟନ୍ତ ଲାଗିଥିବା ସିସି କ୍ୟାମେରାକୁ ଯାଞ୍ଚ କରିବା ଆରମ୍ଭ କରି ତଦନ୍ତ ଚଳାଇଛି।

# ଆଦିତ୍ୟ ମେମୋରିଆଲ କୁଇଜ୍‌ର ୧୫ତମ ସଂସ୍କରଣ




ରେରା ଭୁବନେଶ୍ୱରର ଅଧକ୍ଷ ଅସିତ ମହାପାତ୍ରଙ୍କ ସହ ଅନ୍ୟ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର,୧୬।୮ (ଅନୁରାଧା ମହାରଣା)

## ଭାଗ ନେଲେ ୨୨ ସ୍କୁଲର ୧୭୪ ଛାତ୍ରୀଛାତ୍ର

ଲୟୋଲା ସ୍କୁଲର ରୌପ୍ୟ ଜୟନ୍ତୀ ଅବସରରେ ପୁରାତନ ଛାତ୍ର ଆଦିତ୍ୟ ସାହୁଙ୍କ ସ୍ମୃତିରେ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ 'ଆଦିତ୍ୟ ମେମୋରିଆଲ କୁଇଜ'ର ୧୫ତମ ସଂସ୍କରଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଦିତ୍ୟଙ୍କ ଅଟଳ ମନୋଭାବ, ନିରନ୍ତର ଅଧ୍ୟୟନ ଓ କୁଇଜ୍‌ ପ୍ରତି ଥିବା ଆଗ୍ରହକୁ ମନେ ପକାଇ ଏକ୍ସଆଇଏମ୍ ୟୁନିଭର୍ସିଟିଠାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନର ମିହିର ସାହୁ, ଜୟଶ୍ରୀ ସାହୁ, ଲୟୋଲା ସ୍କୁଲ ଭୁବନେଶ୍ୱରର ରେକ୍ଟର ଫାଦର ଅଗଷ୍ଟିନ, ପ୍ରିନ୍ସିପାଲ ଫାଦର ଏ. ଅମାଲାଦସ ପ୍ରମୁଖ ଯୋଗଦେଇଥିଲେ। ଏହି କୁଇଜରେ ୨୨ଟି ସ୍କୁଲର ପ୍ରତିନିଧିତ୍ୱ କରୁଥିବା ୧୭୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ମାଷ୍ଟର ମାନସ ନାୟକଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ବିଷୟ ଉପରେ ବୌଦ୍ଧିକ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଅନେକ ଚ୍ୟାଲେଞ୍ଜିଂ ରାଉଣ୍ଡ ପରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଟିମ୍ ପ୍ରଥମ ହୋଇଥିଲା। ପୁରସ୍କାର ବାବଦକୁ ୧୨,୫୦୦ ଟଙ୍କାର ଅର୍ଥ ରାଶି ଓ ଫଳକ ପ୍ରଦାନ କରାଯାଇଥିଲା। ସେହିପରି ୟୁନିଟ୍-୮ ଡିଏଭି ପ୍ରଥମ ରନର୍ସ ଅପ୍ ହେବା ସହ ୭,୫୦୦ ଟଙ୍କାର ଅର୍ଥରାଶି ଓ ଦ୍ୱିତୀୟ ରନର୍ସ ଅପ୍ ହୋଇଥିବା ବିଜେଇଏମ୍ ସ୍କୁଲ ପୁରସ୍କାର ବାବଦକୁ ୫,୦୦୦ ଟଙ୍କାର ଅର୍ଥ ରାଶି ପାଇଥିଲା। ଏହାସହିତ ପ୍ରତ୍ୟେକ ସେମି ଫାଇନାଲିଷ୍ଟ ଓ ଫାଇନାଲିଷ୍ଟ ଝିଅ ଅଂଶଗ୍ରହଣକାରୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଦର୍ଶକମାନେ ମଧ୍ୟ ବିଭିନ୍ନ ପୁରସ୍କାର ଜିତିଥିଲେ। ରେରା ଭୁବନେଶ୍ୱରର ଅଧକ୍ଷ ଅସିତ ମହାପାତ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ପ୍ରି-ସ୍କୁଲ ଗୁରୁକୁଳ ଅର୍ମାନର ଶୁଭାରମ୍ଭ



ଟିଏସ୍‌ଜି ଗୁରୁକୁଳ ପକ୍ଷରୁ 'ଗୁରୁକୁଳ ଅର୍ମାନ'ର ଶୁଭାରମ୍ଭ ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାତା ଡ. ଶାରଦା ମିଶ୍ର, ଭାଜପା ନେତା ଗୋଲକ ମହାପାତ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ଅନ୍ୟ ଅତିଥି।

ଭୁବନେଶ୍ୱର,୧୬।୮ (ଅନୁରାଧା ମହାରଣା)

ଟିଏସ୍‌ଜି ଗୁରୁକୁଳ ପକ୍ଷରୁ ଏକ ପ୍ରି-ସ୍କୁଲ 'ଗୁରୁକୁଳ ଅର୍ମାନ'ର ଶୁଭାରମ୍ଭ କରାଯାଇଛି। ଏହି ବିଦ୍ୟାଳୟ ପିଲାଙ୍କ ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ପ୍ରଯତ୍ନଶୀଳ ରହିବ। ଏଠାରେ ଉନ୍ନତ ଶିକ୍ଷା ପ୍ରଦାନ ସହିତ ପିଲାଙ୍କ ପାଇଁ ଖେଳକୁଦ, ଚିତ୍ରାଙ୍କନ, ନାଚ, ଗୀତ, ଯୋଗ ଶିକ୍ଷା, ସନ୍ତରଣ ତାଲିମ ସହିତ ଅନ୍ୟ ଅତିରିକ୍ତ ପାଠ୍ୟସୂଚୀ ଉପରେ ଧ୍ୟାନ ଦିଆଯିବ। ଶୁକ୍ରବାର ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଛୋଟ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାତା ଡ. ଶାରଦା ମିଶ୍ର କହିଛନ୍ତି, ଆସନ୍ତା ୫ ବର୍ଷ ଭିତରେ ଭାରତରେ ବିଭିନ୍ନ ସ୍ଥାନରେ ଗୁରୁକୁଳ ଅର୍ମାନର ୧୦୦ ଶାଖା ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ଭାଜପା ନେତା ଗୋଲକ ମହାପାତ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଗୃହ ଏବଂ ନଗର ଉନ୍ନୟନ ବିଭାଗର ପୂର୍ବତନ ସ୍ୱତନ୍ତ୍ର ସଚିବ ସଂଗ୍ରାମଜିତ ନାୟକ, ପୂର୍ବତନ ତହସିଲଦାର ଭାସ୍କର ଶ୍ରୀଚନ୍ଦନ ଏବଂ ଟିଏସ୍‌ଜି ଗୁରୁକୁଳର ନିର୍ଦ୍ଦେଶକ ଶିବ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରିନ୍ସିପାଲ ରଞ୍ଜିତା ମହାପାତ୍ର ପରିଚାଳନା କରିଥିଲେ।

# ବଜ୍ରପାତରେ ଚାଷୀ ମୃତ

ବାଲିପାଟଣା ୧୬।୮ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ଗୁଆପୁର ଗାଁରେ ବଜ୍ରପାତରେ ଶନିବାର ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବିଚିତ୍ରାନନ୍ଦ ଭୋଇ (୪୫)।

ସୂଚନାଯୋଗ୍ୟ, ବିଚିତ୍ରାନନ୍ଦ ସକାଳୁ ଘର ପାଖ ବିଲକୁ କାମ କରିବାକୁ ଯାଇଥିଲେ। କାମ କରିବା ସମୟରେ ହଠାତ୍ ବର୍ଷା, ପବନ ଏବଂ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତ ସଂସ୍ପର୍ଶରେ ଆସି ସେ ବିଲରେ ଟଳି ପଡ଼ିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ହାଇଟେକ୍‌ରେ ଖୋଲିବ ଅଙ୍ଗ ପ୍ରତିରୋପଣ ବିଭାଗ

ଭୁବନେଶ୍ୱର,୧୬।୮ (ଅନୁରାଧା ମହାରଣା)




କାର୍ଯ୍ୟକ୍ରମରେ ରୋଟାରି ଇଣ୍ଟରନ୍ୟାଶନାଲର ଡିଷ୍ଟ୍ରିକ୍ଟ ଗଭର୍ନର ମନୋଜ ତ୍ରିପାଠୀ, ହାଇଟେକ୍ ଗ୍ରୁପ୍‌ର ସିଇଓ ସୁରେଶ କୁମାର ପାଣିଗ୍ରାହୀଙ୍କ ସହ ଅନ୍ୟ ଅତିଥିମାନେ।

ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଅଙ୍ଗ ପ୍ରତିରୋପଣ କରାଯିବ। ଏଥିପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିବ ବୋଲି ବିଶ୍ୱ ଅଙ୍ଗଦାନ ଦିବସ ପାଳନ ଅବସରରେ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟାରି ଇଣ୍ଟରନ୍ୟାଶନାଲର ଡିଷ୍ଟ୍ରିକ୍ଟ ଗଭର୍ନର ମନୋଜ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଏନ୍‌ଜିଓ 'ମଦର'ର ପ୍ରତିଷ୍ଠାତା ଟି.ଏନ୍ ପଣ୍ଡା ଯୋଗଦେଇ ଅଙ୍ଗଦାନର ମହତ୍ୱ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏମେରିଟସ୍ ଜାତୀୟ ଉପାଧ୍ୟକ୍ଷ ତଥା ଦୃଷ୍ଟି ଦାନ ଆଇ ବ୍ୟାଙ୍କ୍ ଭୁବନେଶ୍ୱରର ଯୁଗ୍ମ ସଚିବ ସନ୍ଧ୍ୟା ଅଗ୍ରୱାଲ ଯୋଗଦେଇ ଆମେ ଜାଳିପୋଡି ଦେଉଥିବା ଅଙ୍ଗ ଆଉ କାହାର ଜୀବନ ବଞ୍ଚାଇପାରେ ବୋଲି କହିଛନ୍ତି। ଅନ୍ୟତମ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଂ ଟ୍ରଷ୍ଟି ତଥା ସିଇଓ ସୁରେଶ କୁମାର ପାଣିଗ୍ରାହୀ ଓ ଟ୍ରଷ୍ଟି ଡ.ରାକେଶ କୁମାର ପାଣିଗ୍ରାହୀ ଯୋଗଦେଇ ଜଣେ ବ୍ୟକ୍ତି ମୃତ୍ୟୁ ପରେ ଅଙ୍ଗ ଦାନକରି କିଭଳି ୮ଜଣଙ୍କୁ ଜୀବନ ଦାନ ଦେଇପାରିବ ସେନେଇ ମତ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ପ୍ରଫେସର ଡ. ଦେବାନନ୍ଦ ମହାପାତ୍ର, ଡିନ୍ ଓ ନିର୍ଦ୍ଦେଶକ ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀ, କର୍ଣ୍ଣ, ନାସା ଓ ଗଳା ବିଭାଗର ମୁଖ୍ୟ ପ୍ରଫେସର ଡ. ରାଜଲକ୍ଷ୍ମୀ ପାଣିଗ୍ରାହୀ ଯୋଗଦେଇଥିଲେ। ବିଶ୍ୱ ଅଙ୍ଗଦାନ ଦିବସ ପରିପ୍ରେକ୍ଷୀରେ ୧୦ ଦିନ ଧରି ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରଚାର ପ୍ରସାରାତ୍ମକ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଜଣେ ୮ ବର୍ଷର ବାଳକ ଶୁଭୋଜିତ୍ ସାହୁ ମୃତ୍ୟୁ ପରେ ନିଜର ଅଙ୍ଗ ଦାନକରି ୯ଜଣଙ୍କ ଜୀବନ ବଞ୍ଚାଇ ସବୁଦିନ ପାଇଁ ଅମର ହୋଇଯାଇଥିବାରୁ ତାଙ୍କ ମା ଶୁଭଶ୍ରୀ ସାହୁ ଓ ବାପା ଡ. ବିଶ୍ୱଜିତ୍ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୀତାକାନ୍ତ



@ ଲକି



@ ଦୀପକ



@ ଆଦର୍ଶ



@ ପ୍ରଦୀପ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି 'ମାଧ୍ୟମ'

ଭୁବନେଶ୍ୱର, ୧୬।୮ (ବନ୍ଦନା ସେଠୀ)

ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ (ଆଇଏସ୍‌ଡି) ଓ କମିଶନରେଟ ପୋଲିସର ମିଳିତ ସହଯୋଗରେ ଚାଲିଥିବା ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ' ପକ୍ଷରୁ ଅସହାୟା ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ସହାୟତା ପ୍ରଦାନ କରାଯାଇଛି। ଶନିବାର 'ମାଧ୍ୟମ' ସେଣ୍ଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବରୁ ମାଧ୍ୟମର ସହାୟତା ନେଇଥିବା ଦୁଇଜଣ ଅସହାୟ ମହିଳା ଗୀତାଞ୍ଜଳି ରାଉତ ଓ ଶୁଭସ୍ମିତା ପଟ୍ଟନାୟକଙ୍କୁ ସିଲେଇ ମେଶିନ ତଥା ଅନ୍ୟାନ୍ୟ ଉପକରଣ ଯୋଗାଇ ଦିଆଯାଇଛି। ସେହିପରି ଚଳିତବର୍ଷ ମୋଟ୍ ୫ଜଣ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଆଇଏସ୍‌ଡିର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ପରିଚାଳିକା ବୀଣା ମଲ୍ଲିକ, କାଉନ୍‌ସେଲର ଅନିମା ମିଶ୍ର, ସୁଜାତା ସିଂହ ଏବଂ ମାଧ୍ୟମର ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୮ରେ ସାଲେପୁର ବନ୍ଦ ଡାକରା ଦେଲା କଳିଙ୍ଗ ସେନା

### ଏନ୍ଏସି ତାଲିକାରୁ ବାଦ୍ ପଡ଼ିଲା ସାଲେପୁର

**ସାଲେପୁର,୧୬।୮(ଅରବିନ୍ଦ ଭୂୟାଁ):** ଓଡ଼ିଶାର ୧୨ଟି ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ଭାବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ମାତ୍ର କଟକ ଜିଲାର ସାଲେପୁର ଏହି ତାଲିକାରୁ ବାଦ୍ ପଡ଼ିଛି। ଏନେଇ ସାଲେପୁର ଅଞ୍ଚଳବାସୀ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ୧୮ ତାରିଖରେ ସାଲେପୁର ବନ୍ଦ କରାଯିବ ବୋଲି କଳିଙ୍ଗ ସେନାର ମୁଖ୍ୟ ହେମନ୍ତ ରଥ ପ୍ରକାଶ କରିଛନ୍ତି। ଏହି ଅବସରରେ ସାଲେପୁର ଅଞ୍ଚଳର ସମସ୍ତ ଦୋକାନ ବଜାର, ସରକାରୀ ଅଫିସ, ଗାଡି ମୋଟର ଇତ୍ୟାଦି ବନ୍ଦ ରହିବ ବୋଲି ସେ କହିଛନ୍ତି। ସାଲେପୁର ହେଉଛି ଏକ ସର୍ବ ପୁରାତନ ସହର। ଏନ୍ଏସି ହେବା ପାଇଁ ଏହାର ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ତାଲିକାରୁ ବାଦ୍ ଦେଇଥିବାରୁ ସେ ନିନ୍ଦା କରିଥିଲେ। ଏହି ବନ୍ଦ ଡାକରାକୁ ସାଲେପୁରର ବିଭିନ୍ନ ସଙ୍ଗଠନ ସମର୍ଥନ କରିଛନ୍ତି। ଅପରପକ୍ଷେ ରାଜନୈତିକ ଉଦ୍ଦେଶ୍ୟ ରଖି ସରକାର ଏହାକୁ ତାଲିକାରୁ ବାଦ୍ ଦେଇଛନ୍ତି ବୋଲି ବିଧାୟକ ପ୍ରଶାନ୍ତ ବେହେରା କହିଛନ୍ତି।

### ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ

**ବାଙ୍କୀ,୧୬।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର ):** ପବିତ୍ର ଜନ୍ମାଷ୍ଟମୀ ଅବସରରେ ବାଙ୍କୀ ତୁଳସୀପୁର ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ସମ୍ମୁଖରେ ଥିବା ସ୍ୱର୍ଗତ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ସ୍ୱର୍ଗତ ସନ୍ଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ସ୍ଥାନୀୟ ପଞ୍ଚାୟତ ସମିତି ସଭ୍ୟ ନାରାୟଣ ଜେନାଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମାଗୁଣି ଚରଣ ସାହୁ, ମାୟାଧର ତ୍ରିପାଠୀ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଭୀମସେନ ନାୟକ, ଉଦୟନାଥ ସ୍ୱାଇଁ, ସୁଦର୍ଶନ ସାହୁ, କାର୍ତ୍ତିକ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

# ଟ୍ରାଫିକ୍ ତାଲିମ ସହ ନିଯୁକ୍ତି ଦେବେ ଜିଲା ଏସ୍‌ପି

**କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ ଓ ଖୋର୍ଦ୍ଧା ଜିଲାରେ ମୁତୟନ ହେବେ ୫୦୦ ଟ୍ରାଫିକ୍ ୱାର୍ଡେନ**

**କଟକ,୧୬।୮(କାର୍ତ୍ତିକ ସାହୁ):**



ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସହ ଅନ୍ୟମାନେ ।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ଅପରାହ୍ନରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ସଡ଼କ ଦୁର୍ଘଟଣା କମାଇବା, ଟ୍ରାଫିକ୍ ନିୟମର କଡ଼ା କାର୍ଯ୍ୟାନ୍ୱୟନ, ଜାତୀୟ ରାଜପଥ ପାଟ୍ରୋଲିଂ, ସିସିଟିଭି ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ସ୍କୁଲ-କଲେଜସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସୂଚନାନୁସାରେ, ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ ଏବଂ ଖୋର୍ଦ୍ଧା ଆଦି ଜିଲାରେ ଦୁର୍ଘଟଣାର ହାର ବୃଦ୍ଧି ପାଉଛି। ବିଶେଷକରି ଦୁଇ ଚକିଆ ଯାନ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୫ଟି ଜିଲାରେ ଖୁବଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ଏସ୍‌ପିମାନେ ଏହି ୱାର୍ଡେନମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ ଏବଂ ସେମାନଙ୍କୁ ଟ୍ରାଫିକ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦିଆଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ସମସ୍ତ ଜିଲାର ସ୍କୁଲ, କଲେଜ ଏବଂ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏହାସହ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ମଧ୍ୟ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେପରୁଆ ଗାଡ଼ିଚାଳନା ଦ୍ୱାରା ସାଧାରଣ ଲୋକଟିଏ ଯେପରି ଦୁର୍ଘଟଣାର ଶିକାର ନ ହେବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଆର୍‌ଟିଓ, ପୋଲିସ ଏବଂ ଅନ୍ୟ ବିଭାଗର କର୍ମଚାରୀମାନେ ଦୁର୍ଘଟଣାରେ ସାଧାରଣ ଲୋକଙ୍କ ଜୀବନହାନି ରୋକିବାକୁ ସମ୍ମିଳିତ ଉଦ୍ୟମ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ଏବଂ ରେଲୱେ ସୁରକ୍ଷା) ଅରୁଣ ବୋଥ୍ରା, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ସମେତ ରାଜ୍ୟ ପରିବହନ ପ୍ରାଧିକରଣର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଆଭାସି ମାଧ୍ୟମରେ ଆଇଜି(କେନ୍ଦ୍ରାଞ୍ଚଳ) ଏସ୍ ପ୍ରବୀଣ କୁମାର, ଆଇଜି (ଦକ୍ଷିଣାଞ୍ଚଳ) ନୀତି ଶେଖର, ଡିଆଇଜି (ପୂର୍ବାଞ୍ଚଳ) ଡା ସତ୍ୟଜିତ ନାୟକ, ଡିଆଇଜି (ପଶ୍ଚିମାଞ୍ଚଳ) ବ୍ରିଜେଶ କୁମାର ରାୟ ଏବଂ ସମସ୍ତ ଜିଲାର ଏସ୍‌ପିମାନେ ବୈଠକରେ ଉପସ୍ଥିତ ଥିଲେ।

### ନନ୍ଦ ଉତ୍ସବରେ ଗାଁ ପରିକ୍ରମା

**ଆଠଗଡ, ୧୬।୮(ସତ୍ୟପ୍ରସାଦ ରଥ)** ଆଠଗଡ ବ୍ଲକ ରାଉତରାପୁର ଗ୍ରାମରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ନନ୍ଦଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୨ ବର୍ଷ ଧରି ଗ୍ରାମବସୀ ଲଗାତର ଭାବେ ଏହି ଉତ୍ସବ ଆୟୋଜନ କରି ଆସୁଛନ୍ତି। ନୃତ୍ୟଗୁରୁ ନନ୍ଦକିଶୋର ସାହୁଙ୍କ ଉଦ୍ୟମ ଓ ନିର୍ଦ୍ଦେଶନାରେ ଏହି ଉତ୍ସବ ଶୁଭାରମ୍ଭ କରାଯାଇଥିଲା। ଏବେ ନାଟ୍ୟଗୁରୁ ସାହୁ ବାର୍ଦ୍ଧକ୍ୟରେ ଉପନୀତ। ତାଙ୍କର ତିନି ପୁତ୍ର ମାନସ କୁମାର ସାହୁ, ନରେନ୍ଦ୍ର କୁମାର ସାହୁ ଓ କମିନ ସାହୁଙ୍କ ଉଦ୍ୟମରେ ପ୍ରତିବର୍ଷ ଜନ୍ମାଷ୍ଟମୀରେ ଏହି ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ କଳାକାରମାନେ ନନ୍ଦ ରାଜା, ଯଶୋଦା ରାଣୀ ଓ କୃଷ୍ଣ ବଳରାମ ବେଶରେ ସଜ୍ଜିତ ହୋଇ ସଙ୍ଗୀତ ଓ ବାଦ୍ୟର ତାଳେତାଳେ ଗାଁ ଦାଣ୍ଡ ପରିକ୍ରମା କରିଥିଲେ। ଏହିଅବସରରେ ଘର ନିକଟରେ ମହିଳାମାନେ ସେମାନଙ୍କୁ ଧୂପଦୀପ ଦେଇ ବନ୍ଦାପନା କରିଥିଲେ।

# ୨୫ ବର୍ଷ ଧରି ଉପଡାକଘରେ ଉଡ଼ିନାହିଁ ତ୍ରିରଙ୍ଗା

**ବାଙ୍କୀ, ୧୬।୮ ( ଶୁଭେନ୍ଦୁ ମହାପାତ୍ର) :**


କୃଷ୍ଣପଲ୍ଲୀ ଗ୍ରାମରେ ଥିବା ଉପଡାକଘର ।

ବାଙ୍କୀ ଉପଖଣ୍ଡ କଳାପଥର ଗ୍ରାମପଞ୍ଚାୟତ ଅଧିନ କୃଷ୍ଣପଲ୍ଲୀ ଗ୍ରାମରେ ଥିବା ଉପଡାକ ଘରେ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ତ୍ରିରଙ୍ଗା ଉଡ଼ିନାହିଁ। ସ୍ୱାଧୀନତା ଦିବସ ହେଉ ଅବା ଗଣତନ୍ତ୍ର ଦିବସ କୌଣସି କାର୍ଯ୍ୟକ୍ରମରେ ଏଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇନାହିଁ। କେନ୍ଦ୍ର ସରକାର ହର୍ ଘର୍ ତିରଙ୍ଗା ଅଭିଯାନ ଏଠାରେ ଫେଲ୍ ମାରିଥିବା କୁହାଯାଇଛି। ଏ ସମ୍ପର୍କରେ ପୋଷ୍ଟମାଷ୍ଟର ଶରତ ଚନ୍ଦ୍ର ସାହୁଙ୍କୁ ପଚାରିବାରେ ଆମର ମୁଖ୍ୟ ଡାକଘର କଳାପଥରରେ। ସେଠାରେ ସମସ୍ତେ ଏକତ୍ରିତ ହୋଇ ଜାତୀୟ ପତାକା ଉତ୍ତୋଳନ କରନ୍ତି। ଏଠାରେ ଆଗରୁ କେବେ ବି ଜାତୀୟ ପତାକା ଉତ୍ତୋଳନ ହୋଇ ନଥିବାରୁ ସେଥିପ୍ରତି ଦୃଷ୍ଟି ପଡ଼ିନାହିଁ। ଉପଡାକଘରେ ଜାତୀୟ ପତାକା ଉତ୍ତୋଳନ ହେଉ ନଥିବାରୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଜନସାଧାରଣ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ବିକଶିତ ଭାରତ ନିର୍ମାଣ ପାଇଁ ସଂକଳ୍ପବଦ୍ଧ

**କଟକ,୧୬।୮(କାର୍ତ୍ତିକ ସାହୁ)** ଓଡ଼ିଶା ହାଇକୋର୍ଟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଓଡ଼ିଶା ଷ୍ଟେଟ ବାର କାଉନ୍‌ସିଲ ପରିସରରେ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଜାତୀୟ ପତାକା ଉତ୍ତୋଳନ କରି ସୁରକ୍ଷା କର୍ମୀଙ୍କ ପକ୍ଷରୁ ଅଭିବାଦନ ଗ୍ରହଣ କରିଥିଲେ। ଦେଶର ମୁକ୍ତି ସଂଗ୍ରାମରେ ଜୀବନ ଉତ୍ସର୍ଗ କରିଥିବା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ଏକ ବିକଶିତ ଭାରତ ନିର୍ମାଣ ଏବଂ ଡ୍ରିମ୍‌ସ'କୁ ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରିବା ଦିଗରେ ସଂକଳ୍ପବଦ୍ଧ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖପତ୍ର ଡ୍ରିମ୍‌ସ ଡାଇଜେଷ୍ଟ ଓ ମ୍ୟାନେମେଣ୍ଟ ଉଇଙ୍ଗର ମୁଖପତ୍ର ଡ୍ରିମ୍‌ସ ବିଜିନେସ୍ ରିଭ୍ୟୁ ଏବଂ ଦି ସେଡ୍‌ସ ଅଫ ଏନ୍‌ଭାର୍ଣ୍ଣମେଣ୍ଟ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ ଓ ପଦ୍ମିନୀ କେୟାର କର୍ମଚାରୀ ଶୁଭେନ୍ଦୁ ସିଂଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଯୋଗଦେଇଥିଲେ। ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ରୁଚି ଶିଳ୍ପୋଦ୍ୟୋଗ ପକ୍ଷରୁ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ମୁଖ୍ୟାଳୟଠାରେ ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଓ ପାସ୍ତା ଭିଲେଜଠାରେ ଡିଜିଏମ୍ ନିଶିକାନ୍ତ ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମାନବସମ୍ବଳ ବିଭାଗ ମୁଖ୍ୟ ସନ୍ତୋଷ କୁମାର ପାଢ଼ୀ ଯୋଗଦେଇଥିଲେ। ଲୋକସମ୍ପର୍କ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଶିଳ୍ପାଞ୍ଚଳଠାରେ ରୁଚି ନିରାପତ୍ତା ବିଭାଗ ପକ୍ଷରୁ ମନୋରଞ୍ଜନ ସାମଲ ଓ ଦେବାଶିଷ ପରିଡ଼ାଙ୍କ ନେତୃତ୍ୱରେ ମାର୍ଚ୍ଚପାଷ୍ଟ ପରେଡ୍ ଅନୁଷ୍ଠିତ ହୋଇଥିଲା। ବକ୍ସି ବଜାର ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଡ଼ିହାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧକ୍ଷ ଅକ୍ଷୟ ମହାନ୍ତି, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ ମନୋଜ ପାଲ, ରଜନ ବେହେରା ଓ ଶିବୁ ନାୟକ ଯୋଗଦେଇଥିଲେ। ବାଦାମବାଡ଼ି ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ସଂଘ ସଭାପତି ବସନ୍ତ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ରାଧେଶ୍ୟାମ ଦାସ ଓ ପ୍ରଦୀପ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପୋଲିସ ଅଧିକାରୀ ବିଚିତ୍ର କୁମାର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। କିଶୋର ନଗରଠାରେ ତହସିଲସ୍ତରୀୟ ପତାକା ଉତ୍ତୋଳନ କରିଥିବା ବେଳେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଅଭିବାଦନ ଗ୍ରହଣ କରିଥିଲେ। ପରମହଂସ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତ ପତାକା ଉତ୍ତୋଳନ କରିଥିଲେ। ଝିଙ୍କିରିଆଠାରେ ଗ୍ରାମ ଅଧିକାରୀ ଚିନ୍ମୟ ଦେବତା, ମହନ୍ତ ଦୁଷ୍ମନ୍ତ ନନ୍ଦ ପତାକା ଉତ୍ତୋଳନ କରିଥିଲେ। ଗତିରାଉତ ପାଟଣାରେ ନେତାଜୀ ସୁବାସ ଚନ୍ଦ୍ର ବୋଷ କ୍ଲବ ଓ ଶାରଦା ରଞ୍ଜନ ରାମାୟଣ ପ୍ରଚାରଣୀ ସମିତି ଆନୁକୂଲ୍ୟରେ ଶାରଦା ପ୍ରସନ୍ନ ମହାରଣା ଓ ନିରୋଜ ଲୋଚନ ବେହେରା ପତାକା ଉତ୍ତୋଳନ କରିଥିଲେ। ମହିମା ଗୋସାଇଁ ସମବାୟ ସମିତିରେ ବିଜୟ କୁମାର ରାଉତରାୟ ପତାକା ଉତ୍ତୋଳନ କରିଥିଲେ। ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ କଳପଡ଼ାଠାରେ ପତାକା ଉତ୍ତୋଳନ କରାଯାଇଥିଲା।

**ମଙ୍ଗୁଳି-ଜଗତପୁର,(ମାନସ ସାମଲ):** ଟାଙ୍ଗୀ-ଖବରକାଗଜ ବିତରକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିତରକ ସଂଘ ସଭାପତି ତଥା କୋଟସାହି ପୂର୍ବତନ ସରପଞ୍ଚ ନିହାର ରଞ୍ଜନ ମଲ୍ଲିକ ନେତୃତ୍ୱରେ ଟାଙ୍ଗୀ ସାଲେପୁର ବରିଷ୍ଠ ଭଜପା ନେତା ହିମାଂଶୁ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଖବର କାଗଜ ବିତରକ ସଂଘ ଉପଦେଷ୍ଟା ଉମେଶ ଚନ୍ଦ୍ର ମଲ୍ଲିକ ଉପସଭାପତି ଲିଙ୍ଗରାଜ ଲେଙ୍କା, ସମ୍ପାଦକ ଶରତ ଚନ୍ଦ୍ର ସାହୁ, କୋଷାଧକ୍ଷ ରାମେଶ ଚନ୍ଦ୍ର ସାହୁ, ମହେନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର ପ୍ରେସ୍ କ୍ଲବ୍‌ରେ ଆୟୋଜିତ ଉତ୍ସବରେ ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ପତାକା ଉତ୍ତୋଳନ କରିଥିଲେ। ଚୌଦ୍ୱାର ମହାବିଦ୍ୟାଳୟରେ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଜାତୀୟ ପତାକା ଉତ୍ତୋଳନ କରଥିଲେ। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ଚୌଦ୍ୱାର ବନଖଣ୍ଡ ଅଧିକାରୀ ଅନିଲ କୁମାର ନାୟକ, ଭଗବାନ ପଲେଇ, ସ୍ମିତଜିବ ପଟ୍ଟନାୟକ ସାମିଲ ହୋଇଥିଲେ। ଚୌଦ୍ୱାରସ୍ଥିତ ଇମ୍ଫା ଶିଳ୍ପଗୋଷ୍ଠୀ ପକ୍ଷରୁ ଉପସଭାପତି ବିନୟ ଅଗ୍ରୱାଲ ପତାକା ଉତ୍ତୋଳନ କରିଥିଲେ। ପାୱାର ପ୍ଲାଣ୍ଟ ମୁଖ୍ୟ ଲଲାଟ କିଶୋର ମହାପାତ୍ର, ବରିଷ୍ଠ ସାଧାରଣ ପ୍ରବନ୍ଧକ ସୁଜିତ୍ ମିଶ୍ର, ଅଶ୍ୱିନୀ ପୃଷ୍ଟି, ମାନସ ପଣ୍ଡା, ପ୍ରଶାନ୍ତ ସାହୁ, ସରୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଚୌଦ୍ୱାର କଳିଙ୍ଗ ଛକସ୍ଥିତ ପ୍ରେସ କ୍ଲବ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କ୍ଲବ ଉପଦେଷ୍ଟା ଅଧାପକ ସୌରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ଦାମୋଦର ସାହୁ ମୁଖ୍ୟଅତିଥି ଭାବେ ଯୋଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଲକ୍ଷ୍ମୀପ୍ରୀୟା ଜେନା, ବିଶ୍ୱଜିତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

**ଆଠଗଡ,(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ପ୍ରହ୍ଲାଦ ନାରାୟଣ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ୩୮ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୁ ଜନତା ଦଳ କାର୍ଯ୍ୟାଳୟର ସୂର୍ଯ୍ୟଭବନଠାରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ପତାକା ଉତ୍ତୋଳନ କରାଥିଲେ। ଏଥିରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଠଗଡ ସହର ଗାନ୍ଧୀମାର୍ଗ ସ୍ଥିତ ଭାଜପାର ଦଳୀୟ କାର୍ଯ୍ୟାଳୟରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବଜେନ୍ଦ୍ର କୁମାର ରାଏ ପତାକା ଉତ୍ତୋଳନ କରିଥିଲେ। ଆଠଗଡ ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଠଗଡ ସହକାରୀ ଜିଲାପାଳ ମାନସ କୁମାର ବେହେରା ପତାକା ଉତ୍ତୋଳନ କରିଥିଲେ।

**ସାଲେପୁର,(ଅରବିନ୍ଦ ଭୂୟାଁ) :** ସାଲେପୁର ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ସ୍ୱାଧୀନତା ଦିବସରେ ବିଧାୟକ ପ୍ରଶାନ୍ତ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ବିଜେଡି କାର୍ଯ୍ୟାଳୟ, ଭାଜପା କାର୍ଯ୍ୟାଳୟ, କଂଗ୍ରେସ କାର୍ଯ୍ୟାଳୟ, ସାଲେପୁର ମହାବିଦ୍ୟାଳୟ, ସାଲେପୁର ହାଇସ୍କୁଲ ଓ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ କଲେଜରେ ପତାକା ଉତ୍ତୋଳନ କରାଯାଇଛି।

**ବାଙ୍କୀ, (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଉପଖଣ୍ଡ ସଦର ମହକୁମାରେ ମୁଖ୍ୟ ଅତିଥି ଉପଜିଲାପାଳ ପ୍ରଣବ କୁମାର ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚଳିତବର୍ଷ ହାଇସ୍କୁଲ ସାର୍ଟିଫିକେଟ, ଯୁକ୍ତ ୨ ଓ ଯୁକ୍ତ ୩ରେ ଉପଖଣ୍ଡରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର ଓ ବିଭିନ୍ନ ପ୍ରତିଯୋଗିତା ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି।


ଡିଗିରିଆ ବ୍ଲକ ଜେମାଦେଇପୁର ନୂଆପାଟଣାସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି । (ଫଟୋ:ଜାଫର ଖାଁ)

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀପକ


@ ଲକି


@ ସୀତାକାନ୍ତ


@ ଆଦର୍ଶ


@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍: ରଶ୍ମି କ୍ଲବ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ ।

**ଆଠଗଡ,୧୬।୮ (ସତ୍ୟ ପ୍ରସାଦ ରଥ):** ସ୍ୱାଧୀନତା ଦିବସ ଉପଲକ୍ଷେ ଆଠଗଡ଼ରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଯୁବଜ୍ୟୋତି କ୍ଲବ, ପଙ୍କାଳ ଓ ରଶ୍ମି କ୍ଲବ ହେମାମାଳପୁର ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ରଶ୍ମି କ୍ଲବ ୨-୧ ବ୍ୟବଧାନରେ ବିଜୟ ହୋଇଛି। ମୁଖ୍ୟ ଅତିଥି ଭାବେ ଆଠଗଡ କ୍ରୀଡା ସଂସଦର ଉପସଭାପତି ଜ୍ଞାନ ରଞ୍ଜନ ବେହେରା ସମ୍ପାଦକ ଶ୍ୟାମାନନ୍ଦ ମହାରଣା ଓ ସମ୍ମାନିତ ଅତିଥି ଭାବେ ହେମାମାଳପୁର ଗ୍ରାମ୍ୟ କମିଟି ସମ୍ପାଦକ ବେଣୁଧର ଜେନା ଏବଂ କାଉନସିଲର ସୁଶାନ୍ତ କୁମାର ଜେନା ଓ ଅଜୟ କୁମାର ଜେନା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଲୋକ ପ୍ରଧାନ, ଅନାମ ସାମଲ ଓ ପ୍ରାଣବନ୍ଧୁ ବାରିକ ଖେଳ ପରିଚାଳନା କରିଥିଲେ। କ୍ରୀଡା ସଂସଦର ସହ ସମ୍ପାଦକ ସୋମନାଥ ଭକ୍ତା, ନିରଞ୍ଜନ ଦାସ ଓ ସୁନ୍ଦର କୁମାର ରାୟସାମନ୍ତ ଏଥିରେ ସହଯୋଗ କରିଥିଲେ।

# ସହଯୋଗ, ସହଭାଗିତାରେ ଦେଶର ଅଖଣ୍ଡତା ଅକ୍ଷୁଣ୍ଣ ରହିବ





ଖୋର୍ଦ୍ଧା ବିଜେବି ହାଇସ୍କୁଲ ପଡିଆରେ ଆୟୋଜିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଜିଲାପାଳ ଅମ୍ରିତ ଋତୁରାଜ ସମ୍ବୋଧନ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ)

କଷ୍ଟଲବ୍ଧ ସ୍ୱାଧୀନତା ପାଇଁ ଅନେକ ବଳିଦାନ ଦେଇଛନ୍ତି। ସ୍ୱାଧୀନ ଭାରତ ନାଗରିକ ଭାବେ ଆମେ ନିଜକୁ ଗର୍ବିତ ଅନୁଭବ କରିବା ଉଚିତ। ଦେଶର ଏକତା, ଅଖଣ୍ଡତା, ସଶକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ, ସହଭାଗିତାରେ ଏହାର ଗୌରବ ଅକ୍ଷୁଣ୍ଣ ରହିବ। ଏହି ସଂକଳ୍ପ ଏବଂ ସ୍ମୃତିଚାରଣ ମଧ୍ୟରେ ପ୍ରତ୍ୟେକ ଭାରତୀୟ ଅଭିମନ୍ତ୍ରିତ ହେଲେ ନୂତନ ସୂର୍ଯ୍ୟୋଦୟର ଅଭ୍ୟୁଦୟ ହେବ। ପ୍ରତ୍ୟେକ ବ୍ୟକ୍ତି ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ହେଲେ ବିକଶିତ ଭାରତ ପରିକଳ୍ପନା ସଫଳ ହେବ। ପଛୁଆ ବର୍ଗ, ଗରିବ, ନିଷ୍ପେଷିତ ବ୍ୟକ୍ତିଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ହେଉ। ବ୍ୟକ୍ତି ତା'ର ପରିବାର ସହ ସମାଜ, ରାଷ୍ଟ୍ରର ପ୍ରଗତି, ଅଧିକାର ପ୍ରତି ସଚେତନ ହେଲେ ସ୍ୱର୍ଣ୍ଣିମ ଭାରତ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି।

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆରେ ଆୟୋଜିତ ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଜାତୀୟ ପତାକା

## ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ

ଉତ୍ତୋଳନ ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ସେ ମାତୃଭୂମି ଓ ଦେଶ ପ୍ରତି ସେବା ଓ ସମର୍ପଣ ଭାବ ରଖିବାକୁ କହିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ସ୍ଥାନ ସ୍ୱତନ୍ତ୍ର। ସ୍ୱାଧୀନତା ସଂଗ୍ରାମରେ ପାଇକ ବୀରଙ୍କ ତ୍ୟାଗ, ଶୌର୍ଯ୍ୟ ଅତୁଳନୀୟ। ଘୁମୁସର କନ୍ଧ ମେଳି, ରେଣ୍ଡୋ ମାଝିଙ୍କ ସଶସ୍ତ୍ର ସଂଗ୍ରାମ, ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ, ବିପ୍ଳବୀ ସଂଗ୍ରାମୀ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁଙ୍କ ପରାକ୍ରମ, ସେବାର ପୂଜାରୀ ଗୋପବନ୍ଧୁ ଦାଶଙ୍କ ଅବଦାନ, ଆଇନଜୀବୀ ମଧୁସୂଦନ ଦାସଙ୍କ ରାଜନୈତିକ, ଆଇନଗତ ଲଢେଇ ପ୍ରଦେଶ ଗଠନ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଏଥିସହିତ ସାହିତ୍ୟିକମାନେ ନୂତନ ପ୍ରଭାବମାନ ସୃଷ୍ଟି କରି ସ୍ୱାଧୀନତା ସଂଗ୍ରାମର ବହ୍ନିକୁ ପ୍ରଜ୍ୱଳିତ କରିଥିଲେ। ଫକୀରମୋହନଙ୍କଠାରୁ ମଧୁସୂଦନ ରାଓଙ୍କ ପର୍ଯ୍ୟନ୍ତ ଅବଦାନ ଅତୁଳନୀୟ। ଖୋର୍ଦ୍ଧା ବୀରତ୍ୱ ମାଟି। ଏହି ମାଟି ପାଇଁ ଓଡ଼ିଶାବାସୀ ଗର୍ବିତ। ଖୁର ଧାର ଯେଭଳି ଶାଣିତ ଥାଏ, ଏହି ମାଟିର ପାଣିପବନ, ବ୍ୟକ୍ତିଙ୍କ ମଧ୍ୟରେ ସ୍ୱାଭିମାନ ଭରି ରହିଛି। ଓଡ଼ିଶାର ଅସ୍ମିତା, ସ୍ୱାଭିମାନ ଖୋର୍ଦ୍ଧାଗଡ଼ର ଇତିହାସ ଆଗାମୀ ପିଢି ପାଇଁ ପ୍ରେରଣାର ଉତ୍ସ। ସେହି ଶାଣିତ ସ୍ୱର ମନରୁ ଲିଭି ନ ଯାଉ। ୧୮୦୩ର ଜୟୀ ରାଜଗୁରୁଙ୍କ ଯୁଦ୍ଧ, ୧୮୧୭ର ପାଇକ ବିଦ୍ରୋହ, ୧୮୨୭ରେ ତାପଙ୍ଗ ଗଡ ଯୁଦ୍ଧ ଆଜି ବି ମନରେ ଶିହରଣ ସୃଷ୍ଟି କରେ। ଇତିହାସରେ ଏହାର ଗୌରବମୟ ଗାଥା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଜିଲାପାଳ କହିଥିଲେ। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି ଜିଲାସ୍ତରୀୟ ପରେଡରେ ୫୪ଟି ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଦେଶଭକ୍ତିଭରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଡ଼କ ପରିବହନ, ଶିଶୁ ଓ ମହିଳା ବିଭାଗ, କୃଷି ବିଭାଗ ପ୍ରଜ୍ଞାପନ ମେଢ ସାମିଲ ହୋଇଥିଲା। ବିଧାୟକ ପ୍ରଶାନ୍ତ ଜଗଦେବ, ଏସ୍‌ପି ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର ପରେଡ ପରିଚାଳନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦୀପକ



@ ଲକି



@ ସୀତାକାନ୍ତ



@ ଆଦର୍ଶ



@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପେଟ୍ରୋଲ ପମ୍ପରେ ଡକାୟତି ପଣ୍ଡ, ୪ଗିରଫ

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦଧିମାଛଗାଡ଼ିଆ ଖେଳ ପଡ଼ିଆରେ ଶନିବାର ମଧ୍ୟାହ୍ନ ସାଢେ ୧୨ଟାରେ ଏକ ଗ୍ୟାଙ୍ଗ ରାମେଶ୍ୱର ଏବଂ ଟାଙ୍ଗୀ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପରେ ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ଘଟଣାସ୍ଥଳରୁ ଜଣେ ଖସି ଯାଇଥିବାବେଳେ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଦର୍ଶଥାନା ଅନ୍ତର୍ଗତ ପଲ୍ଲାର ମନୋଜ କୁମାର ସାହୁ(୨୫), ଖୋର୍ଦ୍ଧା ବକ୍ସିଲେନ୍‌ର ସୁନିଲ କୁମାର ସାହୁ (୨୫), ସଦରଥାନା ଅଧୀନ କଦଳୀବାଡିର ସଦାଶିବ ପ୍ରଧାନ ଓରଫ ଧଣ୍ଡ(୩୪) ଏବଂ ନୟାପଲ୍ଲୀ ଥାନା ଅଞ୍ଚଳର ଧନଞ୍ଜୟ ନାୟକ (୩୩)। ସେମାନଙ୍କଠାରୁ ୪ଟି ସେମି ଅଟୋମେଟିକ ଦେଶୀ ବନ୍ଧୁକ, ୨ଟି ଲେଖାଏ ଜୀବନ୍ତ ଗୁଳି ଲୋଡ ହୋଇ ରହିଥିବା ୪ଟି ମାଗାଜିନ, ବିଭିନ୍ନ ବ୍ରାଣ୍ଡର ୪ଟି ମୋବାଇଲ, ଗୋଟିଏ ଟିଭିଏସ୍ ଜୁପିଟିର ସ୍କୁଟି(ନଂ. ଓଡି୦୨-ଡିଏ-୫୧୮୦), ୩ଟି ଲୁହାରଡ, ୨ ପ୍ୟାକେଟ ଲାଲ୍ ଲଙ୍କା ପାଉଡର ଜବତ କରିଥିବା ନେଇ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ପ୍ରକାରେ, ଏକ ଗ୍ୟାଙ୍ଗ ଟାଙ୍ଗି ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପରେ ଡକାୟତ କରି ଜାତୀୟ ରାଜପଥ ୨୩ ନମ୍ବର ଦେଇ ଖସି ଯିବାକୁ ଯୋଜନା କରୁଥିବା ଖବରପାଇ ଏସପିଙ୍କ ନିର୍ଦ୍ଦେଶ କ୍ରମେ

### ୪ଦେଶୀ ବନ୍ଧୁକ, ୪ ମାଗାଜିନ, ସ୍କୁଟି, ମୋବାଇଲ, ଲଙ୍କା ଗୁଣ୍ଡ ଜବତ

ଏକ ଟିମ୍ ଚାରିପଟୁ ଘେରି ଯାଇ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ସଦର ଏସ୍‌ଡିପିଓ ନୀହାରରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଥାନାଧିକାରୀ କାହ୍ନୁ ଚରଣ ସ୍ୱାଇଁ, ଏସ୍‌ଆଇ ଦେବସ୍ମିତା ବେହେରା, ଏଏସ୍‌ଆଇ ମନୋଜ କୁମାର ବେହେରା, ମନ୍‌ଜିତ ଏକ୍କା, କନଷ୍ଟେବଲ ଦେବରାଜ ସାହୁ, ଏସ୍.ସୁନ୍ଦରାଏ ପ୍ରମୁଖ ଯୋଗ ଦେଇଥିଲେ। ଏସ୍‌ଆଇ ଦେବସ୍ମିତାଙ୍କ ସୂଚନାକୁ ଆଧାର କରି ଥାନାରେ ଏକ ମାମଲା(ନଂ.୨୪୭/୨୫) ରୁଜୁହୋଇଛି।



ଜବତ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ।

# ଫାର୍ମ ହାଉସ୍‌ରୁ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

### ଦେଶୀ ବନ୍ଧୁକ, ହରିଣ ଶିଙ୍ଗ ଜବତ: ବନ୍ୟଜନ୍ତୁ ଉଦ୍ଧାର



ଏସ୍‌ପି ସାଗରିକା ନାଥ ଚଢାଉ ସମ୍ପର୍କରେ ସୂଚନା ଦେଉଛନ୍ତି। ନିକଟରେ ରହିଛି ଜବତ ହରିଣ ଶିଙ୍ଗ, ବନ୍ଧୁକ।

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ଥାନା ଅନ୍ତର୍ଗତ ଟାଙ୍ଗିଆପଡ଼ାର ଏକ ଫାର୍ମ ହାଉସ୍‌ରେ ପୋଲିସ ଚଢାଉ କରି ୨୮୩.୫୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨୮ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଜଣେ ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ବାଶେଳୀସାହିର କ୍ଷିରୋଦ ବେହେରା(୨୩) ଏବଂ ଏୟାରଫିଲ୍ଡ ଥାନା ଭିମଟାଙ୍ଗୀର ସଂଗ୍ରାମ କେଶରୀ ନାଥ ଓରଫ ବାବୁଲି(୪୮)। ସେମାନଙ୍କଠାରୁ ୨ଟି ବାଇକ୍, ୨ଟି ମୋବାଇଲ, ଗୋଟିଏ ଦେଶୀ ବନ୍ଧୁକ, ଦେଶୀ ସିଙ୍ଗଲ ବୋର ରାଇଫଲ, ୨ଟି ଜୀବନ୍ତ କାର୍ଟରିଜ୍ ଜବତ କରାଯାଇଛି। ଚଢାଉ ସମୟରେ ଫାର୍ମ ହାଉସରୁ ଗୋଟିଏ ହରିଣ ଶିଙ୍ଗ ଏବଂ ଜୀବନ୍ତ ବନ୍ୟଜନ୍ତୁ ମିଳିଥିଲା, ଯାହାକୁ ନେଇ ଚନ୍ଦକା ବନ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ବନ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଏସବୁକୁ ଜବତ କରିଥିଲେ ବୋଲି ଏସ୍‌ପି ସାଗରିକା ନାଥ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବନ୍ୟଜନ୍ତୁ ରଖିବାନେଇ ତାଙ୍କ ଉପରେ ବନ୍ୟଜନ୍ତୁ ଆଇନ ପ୍ରକାରେ ମଧ୍ୟ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି।

ଏସ୍‌ପିଙ୍କ ସୂଚନା ପ୍ରକାରେ ନିଶାମୁକ୍ତ ଜିଲା ପାଇଁ ଜିଲା ପୋଲିସ ପକ୍ଷରୁ ନାର୍କୋଟିକ୍ସ ଟିମ୍ ଗଠନ କରାଯାଇଛି। ଟାଙ୍ଗିଆପଡା ଗ୍ରାମର ଏକ ଫାର୍ମ ହାଉସରେ ବ୍ରାଉନସୁଗାର କାରବାର ଚାଲିଥିବା ଶୁକ୍ରବାର ବିଶେଷ ସୂତ୍ରରୁ ଖବର ମିଳିଥିଲା। ସୂଚନାକୁ ଆଧାର କରି ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଶିଳ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଥାନାଧିକାରୀ ଏସ୍‌ଆଇ ବାସୁଦେବ ଜୟସିଂହ, ଏସ୍‌ଆଇ ଭାଗ୍ୟଶ୍ରୀ ବେହେରା, ଏସ୍‌ଆଇ ଏସ୍‌କେ ମହାନ୍ତି, କନଷ୍ଟେବଲ୍ ସମ୍ମିତ ମହାନ୍ତି, ପ୍ରଦୀପ ହରିଚନ୍ଦନ, ହାବିଲଦାର ବି.କେ. ପ୍ରତାପସିଂହ, ଓଏପିଏଫ୍ ଆର୍.କେ ପ୍ରଧାନ, ବି.କେ କହ୍ନାର, ଏମ୍‌ଆର ପ୍ରଧାନଙ୍କୁ ନେଇ ଗଠିତ ଟିମ୍ ଅଚାନକ ଚଢାଉ କରିଥିଲେ। ଏସ୍‌ଆଇ ଭାଗ୍ୟଶ୍ରୀଙ୍କ ସୂଚନା ଆଧାରରେ ଥାନାରେ ଏନ୍‌ଡିପିଏସ ଆଇନ ୨୧(ସି)/୨୯/୨୫ଅସ୍ତ୍ରଶସ୍ତ୍ର ଆଇନ ବଳରେ ଏକ ମାମଲା (ନଂ. ୧୯୪/୨୫) ରୁଜୁ ହୋଇଛି।

# ପିଲାଙ୍କ ସହ ନାଚିଲେ ଶିକ୍ଷୟିତ୍ରୀ, ଅଭିଭାବକ

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ନନ୍ଦ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଥିଲା। ସ୍କୁଲ ପ୍ରାଙ୍ଗଣରେ କୁନିକୁନି ପିଲାଙ୍କ ମଧ୍ୟରେ ଶ୍ରୀକୃଷ୍ଣ, ଶ୍ରୀରାଧା ବେଶ ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା। ବେଶଧାରୀ ପିଲାମାନେ ଦଳଗତ, ଏକକ ରାଧାକୃଷ୍ଣଙ୍କ ନୃତ୍ୟ ପରିବେଷଣ କରି ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ସାମାଜିକ କର୍ମୀ ପ୍ରଭାତ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ମହତ୍ତ୍ୱ ବୁଝାଇବା ସହ ପିଲାଙ୍କୁ ଗୁରୁଜନ, ମାତାପିତାଙ୍କ ଭକ୍ତି କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାତା ନିର୍ଦ୍ଦେଶକ ଶୁଭ୍ରାଂଶୁରଞ୍ଜନ ସାମନ୍ତରାୟ, ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ପିଲାଙ୍କୁ ଶୃଙ୍ଖଳିତ, ଜନ୍ମାଷ୍ଟମୀ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ ବସନ୍ତ ଖୁଣ୍ଟିଆ, ବିରଞ୍ଚି ନାରାୟଣ ପଣ୍ଡା, ବର୍ଣ୍ଣାଳି ମାଝୀ, ଶୁଭଦର୍ଶିନୀ ଦାସ, ମାନସ ରଞ୍ଜନ ମହାପାତ୍ରଙ୍କ ସମେତ ସମସ୍ତ ଗୁରୁମାଗୁରୁଜୀ ପରିଚାଳନା କରିଥିଲେ।





ଖୋର୍ଦ୍ଧା ବିଡିଏ କଲୋନିସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲରେ ଅନୁଷ୍ଠିତ ନନ୍ଦ ଉତ୍ସବରେ କୁନି ପିଲାଙ୍କ ରାଧାକୃଷ୍ଣ ବେଶ।

# ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ)

ବିଭିନ୍ନ ଶିକ୍ଷାନୁଷ୍ଠାନରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଗୁରୁଜଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୁନି କୁନି ପିଲାମାନେ ଶ୍ରୀକୃଷ୍ଣ ଓ ରାଧା ବେଶ ଧାରଣ କରିଥିଲେ। ବିଦ୍ୟାଳୟରେ ଭାଗବତ ପାଠ ହୋଇଥିଲା। ରାଧାକୃଷ୍ଣ ବେଶଧାରୀ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷାବିତ୍ ଗଙ୍ଗାଧର ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ପିଲାଙ୍କୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ପରିଚାଳନା କମିଟି ସହ ସମ୍ପାଦକ ସୁବାସ ସାହୁ, ପୂର୍ବତନ କୋଷାଧ୍ୟକ୍ଷ ସୁମନ୍ତ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନାଚାର୍ଯ୍ୟ ଦୁଷ୍ମନ୍ତ ପରିଡ଼ା ଓ ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ। ସେହିପରି ଖୋର୍ଦ୍ଧାସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ପ୍ରବଚକ ଜୟକୃଷ୍ଣ ଦାଶ ମୁଖ୍ୟବକ୍ତାଭାବେ ଯୋଗଦେଇ ଜନ୍ମାଷ୍ଟମୀର ମହତ୍ତ୍ୱ ସମ୍ପର୍କରେ ପିଲାଙ୍କୁ କହିଥିଲେ। ଶିଶୁ ଭଉଣୀଭାଇଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ବେଶ ପ୍ରତିଯୋଗିତା ହୋଇଥିଲା। ପ୍ରଧାନାଚାର୍ଯ୍ୟ ଗିରିଜା ମହାପାତ୍ର ପରିଚାଳନା କରିଥିବାବେଳେ ପରିଚାଳନା ସମିତି ସଦସ୍ୟ, ଗୁରୁମାଗୁରୁଜୀ ଉପସ୍ଥିତ ଥିଲେ। ସେହିଭଳି ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଭାଲିଆବାଡ଼ି ଶିଶୁ ମନ୍ଦିର ନିକଟ ପଡ଼ିଆରେ ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏକ ସୁସଜ୍ଜିତ ଝୁଲଣ ମଣ୍ଡପରେ ଶ୍ରୀବିଗ୍ରହଙ୍କୁ ସ୍ଥାପନ କରାଯାଇ ଭାଗବତ ପାଠ କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚନ, ଭଜନ ସନ୍ଧ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

# ମା' ଭଗବତୀଙ୍କ ପୀଠରେ ଜନ୍ମାଷ୍ଟମୀ ମହୋତ୍ସବ

ବାଣପୁର,୧୬।୮ (ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ବାଣପୁରର ଅଧିଷ୍ଠାତ୍ରୀ ମା' ଭଗବତୀ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ମଧ୍ୟରାତ୍ରରେ ରୋହିଣୀ ନକ୍ଷତ୍ର ବୃଷରାଶି ସଂଯୋଗରେ ଯୋଗମାୟା ଅମ୍ବିକା ଭଗବତୀଙ୍କ ଧରାବତରଣ ପୂଜା ଉତ୍ସବ ସହିତ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱରଙ୍କ ପୀଠରେ ଭଗବାନ ଶ୍ରୀକୃଷ୍ଣ ଗୋପାଳଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରଚଳିତ ପରମ୍ପରା ଅନୁସାରେ ଦିନର ସମସ୍ତ ନୀତିକାନ୍ତି ଶେଷ ପରେ ମଧ୍ୟରାତ୍ର ପୂର୍ବରୁ ମା'ଙ୍କୁ ମହାସ୍ନାନକରାଯାଇ ବେଶପରେ ଘଣ୍ଟାଘଣ୍ଟ କାହାଳି ବାଜି ଜନ୍ମ ବିଧି ପାଳନ କରାଯାଇଥିଲା। ପୂଜାରୀ ସାଆନ୍ତ ମା'ଙ୍କ ନିକଟରେ ଖଇ, ନଡ଼ିଆ କୋରା, ରାଶିକୋରା, ଫଳମୂଳ ଇତ୍ୟାଦି ସମର୍ପଣ କରାଇ ଜନ୍ମ ଆଳତି ବଢାଇଥିଲେ। ପରେ ସଞ୍ଜୁଡ଼ି ପଣା କାନ୍ତି ଧୂପ ହୋଇ ରାତ୍ରପହୁଡ ହୋଇଥିଲା। ସେହି ସମୟରେ ଦକ୍ଷେଶ୍ୱର ମନ୍ଦିରଠାରେ ପ୍ରଭୁ ଗୁରୁଣ୍ଡିଗୋପାଳଙ୍କ ଜନ୍ମବିଧି ନିଆରା ଢଙ୍ଗରେ ପାଳିତ ହୋଇଥିଲା। ପରମ୍ପରାକ୍ରମେ ମନ୍ଦିର ପଲେଇ ସେବକ



ସନ୍ଧ୍ୟାରେ ଗୋଟିଏ ଆଟିକା ଦେହରେ ଅଙ୍ଗାର ଚଷୁ ଓ ପାଳ କୁଟାରେ ତିଆରି ଅଟା ସହିତ ନାହି କଟାପାଇଁ ଶିମପତ୍ର ଯୋଗାଇ ଦେଇଥାନ୍ତି। ପୂଜକ ସାଆନ୍ତ ମନ୍ଦିରରୁ ଶ୍ରୀଗୋପାଳଙ୍କୁ ନାହିକଟା ମଣ୍ଡପରେ ବିଜେ କରାଇବାପରେ ଜନ୍ମବିଧି ମୁତାବକ ନିକଟରେ ବାମ୍ପିର ଜଳ ଯମୁନାର ଜଳସ୍ୱରୂପ ସିଞ୍ଚନ (ସ୍ନାନ) କରାଇ ଅଙ୍ଗାର ନିଆଁରେ ସେକିବା ପରେ ବେଶ କରାଯାଇଥିଲା। ପରେ ଆସନରେ ବସାଇ ଘଣ୍ଟାଘଣ୍ଟ କାହାଳୀ ବାଜି ଖଇ, ନଡ଼ିଆ କୋରା, ରାଶି କୋରା ଇତ୍ୟାଦି ଧୂପ କରି ଜନ୍ମ ଆଳତି ବଢାଇଥିଲେ। ଚଳିତ ବର୍ଷ ରାତ୍ର ୧୧ଟ ୫୦ ମିନିଟ୍‌ରେ ଅଷ୍ଟମୀ ତିଥି ଲାଗୁଥିବାରୁ ମନ୍ଦିରଗୁଡ଼ିକରେ ଜନ୍ମବିଧି ଓ ଅନ୍ୟାନ୍ୟ ନୀତିକାନ୍ତି ରାତ୍ର ୧ ଘଟିକା ପର୍ଯ୍ୟନ୍ତ ଚାଲିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୮।୨୦୨୫

| | |
|---|---|
| ୬,୯୦,୪୬୭ ଟଙ୍କା | |
| ସୁନା | ୬.୯୮୦ ଗ୍ରାମ୍ |
| ରୁପା | ୩୭.୧୦୦ ଗ୍ରାମ୍ |

# ସ୍ୱାଧୀନତାର ଉପଲବ୍ଧିକୁ ଧରିରଖିବା ଆମ ସମସ୍ତଙ୍କ ଦାୟିତ୍ୱ

**ପୁରୀ,୧୬।୮ (ଅଜିତ୍ କୁମାର ମହାନ୍ତି)**

କଷ୍ଟଲବ୍ଧ ସ୍ୱାଧୀନତାର ଉପଲବ୍ଧିକୁ ଧରି ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଇତିହାସକୁ ଭୁଲିଗଲେ ଭବିଷ୍ୟତ ଅନ୍ଧାର ହୋଇଯିବ। ୧୯୪୭ ଆଜିର ଦିନରେ ଅଗଣିତ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ପାଥେୟ କରି ଆମେ ପାଇଥିଲୁ ବହୁ ପ୍ରତୀକ୍ଷିତ ସ୍ୱାଧୀନତା। ସ୍ୱାଧୀନତାର ମୂଲ୍ୟକୁ ଅକ୍ଷୁଣ୍ଣ ରଖି ଶାନ୍ତି ଓ ପ୍ରଗତି ପଥରେ ଅଗ୍ରସର ହେବାକୁ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆହ୍ୱାନ ଦେଇଛନ୍ତି। ପୁରୀ ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଶୁକ୍ରବାର ୭୯ତମ



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।



ପୁରୀ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ପରେଡ୍ କରାଯାଉଛି।

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ହରିଚନ୍ଦନ ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରି ଶ୍ରୀକ୍ଷେତ୍ରବାସୀଙ୍କୁ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

ପ୍ରଧାନମନ୍ତ୍ରୀଙ୍କ 'ସବ୍ କା ସାଥ୍ ସବ୍ କା ବିକାଶ' ମନ୍ତ୍ରକୁ ଅନୁପାଳନ ସହ ସେବା, ସୁଶାସନ ଓ ବିକାଶ ରଥକୁ ଆଗେଇନେବାକୁ ଆମ ସରକାର ସଂକଳ୍ପବଦ୍ଧ ବୋଲି ସେ କହିଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ଲକ୍ଷ୍ୟରେ ସରକାର ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହୋଇଛନ୍ତି। ରାଜ୍ୟରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି। କୃଷକଙ୍କୁ ଉତ୍ପାଦିତ ପଦାର୍ଥର ସଠିକ ମୂଲ୍ୟ ଦିଆଯାଉଛି। ୪ ଧାମ ମଧ୍ୟରେ ଶ୍ରେଷ୍ଠ ଧାମ ପୁରୀ। ପୁରୀକୁ ବିଶ୍ୱସ୍ତରୀୟ ସହର ଲକ୍ଷ୍ୟରେ ମହାନଗର ନିଗମ କରାଯାଉଛି, ଭକ୍ତମାନଙ୍କ ଗମନାଗମନରେ ସୁବିଧା, ରହଣି ବ୍ୟବସ୍ଥା କରାଯାଉଛି। ମହାପ୍ରଭୁଙ୍କ ମହିମା ସମ୍ପର୍କରେ ବିଶ୍ୱସ୍ତରୀୟ ବ୍ୟାଖ୍ୟାନ କେନ୍ଦ୍ର କରାଯାଉଛି। ସବୁ ଜିଲାରେ ଶିଳ୍ପ ଏବଂ ସବୁ ଜିଲାରେ ଉଦ୍ୟୋଗୀଙ୍କୁ ପ୍ରାଧାନ୍ୟ ଦେଇ ଘରୋଇ ପୁଞ୍ଜିନିବେଶରେ ଆଜି ସମଗ୍ର ଦେଶରେ ଓଡ଼ିଶା ଅଗ୍ରଣୀ ସ୍ଥାନରେ ପହଞ୍ଚିଛି।

ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡା. ପ୍ରବୀଣ କୁମାର ଜେନା, ନର୍ସିଂ ଅଫିସର୍ ସଚଳା ମହାରଣା, ହସ୍‌ପିଟାଲ ମ୍ୟାନେଜର ଅନମୋଲ ସୁକାନ୍ତ ମହାନ୍ତି, ସିଡିପିଓ ମୀନାକ୍ଷୀ ସାହୁ, ସୁପରଭାଇଜର ସୁଚିତ୍ରା ପ୍ରଧାନ, ଅଙ୍ଗନୱାଡି କର୍ମୀ ଜ୍ୟୋସ୍ନାମୟୀ ରାଉତରାୟ, ସଫେଇ କର୍ମଚାରୀ କମଳା ନାଏକ, ସତୁରା ନାଏକ, ୨୦୨୪-୨୫ ମାଟ୍ରିକ ପରୀକ୍ଷା ଜିଲା ଟପ୍ପର ସ୍ୱୟଂ ପ୍ରକାଶ ସାହୁ, ଶିଶୁ ପରିଚର୍ଯ୍ୟା ଗୃହ କର୍ମଚାରୀ ସୁମା ନାୟକ, ପୁଷ୍ପାଞ୍ଜଳି ସାହୁ, ଜାତୀୟ କ୍ରୀଡ଼ାରେ ସଫଳ ହୋଇଥିବା କ୍ରୀଡ଼ାବିତ୍‌ଙ୍କୁ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକାରୀଙ୍କୁ ଓ ପରେଡ୍‌ର ଶ୍ରେଷ୍ଠ ଦଳଙ୍କୁ ପୁରସ୍କୃତ

### ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ

କରାଯାଇଥିଲା। ସିନିୟର ଡିଭିଜନ ଏନ୍‌ସିସିରେ ଏସ୍‌ସିଏସ୍ କଲେଜ, ଜୁନିଅର ଡିଭିଜନ ଏନ୍‌ସିସି ବାଳକ ବର୍ଗରେ ପୁରୀ ଜିଲା ସ୍କୁଲ, ବାଳିକାରେ ଭୋଳାନାଥ ବିଦ୍ୟାପୀଠ, ଶ୍ରେଷ୍ଠ ଗାଇଡ୍‌ରେ ଡିଏଭି ପବ୍ଲିକ ସ୍କୁଲ, ଶ୍ରେଷ୍ଠ ସ୍କାଉଟ୍‌ରେ ବିଶ୍ୱମ୍ଭର ବିଦ୍ୟାପୀଠ ଓ ଶ୍ରେଷ୍ଠ ଶୃଙ୍ଖଳା ରକ୍ଷା ପାଇଁ ଏସ୍‌ସିଏସ୍ ମହାବିଦ୍ୟାଳୟକୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅନ୍ୟାନ୍ୟ ଅଧିକାରୀ, ଲୋକ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପରିବେଷଣ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗାନ୍ଧୀଘାଟଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସର୍ବୋଦୟ ସମିତି ସହଯୋଗରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୋଣାର୍କ,୧୬।୮ (ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ହେଲିପ୍ୟାଡ୍ ନିକଟସ୍ଥ ଇଟାରୋଡ଼ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ କୋଣାର୍କ ପୋଲିସ ଜବତ କରିଛି। ମୃତ ଯୁବକ ଜଣଙ୍କ କୋଣାର୍କ ଥାନା ଅଧୀନ ଆମ୍ବିଳୀଗାଁ ଗ୍ରାମର ଅଶ୍ୱିନୀ ବସ୍ତିଆ (ପୁପା) ବୋଲି ଜଣାପଡ଼ିଛି। ଅଶ୍ୱିନୀ ଜଣେ ବସ୍ ଚାଳକ ଭାବେ କୋଣାର୍କ ଅଞ୍ଚଳରେ ଗାଡ଼ି ଚଳାଉଥିବା ବେଳେ କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଇଛି। ଅଶ୍ୱିନୀ ଦିନେ କିମ୍ବା ଦୁଇଦିନ ପୂର୍ବରୁ ମୃତ୍ୟୁବରଣ କରିଥିବା ବେଳେ ଶୁକ୍ରବାର କିଛି ଲୋକ ଦେଖି କୋଣାର୍କ ପୋଲିସକୁ ଖବର ଦେଇଥିଲେ। ଖବରପାଇ କୋଣାର୍କ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ୨୦/୨୫ରେ ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି।

### ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମ୍‌ରେ ଅଗ୍ନିକାଣ୍ଡ

**ନିମାପଡ଼ା,୧୬।୮ (ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଜୟଶ୍ରୀ ଛକ ନିକଟରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ଏଟିଏମ୍‌ରେ ଶନିବାର ଅପରାହ୍ନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏଟିଏମ୍ ନିକଟରେ ଥିବା ବିଦ୍ୟୁତ୍ ମିଟରରେ ଶର୍ଟସର୍କିଟ ଯୋଗୁ ନିଆଁଲାଗି ଫାଟିଯିବାରୁ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ପ୍ରଚଣ୍ଡ ଶବ୍ଦ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଶବ୍ଦ ଶୁଣି ବ୍ୟାଙ୍କ କର୍ମଚାରୀମାନେ ଅଗ୍ନି ନିର୍ବାପକ ମେଶିନ ଦ୍ୱାରା ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ନିମାପଡ଼ା ଅଗ୍ନିସେବା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ଏ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକ ସତ୍ୟାନ୍ ବେହେରାଙ୍କୁ ପଚାରିବାରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ବିଦ୍ୟୁତ୍ ମିଟର ପୋଡ଼ିଯାଇଛି, ହେଲେ ଏଟିଏମ୍ ଓ ମେଶିନ ଗୃହର କୌଣସି କ୍ଷୟକ୍ଷତି ହୋଇନାହିଁ ବୋଲି କହିଥିଲେ।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଅସ୍ତରଙ୍ଗ,୧୬।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅସ୍ତରଙ୍ଗ ଥାନା ଅଧୀନ ବଡ଼ ନାନପଡ଼ା ଗ୍ରାମର ରବି ବେହେରାଙ୍କ ସ୍ତ୍ରୀ ମୀନା ବେହେରା (୬୦) ବିଲରେ କାମ କରୁଥିବା ବେଳେ ଏକ ସାପ କାମୁଡ଼ିଥିଲା। କିନ୍ତୁ ପରିବାର ଲୋକେ ସଙ୍ଗେ ସଙ୍ଗେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିବର୍ତ୍ତେ ଝଡ଼ାଫୁଙ୍କା ଉପରେ ବିଶ୍ୱାସ କରି ପୋଇତରା ଯାଉଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ଚାରିଛକ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ପରିବାର ସଦସ୍ୟ ଅସ୍ତରଙ୍ଗ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ପରେ ଅସ୍ତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ୮/୨୫ରେ ରୁଜୁ କରି ଚାରିଛକରେ ଶବ ବ୍ୟବଚ୍ଛେଦ କରାଯାଇଛି। ପରେ ମହିଳାଙ୍କୁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।




ନନ୍ଦୋତ୍ସବ ଅବସରରେ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୋଣାର୍କ,୧୬।୮ (ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ହେଲିପ୍ୟାଡ୍ ନିକଟସ୍ଥ ଇଟାରୋଡ଼ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ କୋଣାର୍କ ପୋଲିସ ଜବତ କରିଛି। ମୃତ ଯୁବକ ଜଣଙ୍କ କୋଣାର୍କ ଥାନା ଅଧୀନ ଆମ୍ବିଳୀଗାଁ ଗ୍ରାମର ଅଶ୍ୱିନୀ ବସ୍ତିଆ (ପୁପା) ବୋଲି ଜଣାପଡ଼ିଛି। ଅଶ୍ୱିନୀ ଜଣେ ବସ୍ ଚାଳକ ଭାବେ କୋଣାର୍କ ଅଞ୍ଚଳରେ ଗାଡ଼ି ଚଳାଉଥିବା ବେଳେ କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଇଛି। ଅଶ୍ୱିନୀ ଦିନେ କିମ୍ବା ଦୁଇଦିନ ପୂର୍ବରୁ ମୃତ୍ୟୁବରଣ କରିଥିବା ବେଳେ ଶୁକ୍ରବାର କିଛି ଲୋକ ଦେଖି କୋଣାର୍କ ପୋଲିସକୁ ଖବର ଦେଇଥିଲେ। ଖବରପାଇ କୋଣାର୍କ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ୨୦/୨୫ରେ ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି।

# ଶ୍ରୀକୃଷ୍ଣ ଜନ୍ମୋତ୍ସବରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ସାକ୍ଷୀଗୋପାଳ, ୧୬।୮ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ପରମ୍ପରା କ୍ରମେ ପୁରୀ ଜିଲ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମସ୍ତୋବ ୨୦୨୫ ଓ ୩ ଦିନିଆ ଆଧ୍ୟାତ୍ମିକ, ସାଂସ୍କୃତିକ ସମୋରୋହ ପାଳିତ ହୋଇଯାଇଛି। ସାଂସ୍କୃତିକ ସମୋରୋହରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗଦେଇ କହିଛନ୍ତି, ସାକ୍ଷୀଗୋପାଳ ମନ୍ଦିର ଏକ ପ୍ରାଚୀନ ପୀଠ। ଶ୍ରୀକୃଷ୍ଣ ଜନ୍ମୋତ୍ସବରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ବେଳେ ଶ୍ରୀକ୍ଷେତ୍ରକୁ ଆସୁଥିବା ସମସ୍ତ ଭକ୍ତ ଯେପରି ସାକ୍ଷୀଗୋପାଳ ମନ୍ଦିରକୁ ଆକର୍ଷିତ ହୋଇପାରିବେ ସେଭଳି ବିକଶିତ ଯୋଜନା ରାଜ୍ୟ ସରକାର ହାତକୁ ନେଇଥିବା ସୂଚନା ଦେଇଥିଲେ। ସେହିପରି ସାକ୍ଷୀଗୋପାଳ ଓ ବକୁଳବନ ଐତିହ୍ୟ କରିଡର୍ ବିକାଶରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର। ଅନ୍ୟତମ ସାମାଜିକ କର୍ମୀ ଧୀରେନ୍ଦ୍ର କୁମାର ଜେନା ସମାବେଶରେ ଉଦ୍‌ବୋଧନ ଦେଇଥିଲେ। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସେବାୟତ ସଂଘର ସମ୍ପାଦକ ପ୍ରତାପ କୁମାର ମହାପାତ୍ର। ସଭାପତି ଅଶୋକ ଖୁଣ୍ଟିଆ, ଉପସଭାପତି ସଞ୍ଜୟ କୁମାର ନନ୍ଦ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ। ଅଞ୍ଜନା କୁମାର ହୋତା ଓ ଆଲୋକ ଖୁଣ୍ଟିଆ ସଂଯୋଜନା କରିଥିଲେ। ଯୁବ ସେବାୟତମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

ପ୍ରତ୍ୟୁଷରୁ ଦ୍ୱାର ଫିଟା, ମଙ୍ଗଳ ଆଳତି, ମର୍ଦ୍ଦନ, ଅବକାଶ ଓ ସୁନାବେଶରେ ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳଧୂପ ଓ ବୀର କେଶରୀ ବଲ୍ଲଭ ଭୋଗ ପରେ ସୁଗନ୍ଧିତ, ଅଭିମନ୍ତ୍ରିତ ଜଳ କଳସ ପୂଜା ହୋଇଥିଲା। ଦ୍ୱିପହରଧୂପ, ସନ୍ଧ୍ୟା ଆଳତି ଓ ଗୋଧନ ବାହୁଡ଼ା ଭୋଗ ପରେ ସନ୍ଧ୍ୟାଧୂପ ବେଶରେ ସୁନାବେଶ, ବଡ଼ସିଂହାର ବେଶ ଓ ଧୂପ ପରେ ଗର୍ଭଗୃହରେ ଭଦ୍ରମଣ୍ଡଳ ପକାଯାଇ ଶ୍ରୀକୃଷ୍ଣ ଜନ୍ମପର୍ବ ଦେବନୀତି ଅନୁଷ୍ଠିତ ହୋଇଥିଲା। ନିଶାର୍ଦ୍ଧରେ ବସୁଦେବ ସେବକ ଶିଶୁ କୃଷ୍ଣଙ୍କୁ ମୁଣ୍ଡରେ ବସାଇ ଲୁଚିଛପି ଯମୁନା ନଦୀ ଅତିକ୍ରମ କରିବା ସମୟରେ ରାଜା ଉଗ୍ରସେନଙ୍କ ହାତରେ ଧରାପଡ଼ିବା ଦୃଶ୍ୟ ମନ୍ଦିର ବେଢ଼ାରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ହୋଇଛି। ଦିନତମାମ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୀତାକାନ୍ତ



@ ଲକି



@ ଦୀପକ



@ ଆଦର୍ଶ



@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଫଟୋରେ ଖବର



ଚାରିଛକରେ ସ୍ୱାଧୀନତା ଦିବସ ପାଳିତ ହେଉଛି।



କାକଟପୁରରେ ଅତିଥିମାନେ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।



କଣାସରେ କୁନି ପିଲାମାନେ ପତାକା ଧରି ସ୍ୱାଧୀନତା ଦିବସ ପାଳନ କରୁଛନ୍ତି।

## ସଂକ୍ଷେପରେ

### ଦୀପରୁ ନିଆଁ ଲାଗି ବୃଦ୍ଧା ମୃତ

ଭୁବନେଶ୍ୱର, ୧୬।୮ (ସତ୍ୟଜିତ ରାଉତ)

ଠାକୁରଙ୍କ ପୂଜାର୍ଚ୍ଚନା ବେଳେ ଦୀପରୁ ନିଆଁ ଲାଗି ପୋଡ଼ିହୋଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡା ମହାଦେବ ନଗରରେ ଶୁକ୍ରବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତା ମହିଳା ହେଲେ ସୁଶାନ୍ତ କୁମାର ସେନଗୁପ୍ତାଙ୍କ ସ୍ତ୍ରୀ ଶିଲ୍ପୀ ଦାସ ଗୁପ୍ତା (୬୮)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଶିଳ୍ପୀ ଠାକୁର ଘରେ ପୂଜାର୍ଚ୍ଚନା କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଶିଳ୍ପୀଙ୍କ ଶାଢ଼ି ଏକ ଦୀପ ସଂସ୍ପର୍ଶରେ ଆସି ହଠାତ ଜଳି ଉଠିଥିଲା। ଦେଖୁ ଦେଖୁ ଶିଳ୍ପୀ ପୋଡି ହୋଇଯାଇଥିଲେ। ପାଖରେ ଥିବା ସ୍ୱାମୀ ଏହା ଦେଖି ଅନ୍ୟମାନଙ୍କୁ ଡାକି ତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ଶିଳ୍ପୀ ପ୍ରାୟ ୩୦ରୁ ୪୦ ପ୍ରତିଶତ ପୋଡିଯାଇଥିଲେ। ତାଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ଶିଳ୍ପୀଙ୍କୁ ମୃତା ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ତାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାକୁ ନେଇ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପାଠାଗାର, ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ବାଲକାଟୀ, ୧୬।୮ (ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ପ୍ରତାପ ଶାସନ ପଞ୍ଚାୟତର ଚେତନା ମାନସିକ ବିକାରଗ୍ରସ୍ତ ଆବାସିକ କେନ୍ଦ୍ର ନିକଟରେ ଶନିବାର ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏନେଇ ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩୦ଲକ୍ଷ, ଜିଲା ଖଣିଜ ପାଣ୍ଠିରୁ ୧୦ଲକ୍ଷ, ମନରେଗା ଯୋଜନାରେ ୫ଲକ୍ଷ, ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ୫ଲକ୍ଷ ଓ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୩ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଯୁବ ଭାଜପା ନେତା ଶିବ ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ନିର୍ବାଚନ ମଣ୍ଡଳୀ ପ୍ରତିନିଧି ଚୌଧୁରୀ ଦ୍ୱାରିକାନାଥ ଦାଶ, ସୁବାସ ଜେନା, ବସନ୍ତ ନାୟକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ବିଜୟ ମହାରଣା, ବିଡିଓ ରାଜଲକ୍ଷ୍ମୀ ନାଥ, ଭାରପ୍ରାପ୍ତ ତହସିଲଦାର କଳ୍ପନା ଦାଶ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଜୟ ଲକ୍ଷ୍ମୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ଗୋଷ୍ଠୀ ଉନ୍ନୟନ ପରିଷଦ ଅଫିସ୍ ଗୃହ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୮ (ବନ୍ଦନା ସେଠୀ)

ଝରଣା ବିହାର ଓ ବିଶୁଦ୍ଧାନନ୍ଦ ନଗର ଗୋଷ୍ଠୀ ଉନ୍ନୟନ ପରିଷଦର ଅଫିସ୍ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଏକ ସ୍ଥାୟୀ ପରିଷଦ ଗୃହ ନିର୍ମାଣରେ ସାହାଯ୍ୟ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗଦେଇଥିଲେ। ପରିଷଦ ସଭାପତି ସୁଶାନ୍ତ ରଥ ପରିଚାଳନା କରିଥିବାବେଳେ ସମ୍ପାଦକ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ଏହି ଅବସରରେ ଅକ୍ଷୟ କୁମାର ବେହେରା, ବଳଦେବ ମହାରଥା, ଜ୍ୟୋତିର୍ମୟୀ ସାହୁଙ୍କୁ ସେମାନଙ୍କ କୃତି ପାଇଁ 'ସୁଦର୍ଶନ ପ୍ରଧାନ ସ୍ମୃତି ସ୍ମାରକ' ପ୍ରଦାନ କରାଯାଇଥିଲା। କୈଳାସ ଚନ୍ଦ୍ର ପ୍ରଧାନ, ନିହାର ସାହୁ, ନିରଞ୍ଜନ ଜେନା, ଲଲାଟ କିଶୋର ଭଞ୍ଜ, ଦୁର୍ଗାଚରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଆୟୁଷ୍ମାନ୍ ଯୋଜନାରେ ତ୍ରୁଟି ପାଇଁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଲୋକେ

**ଆନ୍ଦୋଳନ ଚେତାବନୀ ଦେଲା ଜନସ୍ୱାସ୍ଥ୍ୟ ଅଭିଯାନ, ଆଗାମୀ ଓଡ଼ିଶା**

ଭୁବନେଶ୍ୱର, ୧୬।୮ (ବନ୍ଦନା ସେଠୀ)

ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଓଡ଼ିଶା ଜନସଂଖ୍ୟାର ପ୍ରାୟ ୮୦% ଅର୍ଥାତ୍ ୧.୦୩ କୋଟି ପରିବାରକୁ ସାମିଲ କରିଛନ୍ତି। ମାତ୍ର ଅନେକ ସମୟରେ କାର୍ଡଧାରୀମାନେ ସଫ୍ଟୱେର, ଆଧାର ଲିଙ୍କ୍, ବାୟୋମେଟ୍ରିକ, ଓଟିପି ଭଳି ବିଭିନ୍ନ ସମସ୍ୟା ଓ ତ୍ରୁଟି ପାଇଁ କାର୍ଡ ମାଧ୍ୟମରେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି ଓ ଅତିରିକ୍ତ ଖର୍ଚ୍ଚକରି ସର୍ବସ୍ୱାନ୍ତ ହେଉଛନ୍ତି। ଆୟୁଷ୍ମାନ୍ ଭାରତ ଯୋଜନାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ଗରିବ ଲୋକମାନେ ସାମିଲ ହୋଇଥିବାବେଳେ ବୟୋ ବନ୍ଦନା ଯୋଜନାରେ ଧନୀ ଲୋକଙ୍କୁ ଉନ୍ନତ ଚିକିତ୍ସା କରିବା ଫଳରେ ସାଧାରଣ ରୋଗୀମାନେ ଗୁରୁତର ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି ବୋଲି ଜନସ୍ୱାସ୍ଥ୍ୟ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ମହାପାତ୍ର ଅଭିଯୋଗ କରିଛନ୍ତି। ଏଥିସହ ଯୋଜନାରେ ସୁଧାର ନ ଆଣିଲେ ଜନସ୍ୱାସ୍ଥ୍ୟ ଅଭିଯାନ ଓ ଆଗାମୀ ଓଡ଼ିଶା ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

ଶନିବାର ଜନସ୍ୱାସ୍ଥ୍ୟ ଅଭିଯାନ, ଆଗାମୀ ଓଡ଼ିଶା ଏବଂ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏଶନ ପକ୍ଷରୁ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଆୟୁଷ୍ମାନ ଭାରତ ଓ ସ୍ୱାସ୍ଥ୍ୟସେବାର ଦୁରବସ୍ଥା ନେଇ ଏକ ରାଜ୍ୟସ୍ତରୀୟ ଗୋଲ୍‌ଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୌରାଙ୍ଗ ଯୋଜନାର ତ୍ରୁଟି ଓ ସମସ୍ୟା ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରିବା ସହ ସଫ୍ଟୱେରରେ ଆଶ୍ୟକ ପରିବର୍ତ୍ତନ, କାର୍ଡ ମାଧ୍ୟମରେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଆଧାରକାର୍ଡ କିମ୍ବା ବାୟୋମେଟ୍ରିକ୍‌କୁ ବାଧ୍ୟତାମୂଳକ ନ କରିବା, ସ୍ୱାସ୍ଥ୍ୟସେବାରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ବନ୍ଦ ତଥା ପ୍ରାଇଭେଟ ହସ୍ପିଟାଲଗୁଡ଼ିକ ପ୍ୟାକେଜ୍ ରେଟ୍‌ରେ ପରିବର୍ତ୍ତନ କରିବା ଆଦି ଉପରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଆଗାମୀ ଓଡ଼ିଶାର ଆବାହକ ସୁଦର୍ଶନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ୨୦ଟି ଜିଲ୍ଲାରୁ ୧୨୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ସାମିଲ ହୋଇ ଆୟୁଷ୍ମାନ୍ ଭାରତ ଯୋଜନାରେ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବୈଠକରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଓଡ଼ିଶା ଘରୋଇ ମେଡିକାଲ ଆସୋସିଏଶନ ସଭାପତି ଇନ୍ଦ୍ରମଣି ଜେନା ପ୍ରମୁଖ ନିଜ ନିଜର ମତ ରଖିଥିଲେ। ଆଗାମୀ ଓଡ଼ିଶାର ସଚ୍ଚି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ଶିକ୍ଷକ, କର୍ମଚାରୀ

**ମହାବିଦ୍ୟାଳୟକୁ ଅନୁଦାନ, ଅବସରକାଳୀନ ସୁବିଧା ପ୍ରଦାନ ପ୍ରମୁଖ ଦାବି**




ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଶିକ୍ଷକ ଏବଂ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୧୬।୮ (ସୁଚିସ୍ମିତା ସାହୁ)

ବିଭିନ୍ନ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅଣଅନୁଦାନପ୍ରାପ୍ତ, ଅନୁଦାନପ୍ରାପ୍ତ ତଥା ସରକାରୀ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନେ ଶନିବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ମାଷ୍ଟରକ୍ୟାଣ୍ଟିନଠାରୁ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିରେ ପହଞ୍ଚିବା ପରେ ସେଠାରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବିଧାୟକ ଅରୁଣ ସାହୁ ଓ ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ରାଜ୍ୟର ବିଭିନ୍ନ ଗଣସଂଗଠନର ନେତା ସଂଘମିତ୍ରା ଜେନା, ସୁରେଶ ପାଣିଗ୍ରାହୀ, ପ୍ରଶାନ୍ତ ମିଶ୍ର, ପୁଷ୍ପା ଦାଶ, ପ୍ରଦୀପ୍ତ ନାୟକ, ନସିମ୍ ସରକାର ଓ ପଞ୍ଚାନନ ଗୌଡ଼ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସରକାରଙ୍କ ତରଫରୁ ଏକାମ୍ର ବିଧାୟକ ବାବୁ ସିଂ ଏବଂ ପିପିଲି ବିଧାୟକ ଆଶ୍ରିତ୍ ପଟ୍ଟନାୟକ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। ଆଇନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ସମସ୍ୟାଗୁଡ଼ିକର ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲଷ୍ଟା), ନିଖିଳ ଉତ୍କଳ ସଂସ୍କୃତ ମହାସଂଘ, ନିଖିଳ ଉତ୍କଳ ମଦ୍ରାସା ଶିକ୍ଷକ ସଂଘ, ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ, ୬୬୨ ଓ ୪୮୮ ବର୍ଗ କଲେଜ କର୍ମଚାରୀ ସଂଘ, ଅଣଅନୁଦାନପ୍ରାପ୍ତ ଶିକ୍ଷକ ସଂଘ, ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ସଂଘ ଆନ୍ଦୋଳନରେ ସାମିଲ ହୋଇଥିଲା। ରାଜ୍ୟ ସରକାର ଅନୁଦାନରୁ ବାଦ୍ ପଡ଼ିଥିବା ସ୍ୱଳ୍ପସଂଖ୍ୟକ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ ସହିତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ ନେବାକୁ ଯାଉଥିବା ଶିକ୍ଷକ ଏବଂ କର୍ମଚାରୀଙ୍କ ପାଇଁ ଚାକିରି ସର୍ତ୍ତାବଳୀ ପ୍ରଦାନ କରିବା, ଅବସରକାଳୀନ ସୁବିଧା ପ୍ରଦାନ ସହିତ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ କରିବା ପାଇଁ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ, ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

### ପାତ୍ରପଡ଼ା ହିଟ୍ ଆଣ୍ଡ ରନ୍ ମାମଲା: ୨ ଗିରଫ

ଭୁବନେଶ୍ୱର, ୧୬।୮ (ସତ୍ୟଜିତ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା ପେଟ୍ରୋଲ ପମ୍ପ ନିକଟ ଜାତୀୟ ରାଜପଥରେ ଘଟିଥିବା ହିଟ୍ ଆଣ୍ଡ ରନ୍ ଘଟଣାରେ ଦୁଇ ଜଣଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ହେଲେ ଦୁର୍ଘଟଣା ଘଟାଇଥିବା ଥାର୍ ଚାଳକ ସୋମନାଥ ବେହେରାଙ୍କୁ ଏଯାଏ ଧରିପାରିନାହିଁ ପୋଲିସ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଇନ୍‌ଫୋସିଟି ଥାନା ଅଧୀନ ଗଙ୍ଗପଡ଼ା ଗ୍ରାମର ଅଙ୍କିତ ଶ(୨୨) ଓ ପୁରୀ ପେଣ୍ଠକଟା ମେରାଇନ ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ପ୍ରଧାନ (୪୨)। ଥାର୍ ସହ ଦ୍ରୁତ ଗତିରେ ଆସିଥିବା ସ୍କର୍ପିଓ ଗାଡ଼ିରେ ଅଙ୍କିତ ଥିବା ବେଳେ ଅଭିଯୁକ୍ତମାନଙ୍କୁ ଆଶ୍ରୟ ତଥା ଫେରାର କରାଇବାରେ କୃଷ୍ଣଚନ୍ଦ୍ର ସାହାଯ୍ୟ କରିଥିଲେ। ଅଭିଯୁକ୍ତ ଅଙ୍କିତ ଓ କୃଷ୍ଣଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଏହି ଭୟଙ୍କର ଦୁର୍ଘଟଣାରେ ମା' ରେବତୀ ନାୟକ ଓ ଝିଅ ରେଶମାଙ୍କ ଜୀବନ ଯାଇଥିବା ବେଳେ ଦୁଇ ବର୍ଷର ପୁଅ ଗୁରୁତର ହୋଇଥିଲେ। ଅଗଷ୍ଟ ୯ରେ ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କୁ ନେଇ ପଟିଆ ଯାଇଥିଲେ। ସେମାନେ ଏକ ବସ୍‌ରେ ଆସି ଅପରାହ୍ନରେ ପାତ୍ରପଡ଼ାରେ ଓହ୍ଲାଇଥିଲେ। ଫୁଲେଇଶ୍ୱରୀ ବସ୍ତିସ୍ଥିତ ନିଜ ଘରକୁ ଯିବା ପାଇଁ ଜାତୀୟ ରାଜପଥ ପାରି ହେଉଥିବାବେଳେ ସ୍କର୍ପିଓ ଗାଡି ସହ ଗୋଡାଗୋଡି ହୋଇ ଦ୍ରୁତ ଗତିରେ ଯାଉଥିବା ଥାର୍ ଗାଡିଟି ସେମାନଙ୍କୁ ଧକ୍କା ଦେଇଥିଲା। ଅଗଷ୍ଟ ୧୦ରେ ଜଟଣୀ ଅଞ୍ଚଳରୁ ଖଣ୍ଡଗିରି ପୋଲିସ ଉକ୍ତ ଥାର୍ ଗାଡିକୁ ଜବତ କରିଥିଲା। ତେବେ ଘଟଣାକୁ ସପ୍ତାହ ବିତିଥିବା ବେଳେ ଥାର୍ ଚାଳକ ଧରା ପଡି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି।

# ବିଏମ୍‌ପିଏସ୍ ତକ୍ଷ୍ୟଶିଳା ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ 'ଆବିଷ୍କାର'

ଭୁବନେଶ୍ୱର, ୧୬।୮ (ଅନୁରାଧା ମହାରଣା)




ବିଏମ୍‌ପିଏସ୍ ତକ୍ଷ୍ୟଶିଳା ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାର୍ଷିକ ପ୍ରଦର୍ଶନୀ 'ଆବିଷ୍କାର-୨୦୨୫' ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସାମାଜିକ ବିଜ୍ଞାନ ଏବଂ ବିଜ୍ଞାନ ଉପରେ ଆଧାରିତ ବିଷୟବସ୍ତୁ ଉପରେ ପ୍ରତିଭା ଓ ନବସୃଜନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇଥିବାବେଳେ ସ୍କୁଲ ଅଧ୍ୟକ୍ଷ ଚୁଟୁଲ କିଶୋର ଦାସ, ନିର୍ଦ୍ଦେଶକ ସିକତା ଦାସ ଏବଂ ପ୍ରଧାନଶିକ୍ଷକ ଲିପ୍ସିତା ମହାନ୍ତି ଉପସ୍ଥିତ ଥିଲେ। ଭୁବନେଶ୍ୱର ମଡେଲ ପବ୍ଲିକ ସ୍କୁଲ 'ତକ୍ଷ୍ୟଶିଳା' କେବଳ ଶିକ୍ଷାଗତ ଓ ସହ-ଶିକ୍ଷାଗତ ଶିକ୍ଷା ପ୍ରଦାନ କରେ ନାହିଁ, ବରଂ ଏହା ଛାତ୍ରୀଛାତ୍ରଙ୍କୁ ମୂଲ୍ୟବୋଧ ଏବଂ ନୈତିକ ଶିକ୍ଷା ପ୍ରଦାନ କରେ, ଯାହା ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ଥିଲା। ଛାତ୍ରମାନେ ବିଜ୍ଞାନର ବିଭିନ୍ନ ଶାଖା ସହିତ ଜଡ଼ିତ ବିଭିନ୍ନ ପ୍ରକାରର ମଡେଲ ଉପସ୍ଥାପନ କରିଥିଲେ। ଏହି ପ୍ରଦର୍ଶନୀ ଅଂଶଗ୍ରହଣକାରୀଙ୍କୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ, ସାମାଜିକ ବିଜ୍ଞାନ ଏବଂ ପରିବେଶ ବିଜ୍ଞାନ ଭଳି ବିଭିନ୍ନ ବିଷୟର ପ୍ରକଳ୍ପ ଅନୁସନ୍ଧାନ ଏବଂ ଉପସ୍ଥାପନ କରିବାକୁ ପ୍ରେରଣା ଦେଇଥିଲା। ପ୍ରତ୍ୟେକ ବିଜେତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ୭୯ତମ ସ୍ୱାଧୀନତା ଦିବସ



ରସୁଲଗଡ଼ ଜଗନ୍ନାଥ ନଗର ରୋଡ୍ ନଂ.୧୧ରେ ଅବସରପ୍ରାପ୍ତ ଯବାନଙ୍କ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଅବସରରେ ଅନୁଷ୍ଠିତ ପଦଯାତ୍ରା।

### ନ୍ୟୁଜ୍ ପେପର ସପ୍ଲାୟର୍ସ ଆସୋସିଏଶନ

ଭୁବନେଶ୍ୱର, ୧୬।୮ (ସୌମ୍ୟରଞ୍ଜନ ରାଉତ)



ଭୁବନେଶ୍ୱର ନ୍ୟୁଜ୍‌ପେପର ସପ୍ଲାୟର୍ସ ଆସୋସିଏଶନ ପକ୍ଷରୁ ହୁଡ୍ ବିଲ୍ଡିଂସ୍ଥିତ ଖବରକାଗଜ ବିତରଣ କେନ୍ଦ୍ରଠାରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଅତିଥି ଭାବେ ଇଂ. ଜଗନ୍ନାଥ ପ୍ରଧାନ ଯୋଗଦେଇ ଆଗାମୀ ଦିନରେ ଯୁବପିଢ଼ି କିପରି ସଂଗଠିତ ହୋଇ ଅନ୍ୟାୟ ବିରୋଧରେ ଏକାଠି ହୋଇ ସ୍ୱାଧୀନତାକୁ ବଜାୟ ରଖିବେ ସେସମ୍ପର୍କରେ କହିଥିଲେ। ଆସୋସିଏଶନ ମୁଖ୍ୟ ଲିଙ୍ଗରାଜ ପାତ୍ର, ସମ୍ପାଦକ କମଳାକାନ୍ତ ଖାମୁରେଇଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ରାଜଭବନରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର, ୧୬।୮ (ସୁଚିସ୍ମିତା ସାହୁ)

ରାଜଭବନରେ ୭୯ତମ ସ୍ୱାଧୀନତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆରକ୍ଷୀ ବାହିନୀ ପକ୍ଷରୁ ରାଷ୍ଟ୍ରୀୟ ସଲାମି ପ୍ରଦାନ କରାଯାଇଥିଲା। ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

### ପଞ୍ଚମ ଛାତ୍ରୀ ଉତ୍ତୋଳନ କଲେ ଜାତୀୟ ପତାକା



ପୁରୁଣା ଭୁବନେଶ୍ୱର, ୧୬।୮ (ସୁବାସ ଚନ୍ଦ୍ର ପ୍ରଧାନ)

ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟ ମଧ୍ୟରେ ରହିଥିବା ଅଗମ୍ୟ ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀ ପତାକା ଉତ୍ତୋଳନ କରିଛନ୍ତି। ଏଥିସହ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ଗହଣରେ ଏହି ଉତ୍ସବର ମହତ୍ତ୍ୱକୁ ନେଇ ଚର୍ଚ୍ଚା ହୋଇଥିଲା। ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ଉପସ୍ଥିତ ରହି ଦେଶର ସମ୍ମାନ ବଢାଇବା ଭଳି କାର୍ଯ୍ୟ କରିବାକୁ ବିଦ୍ୟାର୍ଥୀ ଓ ଗ୍ରାମବାସୀମାନଙ୍କୁ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, ସାମାଜିକ କର୍ମୀ ସୁଶାନ୍ତ ସାହୁ ଅଞ୍ଚଳରେ ଏପରି ଜାତୀୟ ପର୍ବ ପାଳନ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପତାକା ଉତ୍ତୋଳନ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇ ଥିଲେ। ସେହି ଦିନଠାରୁ ଗତ ୧୦ ବର୍ଷ ଧରି ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଆସୁଛି ।

# ଗୌରାଙ୍ଗ ସେବା ଫାଉଣ୍ଡେଶନ ପକ୍ଷରୁ ଜନ୍ମାଷ୍ଟମୀ

ଭୁବନେଶ୍ୱର, ୧୬।୮ (ସୌମ୍ୟରଞ୍ଜନ ରାଉତ)



ଗୌରାଙ୍ଗ ସେବା ଫାଉଣ୍ଡେଶନ ପକ୍ଷରୁ ଶନିବାର କ୍ରିଷ୍ଟାଲ କ୍ରାଉନ୍‌ଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ଭଗବାନ ଗୋପାଳଙ୍କୁ ଏକ ପାଲିଙ୍କି ଶୋଭାଯାତ୍ରାରେ ନିଆଯାଇ ଷୋଡ଼ଶ ଉପଚାରରେ ଅଭିଷେକ କରାଯାଇଥିଲା। ଅନ୍ୟାନ୍ୟ ନୀତିକାନ୍ତି ପରେ ମଙ୍ଗଳ ଆଳତି ସହିତ ୫୬ ଭୋଗ ଅର୍ପଣ କରାଯାଇଥିଲା। ପ୍ରବଚନ କାର୍ଯ୍ୟକ୍ରମ ସହ ଫାଉଣ୍ଡେଶନର ସ୍ୱେଚ୍ଛାସେବୀ ଏଏଚ୍‌ଏଲ୍ ଫୋରମ୍ ଓ ଗୀତା ଅଧ୍ୟୟନ ସର୍କଲ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ରଙ୍ଗୋଲୀ ଆଦି ପ୍ରତିଯୋଗିତା କରାଯାଇଥିଲଶ। ଛୋଟ ପିଲାମାନେ ନିଜକୁ ରାଧା ଓ କୃଷ୍ଣ ବେଶରେ ସଜାଇଥିଲେ। ସମସ୍ତେ ଭାଗବାନ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ନେଇ ଫେରିଥିଲେ।




କିଟ୍, କିସ୍, କିମ୍ସ ସମେତ କିଟ୍ ପବ୍ଲିକ ସ୍କୁଲ ଓ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଅବସରରେ ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିମାନେ।

# ଆଇନ ଛାତ୍ରୀଛାତ୍ରଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଜ୍ଞାନ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧୬।୮ (ଅନୁରାଧା ମହାରଣା)




ଭୁବନେଶ୍ୱର ଆଇନ ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ଅତିଥିମାନେ।

ଭୁବନେଶ୍ୱର ଆଇନ ମହାବିଦ୍ୟାଳୟ ଦ୍ୱାରା ଏଲ୍‌ଏଲ୍‌ବି ଏବଂ ଏଲ୍‌ଏଲ୍‌ଏମ୍ ଛାତ୍ରୀଛାତ୍ରଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଗୁଣବତ୍ତା ପାଠ୍ୟକ୍ରମ ସଂକ୍ରାନ୍ତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ତଥା ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ଉଦ୍‌ଘାଟନ କରିଥିଲେ। କୃତ୍ରିମ ବୁଦ୍ଧିମତ୍ତା ଆଇନ ସହିତ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନ ଶିକ୍ଷା ବଳରେ ଛାତ୍ରୀଛାତ୍ର ଏକ ସମୃଦ୍ଧ ସମାଜ ଗଠନ କରିବା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ ବୋଲି ସୁଜିତ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳଜିତ୍ ସିଂ ଯୋଗଦେଇ ଆଇନ ପାଠପଢ଼ାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଅନ୍ୟତମ ସ୍ୱତନ୍ତ୍ର ଅତିଥି ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ଅତିରିକ୍ତ ପୋଲିସ ଅଧୀକ୍ଷକ ଡ. ଜିପି ଏସ୍ ଏସ୍ ନନ୍ଦ ବର୍ତ୍ତମାନ ମହିଳାଙ୍କ ଉପରେ ଘଟୁଥିବା ଯୌନ ନିର୍ଯାତନା ଓ ହିଂସା ବିରୋଧରେ ଆଇନ ପରିଚାଳନା ଓ ସଚେତନତ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଜିଲାଜଜ୍ ଉମା ଚରଣ ମିଶ୍ର ଓ ମହାବିଦ୍ୟାଳୟ ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ରାଉତ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ସତ୍ୟପ୍ରକାଶ ସ୍ୱାଇଁ, ମୁଖ୍ୟ ପ୍ରଶାସକ ଶଶିକାନ୍ତ ମହାପାତ୍ର, ଶିବାନନ୍ଦ ଗଡ଼ନାୟକ, ଡ. ତନୁଜା ପଣ୍ଡା, ଡ. ସାଇନା ଏସ ଦାସ, ପ୍ରଫେସର ନରୋତ୍ତମ ପଟ୍ଟନାୟକ, ଅଭିନାଶ ନନ୍ଦ, ଅନୀମା ସାହୁ, ପଲ୍ଲବୀ ରାଉତ ଓ ଅଗ୍ନିଦୀପା ଷଡ଼ଙ୍ଗୀ, ମିଳିରାଣୀ ନାୟକ, ଯଜ୍ଞବ୍ରତ ପ୍ରଧାନ, ସୁରେନ୍ଦ୍ର ତରାଇ, ପ୍ରମୋଦ ନାୟକ ଉପସ୍ଥିତ ଥିଲେ।

# ସବୁଠି ଉଡ଼ିଲା ତ୍ରିରଙ୍ଗା, ମନରେ ଭରିଲା ଦେଶାତ୍ମବୋଧ

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ)

ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଗଜପତି ରାମଚନ୍ଦ୍ର ଦେବ ବିଦ୍ୟାନିକେତନ ଓ ମହାରାଜା କ୍ଲବ ଆନୁକୂଲ୍ୟରେ ପଞ୍ଚପାଇକ ପୀଠରେ ପତାକା ଉତ୍ତୋଳନ କରାଯାଇଥିଲା। ଗୋପାଳକୃଷ୍ଣ ଦାସ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ସାମ୍ବାଦିକ ଭବନରେ ଜିଲା ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ଉତ୍ସବରେ କର୍ଣ୍ଣେଲ ଅରୁଣ କୁମାର ରାଉତରାୟ, ଓୟୁଜେରେ ଜିଲା ସଭାପତି ତପନ କୁମାର ନାୟକ, ଓୟୁଡବ୍ଲୁଜେରେ ପ୍ରକାଶ ହାତୀ, ଉତ୍କଳ ସାମ୍ବାଦିକ ସଂଘର ଅବ୍ୟକ୍ତ ହରିହର ଖାଡଙ୍ଗା, କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ସମ୍ପାଦକ ଦିଲୀପ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପୌରାଞ୍ଚଳରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ କିଶୋର କୁମାର ପଣ୍ଡା, ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଅମ୍ରିତ ରତୁରାଜ, ଏସ୍‌ପି କାର୍ଯ୍ୟାଳୟରେ ଏସ୍‌ପି ସାଗରିକା ନାଥଙ୍କ ସମେତ ସମସ୍ତ ସରକାରୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ, ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନ ପକ୍ଷରୁ ପତାକା ଉତ୍ତୋଳନ କରାଯାଇଛି। ସେହିପରି ଖୋର୍ଦ୍ଧା ସାହିତ୍ୟ ସଂସଦରେ ଶିକ୍ଷାବିତ୍ ଡ. ନିରଞ୍ଜନ ମହାନ୍ତି, କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ସଭାପତି ଭୀମସେନ ପ୍ରଧାନ ପତାକା ଉତ୍ତୋଳନ କରିଥିବାବେଳେ ସଦସ୍ୟମାନେ ଯୋଗଦେଇ ସ୍ୱାଧୀନତା ଆମର ଜନ୍ମସିଦ୍ଧ ଅଧିକାର, ଏହାକୁ ଅକ୍ଷୁଣ୍ଣ ରଖିବା ଆମ ଦାୟିତ୍ୱ ବୋଲି ସଂକଳ୍ପ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଦେବପ୍ରସାଦ ମଜୁମ୍‌ଦାର ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଦେଶାତ୍ମବୋଧ କବିତା ଆସର ଆୟୋଜନ କରାଯାଇଥିଲା। ଖୋର୍ଦ୍ଧା ଭାଲିଆବାଡ଼ି ବିକାଶ ନଗର ନାଗରିକ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଫକୀର ଚରଣ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ମନ୍ମଥ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି କୋଣାର୍କ ନଗର ଲେନ୍ ୨ ନାରୀ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ଉତ୍ସବରେ ବରିଷ୍ଠ ଆଇନଜୀବୀ ଶିଶିର କୁମାର ପରିଡ଼ା ପତାକା ଉତ୍ତୋଳନ କରିଥିଲେ। ବିକାଶର ସ୍ରୋତରେ ମହିଳାଙ୍କୁ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ।



ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଉଛି।

**ଧରିତ୍ରୀ କାର୍ଯ୍ୟାଳୟ:** ଖୋର୍ଦ୍ଧା ଧରିତ୍ରୀ ର୍କ୍ୟାଳୟ ପରିସରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମା' ବରୁଣେଇ ଖବରକାଗଜ ବିତରକ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବରିଷ୍ଠ ବିତରକ ପ୍ରେମ ବାହାଦୁର ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ଶହୀଦ, ମହାପୁରୁଷ, ବରପୁତ୍ରଙ୍କୁ ଯଥୋଚିତ ସମ୍ମାନ ସହ ଦେଶର ପ୍ରଗତିରେ ସହାୟକ ହେବାକୁ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀ ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ, ଶ୍ୟାମସୁନ୍ଦର ବେହେରା, ହେମନ୍ତ ବେହେରା, ଅଜିତ ଭୋଇ, ଜିତେନ୍ଦ୍ର ବେହେରା, ଦୀପକ ସାମନ୍ତରାୟ, ସୁମନ୍ତ ସାହୁ, ଡମ୍ବରୁଧର ନାୟକ, ତ୍ରିଲୋଚନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବେଗୁନିଆ

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ୭୯ତମ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ତହସିଲଦାର ତାପସ ବିଶିଙ୍କ ଆବାହକ୍ ଓ ଶିକ୍ଷାବିତ ତଥା ବରିଷ୍ଠ ଖବରଦାତା ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ବିଡିଓ ସନ୍ତୋଷ କୁମାର ଜେନା, ଏବିଇଓ କୈଳାସ ଚନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ଓ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଓ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ପୋଡ଼ାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନର ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠାନର ସଭାପତି ପର୍ଶୁରାମ ମିଶ୍ର ଶର୍ମା ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। କାର୍ଯ୍ୟକ୍ରମ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟାମାନେ ଉପସ୍ଥିତ ରହିଥିଲେ। କଣ୍ଟାବାଡ଼ ଗ୍ରାମସ୍ଥିତ ସରସତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମନ ରଞ୍ଜନ ପଣ୍ଡାଙ୍କ ଆବାହକତ୍ୱରେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ପାଗ ସଭାପତି କୁଳମଣି ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ପରିଚାଳନା କରିଥିଲେ। ଥାନା କାର୍ଯ୍ୟାଳୟରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଓ ବାଘମାରୀ ଥାନା କାର୍ଯ୍ୟାଳୟ ଅଧିକାରୀ ଶମ୍ଭୁନାଥ ନାୟକ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଅବକାରୀ ଥାନାରେ ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧି ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଟିପି ସିଓଡିଏଲ ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଅଧିକାରୀ ଗୌରାଙ୍ଗଚରଣ ମଣ୍ଡଳ ପତାକା ଉତ୍ତୋଳନ କରିବା ସହ ବୃକ୍ଷ ରୋପଣ କରିଥିଲେ। ଗୋବିନ୍ଦପୁର ପଞ୍ଚାୟତ ପରିଛଳ ସ୍ଥିତ ଅନ୍ତର୍ଜାତୀୟ ମାନବାଧିକାର ସଂସ୍ଥାର ରାଷ୍ଟ୍ରୀୟ ସଂଯୋଜକ ଅବିନାଶ ସାମନ୍ତରାୟଙ୍କ ଆବାହକତ୍ୱରେ ଯୁଥ କ୍ଲବ ପକ୍ଷରୁ ଉପଦେଷ୍ଟା ଜିତେନ୍ଦ୍ର କୁମାର ପାହାଡସିଂହ ପତାକା ଉତ୍ତୋଳନ କରିଥିଲେ।




ବେଗୁନିଆରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ।



ଜଟଣୀଠାରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଅନୁଷ୍ଠିତ ପରେଡ୍।

## ଜଟଣୀ

ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ଓ ଗ୍ରାମାଞ୍ଚଳରେ ଧୁମାଧାମରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସହର ଓ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସରକାରୀ, ବେସରକାରୀ ସ୍କୁଲ, କଲେଜ, କୋଚିଂ ସେଣ୍ଟର ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଜଟଣୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଜଟଣୀ ୟୁଥ ଫେଡେରେଶନ" ପକ୍ଷରୁ ସ୍ଥାନୀୟ ଥାନା ଛକଠାରେ ଜଟଣୀ ବିଧାୟକ ବିଭୂତିଭୂଷଣ ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ପ୍ରେସ କ୍ଲବ ଜଟଣୀ ପକ୍ଷରୁ ରାମଚନ୍ଦ୍ରପୁର ବଜାରସ୍ଥ ସ୍ଥାନୀୟ କାର୍ଯ୍ୟାଳୟରେ ବହୁ ଖବରଦାତା ଯୋଗଦେଇ ଦେଶ ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ଜଟଣୀ ପୋଲିସ ଷ୍ଟେଶନ, ଜଟଣୀ ପୌର ପରିଷଦ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ, ନାଇଜର ଭୁବନେଶ୍ୱର, ଆଇଆଇଟି, ଭୁବନେଶ୍ୱର, ଭାରତୀୟ ତୈଳ ନିଗମ ଭୁବନେଶ୍ୱର ଡିପୋ, ହିନ୍ଦୁସ୍ଥାନ ପେଟ୍ରୋଲିୟମ ଡିପୋ, ଜଟଣୀ ବ୍ଲକ କାର୍ଯ୍ୟାଳୟ, ଜଟଣୀ ମହାବିଦ୍ୟାଳୟ, ଜଟଣୀ ଜଏସି କୋର୍ଟ, ଜଟଣୀ ବାର ଆସୋସିଏଶନ, ଜଟଣୀ ଲୟର୍ସ ଆସୋସିଏଶନ, ସର୍ବଭାରତୀୟ ଅବସର ପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ଖୋର୍ଦ୍ଧାରୋଡ ଶାଖା କାର୍ଯ୍ୟାଳୟ, ଆଶା ପ୍ଲେ ସ୍କୁଲ, ମ୍ୟୁନିସିପାଲିଟି ସଫେଇ ମଜଦୁର ସଂଘ,ଖୋର୍ଦ୍ଧାରୋଡ ରେଲୱେ ଶ୍ରମିକ କଂଗ୍ରେସ, ଶ୍ରମିକ ୟୁନିଅନ, ଅଟୋ ଚାଳକ ସଂଘ, ଟ୍ରକ ମାଲିକ ସଂଘ ପରିସରରେ ସ୍ୱାଧୀନତା ଦିବସ ପାଳନ ହୋଇଥିଲା। ସେହିପରି ପୂର୍ବତଟ ରେଳପଥ ଖୋର୍ଦ୍ଧାରଡ୍ ରେଳ ମଣ୍ଡଳ ପକ୍ଷରୁ ମଣ୍ଡଳସ୍ତରୀୟ ସ୍ୱାଧୀନତା ସମାରୋହ ପାଳନ କରାଯାଇଥିଲା।

## ଟାଙ୍ଗୀ

ଟାଙ୍ଗୀ,(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସଦର ମହକୁମା ସହ ଅଞ୍ଚଳର ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବିଭିନ୍ନ ସଙ୍ଗଠନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟରେ ଚେୟାରମ୍ୟାନ ରିସ୍ମା ମାନ୍ଧାତା ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ନିଷ୍ଠା ମହାପାତ୍ର, ବଳରାମ ଦେବ ବିଦ୍ୟାପୀଠରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ଟାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, ଦୁର୍ଗା ଚରଣ ଚିଲିକା ମହାବିଦ୍ୟାଳୟରେ ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥି ପତାକା ଉତ୍ତୋଳନ କରିଥିଲେ। ସେହିପରି କଳିଙ୍ଗ ବୈଶ୍ୟ ମହିଳା ସଂଗଠନରେ ଡାକ୍ତର ମଧୁସୂଦନ ସେନାପତି, ଟାଙ୍ଗୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କିଶୋର କୁମାର ବେହେରା, ଷ୍ଟେଟ ବ୍ରିଗେଡ ସ୍କୁଲରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ସତ୍ୟସାଇ ବିଦ୍ୟା ମନ୍ଦିରରେ ଖାଉଟି ଅଦାଲତ ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, କୁହୁଡି ପୂର୍ବତନ ସେନାନୀ ସଂଘରେ ସଭାପତି ଶ୍ରୀବସ୍ତ ବୈରିଗଞ୍ଜନ, ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ପ୍ରସାଦ ଧଳ, ଅବସରପ୍ରାପ୍ତ କର୍ମଚାରୀ ସଂଘରେ ସଭାପତି ପଦ୍ମନାଭ ବିଶ୍ୱାଳ, ଟାଙ୍ଗୀ ସାମ୍ବାଦିକ ସଂଘରେ ଉପଦେଷ୍ଟା ଭାଗୀରଥି ଛୋଟରାୟ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

## ବାଣପୁର

ବାଣପୁର,(ଦିଲୀପ କୁମାର ସ୍ୱାଇଁ ): ବାଣପୁରର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବାଣପୁର ବିଚାରବିଭାଗୀୟ ଅଦାଲତ ପରିସରରେ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ କନିଷ୍ଠ ଦେୱାନୀ ବିଚାରପତି ଈପ୍ସିତା ପ୍ରିୟା ଇକ୍କା, ଓକିଲ ସଂଘର ସଭାପତି ବୃନ୍ଦାବନ ପ୍ରଧାନ, ସମ୍ପାଦକ ଜଗଦୀଶ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ଏବଂ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଗୋଦାବରୀଶ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଏସ୍‌ପିଏନ୍‌ଏସ୍ ବର୍ମା ଏବଂ ଥାନା ପରିସରରେ ଥାନାଧିକାରୀ ରମେଶ କୁମାର ଦେବତା ପ୍ରମୁଖ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ସ୍ମୃତି ଚାରଣ କରିଥିଲେ। ସେହିଭଳି ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗମ୍ଭାରୀମୁଣ୍ଡା ମହାବିଦ୍ୟାଳୟ, ଗୋଦାବରୀଶ ବିଦ୍ୟାପୀଠ, ବାଳକ ଉଚ୍ଚବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଏଡୁକେୟାର, ମା' ଭଗବତୀ ଦକ୍ଷେଶ୍ୱର ଦେବୋତ୍ତର କାର୍ଯ୍ୟାଳୟ, ବାଣିଜ୍ୟ ଏବଂ ଦ୍ରବ୍ୟ ଓ ସେବା କର କାର୍ଯ୍ୟାଳୟ, ସାମ୍ବାଦିକ ଭବନ, ମହିଳା ସଂଗଠନ ଓ ନେହେରୁ ସେବା ସଂଘ, ଉପକାରାଗାର, ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର-ବାଲୁଗାଁ ଶାଖା ସମେତ ସମସ୍ତ ଶିକ୍ଷା ଅନୁଷ୍ଠାନ, ତହସିଲ, ଟେଲିଫୋନ ଏକ୍ସଚେଞ୍ଜ ପ୍ରଭୃତି ସରକାରୀ ଓ ଘରୋଇ ଅନୁଷ୍ଠାନଗୁଡ଼ିକରେ ବିଭାଗୀୟ ମୁଖ୍ୟ ପତାକା ଉତ୍ତୋଳନ କରିଥିଲେ।

## ଯାଁଳା

ଯାଁଳା (ବୁଲା ବାରିକ) : ଯାଁଳା ଓ ଏହାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯାଁଳା, ଗଙ୍ଗପଡା, ଅଙ୍ଗାରପଡା, ମଦନପୁର, ନଁପୁଟ, ଛତାବର ଆଦି ପଞ୍ଚାୟତରେ ସରପଞ୍ଚମାନେ ପତାକା ଉତ୍ତୋଳନ କରିଥିଲେ। ସେହିଭଳି ସମସ୍ତ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନରେ ସକାଳୁ ଛାତ୍ରୀଛାତ୍ରମାନେ ପ୍ରଭାତ ଫେରି କରିବା ପରେ ସ୍ୱାଧୀନତା ଦିବସ ପାଳିତ କରିଥିଲେ। ସେହିଭଳି ଯାଁଳା ଶିଶୁବିକାଶ ବିଦାଳୟରେ ଖବରଦାତା ବୁଲାବାରିକ ସ୍ୱୟାଦୀ ସ୍ୱାଇଁ ଓ ପ୍ରଧାନ ଶିକ୍ଷକ ପତାକା ଉତ୍ତୋଳନ କରିଥିବା ବେଳେ ଉତ୍ତର ମୁଣ୍ଡମୁହାଣ ଅଙ୍ଗନୱାଡି କେନ୍ଦ୍ର ୧ର କୁନିକୁନି ପିଲାମାନେ ନୂଆ ପୋଷାକ ପିନ୍ଧି ଜାତୀୟ ପତାକା ଧରି କର୍ମୀ କଳ୍ପନା ଦାସଙ୍କ ସହିତ ସ୍ଲୋଗାନ ଦେଇଥିଲେ। ମୁଣ୍ଡମୁହାଣ ଭଲିବଲ କ୍ଲବ ପକ୍ଷରୁ ମଧ୍ୟ ହର ଘର ତ୍ରିରଙ୍ଗା ଯାତ୍ରା ସହ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସେହିଭଳି ଇଣ୍ଡୋଭ୍ୟାଲି ଥାନା, ଯାଁଳା ପ୍ରାଥମିକ ଚିକିତ୍ସାଳୟ, ପଶୁ ଚିକିତ୍ସାଳୟ, ପୋଷ୍ଟ ଅଫିସ ଆଦି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ସବୁ ଅନୁଷ୍ଠାନରେ ସ୍ଥାନୀୟ ନେତା, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଭାରତ ସ୍ୱାଧୀନତା ପାଇଁ ପ୍ରାଣବଳୀ ଦେଇଥିବା ମହାନ ଜନନାୟକମାନଙ୍କ ସ୍ମୃତି ଚାରଣ କରିଥିଲେ।

## ବୋଲଗଡ଼

ବୋଲଗଡ଼,(ଦେବବ୍ରତ ହୋତା): ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପରମାନନ୍ଦ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ବାମନ ଉଚ୍ଚ ବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ, ଜେଆରସି, ହରିପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍କାଉଟ୍ସ ଗାଇଡ୍ସ, ବୋଲଗଡ଼ ସରକାରୀ ଉଚ୍ଚବିଦ୍ୟାଳୟ ଓ ଅନ୍ୟାନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ମୁଖ୍ୟଅତିଥି ବିଧାୟକଙ୍କୁ ଅଭିବାଦନ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଭାରାପ୍ରାପ୍ତ ବିଡିଓ ତହସିଲଦାର ବିଜୟ କୁମାର ସେଠୀ, ପ୍ରଧାନଶିକ୍ଷୟିତ୍ରୀ ଯାଜ୍ଞସେନି ସାହୁ, ପୀତବାସ ଲେଙ୍କା, ଏବିଡିଓ ରତିକାନ୍ତ ମିଶ୍ର, ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ସମିତିସଭ୍ୟା ନିର୍ମଳା ପ୍ରଧାନ, ସରପଞ୍ଚ ଗୀତାଞ୍ଜଳି ସାହୁଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ପିଚୁକୁଳିସ୍ଥିତ ଆଦର୍ଶ ବିଦ୍ୟାଳୟରେ ବିଧାୟକ ପ୍ରଦୀପ ସାହୁ ପତାକା ଉତ୍ତୋଳନ କରିଥିଲେ। ସେହିପରି ବୋଲଗଡ଼ ବାସଷ୍ଟାଣ୍ଡସ୍ଥିତ ବଣିକ ମହାସଂଘ କାର୍ଯ୍ୟାଳୟ ପରିସରରେ ୭ଟି ବଣିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମହାସଂଘ ସଭାପତି ପାଣ୍ଡବ ସାହୁଙ୍କ ତତ୍ତ୍ୱାବଧାନରେ ଆଇଆଇସି ସ୍ନିଗ୍ଧାମୟୀ ବରାଳ ଜାତୀୟପତାକା ଉତ୍ତୋଳନ କରିଥିଲେ। ଅନୁରୂପ ଭାବେ ବ୍ଲକ, ତହସିଲ କାର୍ଯ୍ୟାଳୟ, ଥାନା, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ସବରେଜିଷ୍ଟ୍ରାର କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସେବା ସମବାୟ ସମିତି, ନାରାୟଣ ସେବା କେନ୍ଦ୍ର (ବାପୁକୁଟୀ), ଜଙ୍ଗଲ ଓ ପରିବେଶ ବିଭାଗ, ଗୋପବନ୍ଧୁ ଛକ, ଡାକ ଓ ତାର ବିଭାଗ, ପଞ୍ଚାୟତ, ବିଇଓ କାର୍ଯ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଜାଭିୟର ସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ଅଟୋ ଟାକ୍ସି ଷ୍ଟାଣ୍ଡ ସମେତ ପ୍ରାୟ ପ୍ରତ୍ୟେକ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।




ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଧାୟକ ପତାକା ଉତ୍ତୋଳନ କରୁଛନ୍ତି।

# ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ହତ୍ୟା, ଜଣେ ଗିରଫ

## ୨ ନାବାଳକ ଅଟକ, ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା, ସ୍କୁଟି ଜବତ

ଜଟଣୀ,୧୬।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଞ୍ଚଳର ଆର୍‌ଏମ୍‌ସି ପରିସରରେ ଥିବା ହନୁମାନ ମନ୍ଦିର ରାସ୍ତାରେ ଶୁକ୍ରବାର ଅପରାହ୍ନରେ ସ୍ମୃତିରଞ୍ଜନ ନାୟକ(୧୯) ନାମକ ଜଣେ ଯୁବକଙ୍କୁ ମାରି ପକାଇ ଦେଇଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ଘଟଣାସ୍ଥଳରେ ଜଟଣୀ ପୋଲିସ ପହଞ୍ଚି କ୍ଷତବିକ୍ଷତ ଅବସ୍ଥାରେ ମୃତଦେହ ଜବତ କରି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଶନିବାର ଜଟଣୀ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୨ ନାବାଳକଙ୍କୁ ଜେଜେପିରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଜଟଣୀ ଥାନା ଅଧୀନ ବାଛରା ଗ୍ରାମ ତଳସାହିର ଶୁଭରଞ୍ଜନ ବାରିକ ଓରଫ ପେଣ୍ଟୁ (୧୯) ଏବଂ ୨ ଜଣ ନାବାଳକ। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଲୁହା ଖଣ୍ଡା, ୩ଟି ମୋବାଇଲ ଫୋନ ଏବଂ ଏକ ସ୍କୁଟିକୁ ଜବତ କରିଛି। ଏନେଇ ଜଟଣୀ ଥାନାରେ ଏକ ମାମଲା (ନଂ.୩୮୩/୨୫) ରୁଜୁ ହୋଇଛି। ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ଅନୁସାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୧.୩୦ ସମୟରେ ସ୍ମୃତିରଞ୍ଜନଙ୍କୁ ପେଣ୍ଟୁ ବାହାରକୁ ଡାକିଥିଲେ। ୩ଟା ବେଳେ ସ୍ମୃତିରଞ୍ଜନଙ୍କୁ ପେଣ୍ଟୁ ଏବଂ ତାଙ୍କ ୨ ନାବାଳକ ସାଥି ସ୍ଥାନୀୟ ଗୋରୁ ହାଟ ହନୁମାନ ମନ୍ଦିର ନିକଟରେ ଆକ୍ରମଣ କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ମୃତିରଞ୍ଜନଙ୍କ ଶରୀରରେ ଏକାଧିକ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ଘଟଣାର କିଛି ସମୟ ପୂର୍ବରୁ ମୃତକଙ୍କ ବଡ଼ ଭାଇ ପ୍ରୀତିରଞ୍ଜନ ନାୟକ ପେଣ୍ଟୁ ସହିତ ମୃତ ସାନ ଭାଇଙ୍କୁ ଦେଖିଥିଲେ। ତେଣୁ ଉପରୋକ୍ତ ଅଭିଯୁକ୍ତଙ୍କ ପ୍ରତି ସନ୍ଦେହ ଦୃଢ଼ ହୋଇଥିଲା ଏବଂ ଜଟଣୀ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରି ୩ଜଣଙ୍କୁ ଥାନାରେ ଅଟକ ରଖିଥିଲା। ତଦନ୍ତରୁ ଜାଣିବାକୁ ମିଳିଛି, ଜଟଣୀ ଥାନା ଅଧୀନ ଗୋଡା ଧର୍ମସାଗରର ସ୍ମୃତିରଞ୍ଜନ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟଗ୍ରାମରେ ଜଣେ ଝିଅ ସହିତ ସମ୍ପର୍କ ରଖିଥିଲେ। ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ନାବାଳକ ମଧ୍ୟ ଇନଷ୍ଟାଗ୍ରାମ ମାଧ୍ୟମରେ ସେହି ଝିଅ ସମ୍ପର୍କରେ ଆସିଥିଲେ ଏବଂ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଫଳରେ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ଘଟଣାଦିନ ସ୍ମୃତିରଞ୍ଜନଙ୍କୁ ଗୋରୁ ହାଟକୁ ଡାକିଥିଲେ। ନାବାଳକ ଆକ୍ରମଣକାରୀ ପୂର୍ବରୁ ଖଣ୍ଡା ଧରି ରହିଥିଲେ। ପେଣ୍ଟୁ ଏବଂ ଅନ୍ୟଜଣେ ନାବାଳକଙ୍କ ସହିତ ସ୍କୁଟିରେ ଘଟଣା ସ୍ଥଳକୁ ଯାଇଥିଲେ। ଝଗଡା ପରେ ଅଭିଯୁକ୍ତ ନାବାଳକ ମୃତକଙ୍କ ଉପରେ ଲଗାତାର ଖଣ୍ଡାରେ ଆକ୍ରମଣ କରିଥିଲେ।

# ଭୂଷଣ୍ଡପୁର ଷ୍ଟେଶନରେ ରହଣି ହେଲା ହୀରାଖଣ୍ଡ ଏକ୍ସପ୍ରେସ୍

ଟାଙ୍ଗୀ/ ନିରାକାରପୁର,୧୬।୮ (ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ରୋଡ଼ ରେଳ ଡିଭିଜନ ଅନ୍ତର୍ଗତ ଭୂଷଣ୍ଡପୁର ରେଳ ଷ୍ଟେଶନରେ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ଶୁକ୍ରବାର ସକାଳେ ଦୁଇ ମିନିଟ ପାଇଁ ରହଣି ହୋଇଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଦୀର୍ଘ ଦିନ ଧରି ଏହି ଟ୍ରେନ ରହଣି ପାଇଁ ଜନସାଧାରଣ ଦାବି କରି ଆସୁଥିଲେ। ସୂଚନାଯୋଗ୍ୟ, ଏହି ଷ୍ଟେଶନରେ ୮ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ରାଜ୍ୟର ପ୍ରସିଦ୍ଧ ତନ୍ତ୍ରପୀଠ ମା' ଉଗ୍ରତାରା ମନ୍ଦିରକୁ ଜନସାଧାରଣ ଏହି ଷ୍ଟେଶନରେ ନିର୍ଭରଶୀଳ ଥାଆନ୍ତି। ପୂର୍ବରୁ ଏଠାରେ ଷ୍ଟପେଜ ଥିଲା। କରୋନା ସମୟରେ ଏହି ଷ୍ଟପେଜକୁ ବାତିଲ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଅନୁରୋଧ କ୍ରମେ ଭାଜପା ନେତା ରଞ୍ଜନ ମଙ୍ଗରାଜ ଦିଲ୍ଲୀ ଯାଇ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ନେଇ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଷ୍ଟପେଜ ପାଇଁ ଅନୁରୋଧ କରିଥିଲେ। ଟ୍ରେନକୁ ସ୍ୱାଗତ କରିବା ପାଇଁ ସାନ ରାଉତପଡା ସରପଞ୍ଚ କିଶୋର କୁମାର ରାଉତରାୟ, ଭାଜପା ନେତା ମଙ୍ଗରାଜ, ଭୂଷଣ୍ଡପୁର ସରପଞ୍ଚ ସୈାରଭ ଦାଶ ମହାପାତ୍ର, ନୂଆଗଡ ସରପଞ୍ଚ ରଘୁନାଥ ମାଝୀ, ସମିତି ସଭ୍ୟ ରଘୁନାଥ ସାହୁ, ଗୀତାଞ୍ଜଳି ପାଟଶାଣି ପ୍ରମୁଖ ଉପସ୍ଥିତ ରହିଥିଲେ। ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହି ରେଳ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଭୂଷଣ୍ଡପୁର, ବାଲିପାଟପୁର, କନ୍ତଳବାଇ, ସାନରାଉତପଡା, ଉଜ୍ଜ୍ୱଳାଗୋପୀନାଥପୁର ଓ ନୂଆଗଡ ପଞ୍ଚାୟତର ବାସିନ୍ଦାମାନେ ଭୂଷଣ୍ଡପୁର ଷ୍ଟେଶନରୁ ରେଳ ଯୋଗେ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଦୈନନ୍ଦିନ ଯାତ୍ରୀ ବହୁ ସଂଖ୍ୟାରେ ଯାତାୟାତ କରନ୍ତି। ଏହି ରେଳଗାଡି ରହଣୀର ଯଥେଷ୍ଟ ଆବଶ୍ୟକତା ଥିଲା ତାହା ପୂରଣ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।



ଭୂଷଣ୍ଡପୁର ଷ୍ଟେଶନରେ ହୀରାଖଣ୍ଡ ଏକ୍ସପ୍ରେସର ରହଣି।

# କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ

ବାଲୁଗାଁ,୧୬।୮ (ସଂଗ୍ରାମ ପାଇକରାୟ)

ସ୍ୱାଧୀନତା ଦିବସ ଅବସରରେ ସ୍ଥାନୀୟ ଅଠରବାଟିଆ ସତ୍ୟନାରାୟଣ ଯୁବକ ସଂଘ ପକ୍ଷରୁ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ସ୍ଥାନୀୟ ଅଞ୍ଚଳର ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବାଲୁଗାଁ ଅଶୋକ ନଗରସ୍ଥିତ ବଣିକ ସଂଘ ସଭା ଗୃହରେ ସଂଘର ସଭାପତି ଦନେଇ ଜାଲିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅତିଥି ଭାବେ ରୋଟାରୀଆନ ରବି ନାରାୟଣ ପାଲ, କ୍ରୀଡା ପ୍ରଶିକ୍ଷକ, ବୈରାଗୀ ଚରଣ ବଳ, କରାଟେ ପ୍ରଶିକ୍ଷକ ଦୀପକ କୁମାର ସାମନ୍ତରା, ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ଅଞ୍ଚଳକୁ ଗୌରାବାନ୍ୱିତ କରିଥିବା ଖେଳାଳିଙ୍କ ପ୍ରତିବଦ୍ଧତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଜାତୀୟସ୍ତରରେ ସ୍ୱର୍ଣ୍ଣପଦକ, ରୌପ୍ୟ ପଦକ ଓ କାଂସ୍ୟ ପଦକ ବିଜେତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କରାଟେରେ ପଦକ ବିଜେତା କ୍ରିଷ୍ଣା ଶିକାରୀ, ସାଲୋନୀ ପାତ୍ର, ଦିବ୍ୟାଙ୍ଗନା ସାମନ୍ତରା, ଦୀପଶିଖା ସାମନ୍ତରାୟ, ଦ୍ୟାନସି ବଂଶୀ, ରୋହନ ସ୍ୱାଇଁ, ଆଦିତ୍ୟ ପ୍ରଧାନ, ଏମ ସାଇ ହେମକେଶ, ସ୍ରିକ ଜାଲି, କୃତୀଦୀପନ ବଳବନ୍ତରାୟ ଏବଂ ଜାତୀୟ ସ୍ତରରେ ଶକ୍ତି ଉତ୍ତୋଳନ କ୍ଷେତ୍ରରେ ସ୍ୱର୍ଣ୍ଣ ପଦକ ବିଜେତା ସୌମେନ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜାତୀୟ କବାଡି ପ୍ରତିଯୋଗିତାରେ ପଦକ ବିଜେତା ଆଦର୍ଶ ପ୍ରୀତମ ବେହେରା, ଅନ୍ୱେଷ ପ୍ରୀତମ ବେହେରା, ତାପସ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବକ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀମନ୍ଦିରରେ ନନ୍ଦୋତ୍ସବ ନୀତି ସମ୍ପନ୍ନ

ପୁରୀ, ୧୬।୮ (ଅଜିତ୍ କୁମାର ମହାନ୍ତି)

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି ଶୁକ୍ରବାର ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ନୀତି ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଶ୍ରୀମନ୍ଦିରରେ ନନ୍ଦୋତ୍ସବ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ମଙ୍ଗଳ ଆଳତି ଶେଷହେବା ପରେ ରାମକୃଷ୍ଣ ଓ ମଦନମୋହନ ଜଗମୋହନରେ ଥିବା ଦୋଳିକୁ ବିଜେ କରିଥିଲେ। ସକାଳ ଧୂପ ପରେ ପାଣିପକା ଭୋଗ ହୋଇଥିଲା। ପରେ ଶ୍ରୀବିଗ୍ରହମାନଙ୍କ ମଇଲମ ଯାତ୍ରାଙ୍ଗୀ ମହାସ୍ନାନ ହୋଇ ନୂଆଲୁଗା ଲାଗିହେବା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିବାଡ଼ରେ ସର୍ବାଙ୍ଗ କରିଥିଲେ। ପରେ ଠାକୁରମାନଙ୍କୁ ଛଅ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ଏହାପରେ ଦେବୀ ସୁଭଦ୍ରାଙ୍କୁ ଆଜ୍ଞାମାଳ ଖଣ୍ଡିଏ ଲାଗି କରାଇ କର୍ପୂର ଲାଗି କରାଯାଇଥିଲା। ସୁଭଦ୍ରା ଓ ଜଗନ୍ନାଥଙ୍କ ବାଡ଼ରେ ଷଷ୍ଠୀ ଓ ମାର୍କଣ୍ଡି ପୂଜା ସମ୍ପନ୍ନ ହୋଇଥିଲା। ଏହା ପରେ ମଧ୍ୟାହ୍ନ ଧୂପର ଛେକ ରୋଷ ଘରୁ ଘଣ୍ଟ, ଛତା ଓ କାହାଳୀ ସହ ତଲୁଛ ଓ ପ୍ରଧାନୀଙ୍କ ହାତ ପୈଠ କରି ଆଣିଥିଲେ। ମୁଦିରସ୍ତଙ୍କ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପୂଜା କରିଥିଲେ। ମଧ୍ୟାହ୍ନଧୂପ ହୋଇ ଧୋପଖାଳ ହେବାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଆସି ଜଗନ୍ନାଥଙ୍କ ବାଡ଼ ଓ ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳାର୍ପଣ କରି ତିନିବାଡ଼ରେ ବନ୍ଦାପନା କରିଥିଲେ। ଭଣ୍ଡାର ଘରୁ ଦୁର୍ଗା ମୂର୍ତ୍ତିଙ୍କୁ ପତି ମହାପାତ୍ର ବିଜେ କରିବା ପରେ ସୁଭଦ୍ରାଙ୍କ ଶ୍ରୀଅଙ୍ଗରୁ ପୂଜାପଣ୍ଡା ଆଜ୍ଞାମାଳ ପ୍ରଦାନ କରିଥିଲେ। ଦୁର୍ଗାଙ୍କୁ ଜଗମୋହନର ଦୋଳି ଆଗରେ ଖଟୁଲି ଉପରେ ବିଜେ କରାଯାଇଥିଲା। ଏଠାରେ ମହାସ୍ନାନ ଓ ଶୀତଳଭୋଗ ହେବା ପରେ ବନ୍ଦାପନା ହୋଇ ଦୁର୍ଗାଙ୍କୁ ସାତପାହଚ ଦ୍ୱାର ଠାରେ ଡମ୍ବରୁ ଉପରେ ବିଜେ କରାଯାଇଥିଲା। ଏଠାରେ ବିଜୁଳି କନ୍ୟାନୀତି ଅନୁଷ୍ଠିତ ହୋଇଥିଲା। ପରେ ଦେବୀଙ୍କର କର୍ପୂର ଆଳତି କରାଯାଇ ଭଣ୍ଡାରକୁ ବାହୁଡ଼ା ବିଜେ କରାଯାଇଥିଲା। ଦୋଳିରେ ବସିଥିବା ରାମକୃଷ୍ଣ ଓ ମଦନମୋହନଙ୍କୁ ଖଟ ଉପରେ ବିଜେ କରାଯାଇଥିଲା। ଏଠାରେ ମାଜଣା ଓ ମାଳଫୁଲ ଲାଗି ପରେ ଦିହିଁଙ୍କୁ ସାତପାହଚ ଦ୍ୱାରଠାରେ ପାଲିଙ୍କିରେ ବସାଇ ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ଥିବା ଖଟ ଉପରେ ବିଜେ କରାଯାଇଥିଲା। ପରେ ଭିତରଛୁ ମହାପାତ୍ର (ନନ୍ଦ ରାଜା) ଗୃପରେ ରାଜାଙ୍କ ନଅରକୁ ଯାଇ ଫେରିଆସି ସ୍ନାନ ମଣ୍ଡପରେ ବସିଥିଲେ। ଏହାପରେ ଲେଙ୍କା ଗୋଟିଏ ଦୁହାଁଳିଆ ଗାଈ ଲକ୍ଷ୍ମୀ ମନ୍ଦିର ପାଖକୁ ଆଣିଥିଲେ। ଭରତିଆ ଗୌଡ଼ ପୁତ୍ରଜନ୍ମ ସୁସମ୍ବାଦ ନନ୍ଦରାଜାଙ୍କୁ (ଭିତରଛୁଙ୍କୁ) ଦେଇଥିଲେ ଓ ନନ୍ଦରାଜାଙ୍କ ଲୁଗା ଫେରକୁ ଟାଣି ଟାଣି ଲକ୍ଷ୍ମୀଙ୍କ ମନ୍ଦିର ନିକଟକୁ ନେଇଥିଲେ। ସେଠାରେ ନନ୍ଦ ରାଜା ଗୋଦହନ କରି ରୂପା ପିଙ୍ଗଣରେ ଦୁଇ ଠାକୁରଙ୍କୁ ଦୁଧ ସମର୍ପଣ ଓ ପ୍ରସାଦ ଲାଗି କରାଇଥିଲେ। ପରେ ରାଶିକୋରା ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ନନ୍ଦରାଜା ପୁତ୍ରମାନଙ୍କୁ ଧରି ଜଗମୋହନର ଦୋଳରେ ବିଜେ କରାଇଥିଲେ। ପରେ ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣଘରକୁ ବାହୁଡ଼ାବିଜେ କରିଥିଲେ। ଏଥିସହ ନନ୍ଦୋତ୍ସବ ନୀତି ସମ୍ପନ୍ନ ହୋଇଥିଲା। ନୀତି ସମ୍ପନ୍ନ ହେବାପରେ ଠାକୁରମାନଙ୍କର ଅନ୍ୟାନ୍ୟ ନୀତି ବଢ଼ିଥିଲା।



ନନ୍ଦୋତ୍ସବ ଦେଖିବା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ଶ୍ରୀମନ୍ଦିର ଉପରକୁ ଚଢୁଥିବାବେଳେ ବ୍ୟକ୍ତିଙ୍କୁ ଧରିଲା ପୋଲିସ

ପୁରୀ, ୧୬।୮ (ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ଉପରକୁ ଚଢୁଥିବା ବ୍ୟକ୍ତି ପୋଲିସ ଦ୍ୱାରା ଅଟକ।

ଶ୍ରୀମନ୍ଦିର ସୁରକ୍ଷା ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଳ ମାଳ ସୁରକ୍ଷା ବଳୟକୁ ଭେଦ କରି ଜଣେ ବ୍ୟକ୍ତି ଶନିବାର ପୂର୍ବାହ୍ନରେ ଶ୍ରୀମନ୍ଦିର ଉପରକୁ ଚଢୁଥିବା ବେଳେ ଜେଟିପି ଓ ସେବାୟତ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଫଳରେ ଏକ ବଡ଼ ଅଘଟଣ ଏଡ଼ାଇ ଦିଆଯାଇଛି। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସିଂହଦ୍ୱାର ଥାନାରେ ଜିମା ଦିଆଯାଇଥିଲା। ପୋଲିସ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ବ୍ୟକ୍ତି ଜଣକ ରାଞ୍ଚି ଅଞ୍ଚଳର ପଞ୍ଚମ ମାହୋତ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ବେହେରଣ ଦ୍ୱାରପଟେ ପ୍ରାୟ ୫ଫୁଟ୍ ଉପରକୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଚଢ଼ି ସାରିଥିବା ବେଳେ ଜଗନ୍ନାଥ ଟେମ୍ପଲ୍ ପୋଲିସ ଓ ସେବାୟତଙ୍କ ନଜରରେ ପଡ଼ିଥିଲା। ପରେ ପୋଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ତଳକୁ ଆଣି ପଚରାଉଚରା କରିଥିଲା। ଶ୍ରୀମନ୍ଦିରରେ ଶନିବାର ନନ୍ଦ ଉତ୍ସବ ଥିବାରୁ ଭକ୍ତଙ୍କ ଭିଡ଼ ଥିବାବେଳେ ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳରୁ ଆସିଥିବା ଜଣେ ବ୍ୟକ୍ତି ଶ୍ରୀମନ୍ଦିର ବେହେରଣ ଦ୍ୱାର ନିକଟରେ ଶ୍ରୀମନ୍ଦିର ଉପରକୁ ଚଢୁଥିଲେ। ସେଠାରେ ଥିବା ପୋଲିସ କର୍ମଚାରୀ ଉକ୍ତ ଯୁବକଙ୍କୁ କାବୁ କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ଆଧାରକାର୍ଡ ସମେତ ବିଭିନ୍ନ ବିଷୟରେ ତଦନ୍ତ ଜାରି ରହିଛି। କେତେକ ପର୍ବପର୍ବାଣିରେ ଭିଡ଼ର ଫାଇଦା ଉଠାଇ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଶ୍ରୀମନ୍ଦିର ଉପରେ ଚଢ଼ିବା ପାଇଁ ଅନେକ ସମୟରେ ଉଦ୍ୟମ କରୁଛନ୍ତି। ହେଲେ ଶ୍ରୀମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବ୍ୟକ୍ତି ଜଣଙ୍କର ମାନସିକ ସ୍ଥିତି ଦୁର୍ବଳ ଥିବା ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ଶ୍ରୀ ମନ୍ଦିରରେ ଏପରି ଘଟଣା ପ୍ରଥମ ଥର ନୁହେଁ। ପୂର୍ବରୁ ମଧ୍ୟ ଏପରି ଘଟଣା ଦେଖିବାକୁ ମିଳିଛି। ଘଟଣାର ଅଧିକ ତଦନ୍ତ ପାଇଁ ପୋଲିସ ଛାନ୍‌ଭିନ୍ ଜାରି ରଖିଛି।

## ଆସ ସ୍କୁଲ ଯିବା ପାଇଁ ସ୍ୱତନ୍ତ୍ର ଅଭିଭାବକ ବୈଠକ

ପିପିଲି, ୧୬।୮ (ଦୁର୍ଗା ମାଧବ ମିଶ୍ର)

ଆସ ସ୍କୁଲ ଯିବା ଅଭିଯାନରେ ୫ରୁ ୧୮ ବର୍ଷ ସମସ୍ତ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସଚେତନତା ଉଦ୍ଦେଶ୍ୟରେ ଗୋବିନ୍ଦପୁର ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ (ଓସେପା)ର ଆଇ କୋର୍ଡିନେଟର ଅଶୋକ କୁମାର ମହାପାତ୍ର, ଆରଟିଇ କୋର୍ଡିନେଟର ଅଶୋକ ପଟ୍ଟନାୟକ ଯୋଗଦେଇ ସମୀକ୍ଷା କରିବା ସହ ସରକାରଙ୍କ ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଉକ୍ତ କ୍ଲଷ୍ଟର୍‌ର ସିଆର୍‌ସିସି ସୁନିତା ନାୟକ, ଗୋବର୍ଦ୍ଧନପୁର କ୍ଲଷ୍ଟର୍‌ର ସିଆର୍‌ସିସି ବଟକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ସରକାରଙ୍କ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ତେଣୁ ଅଧାରୁ ପାଠ ଛାଡିଥିବା, ଆଦୌ ନାମ ଲେଖାଇ ନ ଥିବା, ପଢୁଥିବା ପିଲା ଯେପରି ଅଧାରୁ ପାଠ ନ ଛାଡ଼ନ୍ତି ସେଥିପାଇଁ ଅଭିଭାବକମାନଙ୍କୁ ସଚେତନ କରାଇବା ସହ ଶପଥ ପାଠ କରାଯାଇଥିଲା ଏବଂ ସରକାରଙ୍କ ପ୍ରଦତ୍ତ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଏଥିପାଇଁ ପ୍ରଚାର ପ୍ରସାର, ପଦଯାତ୍ରା ଏବଂ ଶିକ୍ଷା ସଭା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶିକ୍ଷକ ସନ୍ତୋଷ କୁମାର ନାୟକ, ଚିନ୍ତାମଣି ଓଝା, ସସ୍ମିତା ମିଶ୍ର, ଉମେଶ ଚନ୍ଦ୍ର ନାୟକ, ସଞ୍ଜିବ ରଥ, ବାସନ୍ତୀ ତ୍ରିପାଠୀ, ସୁନାମଣି ଦେଇ, ବେବିରାଣୀ ବେହେରା, ମିନତି ଦାସ ସଭା ପରିଚାଳନାରେ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ଅଭିଭାବକ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।




ସ୍ୱାଧୀନତା ଦିବସ ଅବସରରେ ଜନଶିକ୍ଷଣ ସଂସ୍ଥାନର ଅନ୍ତେବାସୀମାନେ ବିଭିନ୍ନ ବାର୍ତ୍ତା ଦେଉଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଚନ୍ଦ୍ରଭାଗାକୁ ହରାଇ ନାଗପୁର ଚାମ୍ପିୟନ

କୋଣାର୍କ, ୧୬।୮ (ଜ୍ୟୋତିରାଜ ମହାନ୍ତି)

**ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ**

ସାମାଜିକ ସଂଗଠନ ଜନମଙ୍ଗଳ ଯୁବ ସଂଗଠନ ଓ କୋଣାର୍କ ସ୍ପୋର୍ଟିଂ ଏକାଡେମୀର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ଭଳି ଚଳିତବର୍ଷ ରାଜ୍ୟର ୪ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଉଦ୍‌ଘାଟନୀ ସମାରୋହରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଯୁବ ସାମାଜିକ କର୍ମୀ ବିଶ୍ୱଭୂଷଣ ଦାସ, ଯୁବ କାଉନ୍‌ସିଲର ସମୟ ରଞ୍ଜନ ସାହୁ, ନୀହାର ରଞ୍ଜନ ବେଉରା, ଜଗତ୍‌ସିଂହପୁର ଏମ୍‌ପିଙ୍କ କୋଣାର୍କ ଏନ୍‌ଏସି ପ୍ରତିନିଧି ମଙ୍ଗରାଜ ମୁଦୁଲି, ପୂର୍ବତନ କାଉନ୍‌ସିଲର ପ୍ରତାପ ଗୋଛାୟତ, ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱନାଥ ଖିଲାର, ଚମ୍ପାହର ଅଗ୍ନିଶମ ସେବାକେନ୍ଦ୍ରର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, ରାମଚଣ୍ଡୀ ଅଗ୍ନିଶମ ତାଲିମ କେନ୍ଦ୍ରର ଅଧକ୍ଷ ରଙ୍ଗାଧର ଆଚାର୍ଯ୍ୟ ଓ ଯୁବ ସାମାଜିକ କର୍ମୀ ଶତ୍ରୁଜିତ୍ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଜୟୀ ଚନ୍ଦ୍ରଭାଗା ଦଳକୁ ୫୦୦୦ ଟଙ୍କା ପୁରସ୍କାର ରାଶି ସହ ଚାମ୍ପିୟନ ଟ୍ରଫି ଓ ଉପବିଜେତା ନାଗପୁର ଦଳକୁ ୩୦୦୦ ଟଙ୍କା ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ ରେଫରି ଟୁନା ମିଶ୍ର ଓ ପ୍ରିୟରଞ୍ଜନ ସାହୁ ଖେଳ ପରିଚାଳନା କରୁଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ କାଉନସିଲର ରଞ୍ଜିତ ରାଉତରାୟ, ପଦ୍ମଚରଣ ବେଉରା, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ସଂଗ୍ରାମ କେଶରୀ ସାହୁ, ଶିଶିର କୁମାର ସେଠ୍, ପ୍ରଶନ୍ନ ମହାନ୍ତି, ସୁଜିତ ରାଉତରାୟ, ସ୍ୱାଧୀନ ନାୟକ, ବିପିନ ପରିଡ଼ା, ବିଶ୍ୱଜିତ୍ ରାଉତରାୟ, ରମେଶ ସ୍ୱାଇଁ, ଗିରିଜା ବେଉରା, ଜିତେନ୍ଦ୍ର ଗୋଛାୟତ, ପିଙ୍କନ ପ୍ରସାଦ ଜେନା, ସୁଶାନ୍ତ ଶେଖର ପାଢ଼ୀ, ନୀଳମଣି ମହାନ୍ତି, ରଶ୍ମିରଞ୍ଜନ ବିଶ୍ୱାଳ, ସମ୍ପାଦକ ରମାକାନ୍ତ ଖଟୋଇ ଓ ସଭାପତି ଚନ୍ଦ୍ରଶେଖର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ସଫଳତା ସହ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଚାମ୍ପିୟନ ଟ୍ରଫି ସହ ବିଜୟୀ ଦଳର ଖେଳାଳି ଓ ଅତିଥିମାନେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ: ପ୍ରଶାସନ ଏକାଦଶ ବିଜୟୀ

ପୁରୀ, ୧୬।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଗଣମାଧ୍ୟମ ଏକାଦଶ ଓ ପ୍ରଶାସନ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାସନ ଏକାଦଶ ବିଜୟୀ ହୋଇଛି। ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରେ ଆୟୋଜିତ ଏହି ମ୍ୟାଚ୍‌ରେ ଗଣମାଧ୍ୟମ ଏକାଦଶ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ୍ କରିଥିଲା। ଏହାର ଜବାବରେ ପ୍ରଶାସନ ଏକାଦଶ ବିନା କୌଣସି ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଜିଲା ପ୍ରଶାସନ ତରଫରୁ ରାକେଶ ରୋଶନ ୨୭ ବଲ୍ ଖେଳି ୫୪ ରନ୍ କରି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ହୋଇଥିବା ବେଳେ ପ୍ରଶାନ୍ତ ପାତ୍ର ୨୬ ବଲ୍‌ରେ ୨୮ ରନ କରି ୩ଟି ଉଇକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ ଏବଂ କିଟନ କୁମାର ଜେନା ବେଷ୍ଟ ବୋଲର୍ ହୋଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିବା ସହ ଶ୍ରେଷ୍ଠ ବୋଲର, ବ୍ୟାଟର୍ ଓ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଗଣମାଧ୍ୟମ ପ୍ରତିନିଧି ପ୍ରଦୀପ୍ତ କୁମାର ମହାନ୍ତି, ଅକ୍ଷୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ଚାମ୍ପିୟନ୍ ଟ୍ରଫି ସହ ପ୍ରଶାସନ ଏକାଦଶ।

## ଡ୍ରେନ୍ ସଫେଇ, ମଶାଧୂଆଁ ସ୍ପ୍ରେ କରିବାକୁ ଜାଗ୍ରତ ଯୁବଶକ୍ତି ପକ୍ଷରୁ ଦାବିପତ୍ର

ନିମାପଡ଼ା, ୧୬।୮ (ବିଚିତ୍ରାନନ୍ଦ ସାହୁ)

**ନିମାପଡ଼ା ଏନ୍‌ଏସିରେ ମହାମାରୀ, ଡେଙ୍ଗୁ ଆଶଙ୍କା**

ଚଳିତ ବର୍ଷାଋତୁରେ ନିମାପଡ଼ା ପୌର ପରିଷଦ ଅଞ୍ଚଳରେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବହୁଳ ଭାବେ ଦେଖାଦେଇଛି। ଏଥିଯୋଗୁ ପରିଷଦ ଅଞ୍ଚଳରେ ମହାମାରୀ ଓ ଡେଙ୍ଗୁ ହେବାର ଆଶଙ୍କା ଦେଖାଦେଇଛି। ଏସବୁର ବିହିତ ପ୍ରତିକାର ପାଇଁ ପୌରପରିଷଦ ଅଞ୍ଚଳରେ ଥିବା ସମସ୍ତ ଡ୍ରେନ୍‌କୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରାଯିବା, ଡ୍ରେନ୍‌ଗୁଡ଼ିକରେ କୀଟନାଶକ ରାସାୟନିକ ତୈଳ ପକାଯିବା, ପ୍ରତ୍ୟେକ ୱାର୍ଡର ସମସ୍ତ ସାହି, ବସ୍ତି, ଅଞ୍ଚଳରେ ବ୍ଲିଚିଂ ପାଉଡର ପକାଯିବା ସହ ମଶାଧୂଆଁ ସ୍ପ୍ରେ କରାଯିବା ଓ ମାଛ ମାର୍କେଟ, ପରିବା ମାର୍କେଟ ଅଞ୍ଚଳରେ ଜମି ରହୁଥିବା ବର୍ଷାଜଳକୁ ନିଷ୍କାସନ କରାଯିବା ସହ ବର୍ଜ୍ୟବସ୍ତୁ ପରିଷ୍କାର କରାଯିବାକୁ ନିମାପଡ଼ାର ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗ୍ରତ ଯୁବଶକ୍ତି ଅନୁଷ୍ଠାନ ପକ୍ଷରୁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ଜାଗ୍ରତ ଯୁବଶକ୍ତି ଅନୁଷ୍ଠାନର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ଦେବାଶିଷ ଦାଶ, ବିଶ୍ୱଜିତ୍ ବେହେରା, ଦଣ୍ଡପାଣି ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ।



ଜାଗ୍ରତ ଯୁବଶକ୍ତିର କର୍ମକର୍ତ୍ତାମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଅଦିନିଆ ରଥଯାତ୍ରା: ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ, ୧୬।୮ (ଅଜିତ କୁମାର ମହାନ୍ତି)

ଇସ୍କନ ଆୟୋଜିତ ଅଦିନିଆ ରଥଯାତ୍ରା ବିରୋଧରେ ଆଉ ପାଦେ ଆଗେଇଲା ଶ୍ରୀମନ୍ଦିର ପ୍ରଶାସନ। ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ମତାମତ ନେଲା ଶ୍ରୀମନ୍ଦିର ପ୍ରଶାସନ। ଅଦିନିଆ ରଥଯାତ୍ରା ବିରୋଧରେ ଶ୍ରୀମନ୍ଦିର ପ୍ରଶାସନର ପୂର୍ଣ୍ଣାଙ୍ଗ ମତ ଇସ୍କନ ଗଭର୍ନିଂ ବଡିର ଅଧ୍ୟକ୍ଷଙ୍କୁ ଦିଆଯିବ। ଶଙ୍କରାଚାର୍ଯ୍ୟଙ୍କ ମତକୁ ଇଂରାଜୀରେ ସାରା ବିଶ୍ୱରେ ପ୍ରଚାର କରାଯିବ। ଅଦିନିଆ ରଥଯାତ୍ରାରେ ରୋକ୍ ପାଇଁ ଶ୍ରୀମନ୍ଦିର ପ୍ରଶାସନ ବର୍ତ୍ତମାନ ସୁଦ୍ଧା ନେଇଥିବା ସମସ୍ତ ପଦକ୍ଷେପକୁ ଶଙ୍କରାଚାର୍ଯ୍ୟଙ୍କ ସାମ୍ନାରେ ମହାରାଜା ଗଜପତି ଦିବ୍ୟସିଂହ ଦେବ ଉପସ୍ଥାପିତ କରିଛନ୍ତି। ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଅନ୍ୟ ସେବକମାନଙ୍କ ଉପସ୍ଥିତିରେ ଗଜପତି ଓ ଶଙ୍କରାଚାର୍ଯ୍ୟଙ୍କ ବିଚାର ବିମର୍ଶ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ଇସ୍କନ ରଥଯାତ୍ରା ବନ୍ଦ ପାଇଁ ବଡ଼ ପ୍ରୟାସ ଆରମ୍ଭ କରିଥିବା ନେଇ ଆଲୋଚନା ହେଉଛି।

## ରାଜସ୍ୱ ସଂଗ୍ରହ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ପୁରୀ, ୧୬।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ରାଜସ୍ୱ ବୈଠକ ଶନିବାର ପୂର୍ବାହ୍ନରେ ସର୍କିଟ ହାଉସ୍‌ଠାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଆଇନ ମୁତାବକ ବିଭିନ୍ନ ବିଭାଗର ରାଜସ୍ୱ ସଂଗ୍ରହକୁ ତ୍ୱରାନ୍ୱିତ କରିବା, ସରକାରୀ ସମ୍ପତ୍ତିର ସୁରକ୍ଷା କରିବା, ସାଧାରଣ ଲୋକଙ୍କୁ ନିର୍ଦ୍ଧାରିତ ସମୟ ଅବଧିରେ ସେମାନଙ୍କ ଆବଶ୍ୟକତା ଅନୁସାରେ ବିଭିନ୍ନ ସାର୍ଟିଫିକେଟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରାଜସ୍ୱ ସେବାକୁ ସହଜ କରିବା ଉଦ୍ଦେଶ୍ୟରେ ୧୦୮ ଜଣ ରାଜସ୍ୱ ନିରୀକ୍ଷକଙ୍କୁ ଜିଲାପାଳ ଲାପ୍‌ଟପ ପ୍ରଦାନ କରିଥିଲେ। ଏହି ଲାପ୍‌ଟପ ଦ୍ୱାରା ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ସହ ଲୋକମାନଙ୍କୁ ତ୍ୱରିତ ସେବା ପ୍ରଦାନରେ ସହାୟକ ହେବ ବୋଲି ଜିଲାପାଳ ପରିଡ଼ା ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଏଜେଣ୍ଡା ଅନୁସାରେ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସହଦେବ ସାହୁ, ଜିଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା, ସମସ୍ତ ତହସିଲଦାର, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଫଟୋରେ ଖବର



କୋଣାର୍କରେ ଅତିଥିମାନେ ଜାତୀୟ ସଙ୍ଗୀତ ଗାନ କରୁଛନ୍ତି।



ସାକ୍ଷୀଗୋପାଳରେ ଜାତୀୟ ପତାକା ଧରି ସ୍ଲୋଗାନ ଦେଉଛନ୍ତି।



ସ୍ୱାଧୀନତା ଦିବସ ଅବସରରେ ବରିଷ୍ଠ ବିଜେଡି ନେତା ଦିଲୀପ କୁମାର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ କରୁଛନ୍ତି।

**ପୋଖରୀରୁ ଯୁବକଙ୍କ ମୃତଦେହ ଜବତ**

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନନଗର ଥାନା ଅନ୍ତର୍ଗତ ବୋଧପୁର ପଞ୍ଚାୟତ ଅଫିସ ନିକଟରେ ଥିବା ଏକ ପୋଖରୀରୁ ଶନିବାର ଅଗ୍ନିଶମ ବିଭାଗ କର୍ମଚାରୀ ଜଣେ ଯୁବକଙ୍କ ମୃତଦେହ ଜବତ କରିଛନ୍ତି। ମୃତକ ଜଣକ ହେଲେ ଏହି ଗ୍ରାମର ମୁରଲୀ ଧର ରଥ। ମୃତ୍ୟୁର କାରଣ ଜଣାପଡ଼ି ନାହିଁ। କିଶନିନଗର ଥାନା ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

# 'କଟକ ଜିଲ୍ଲାରୁ ଆରମ୍ଭ ହେବ ସୁଭଦ୍ରା ପ୍ଲସ୍ ଯୋଜନା'

କଟକ,୧୬।୮(କାର୍ତ୍ତିକ ସାହୁ)

ସ୍ୱାଧୀନତାକୁ ସୁରକ୍ଷିତ ରଖିବା ଆମ୍ଭମାନଙ୍କର କର୍ତ୍ତବ୍ୟ। ଶାନ୍ତି, ମୈତ୍ରୀ ଓ ପ୍ରଗତିର ପ୍ରତୀକ କଟକ ସହର ବିକାଶ ପଥରେ ଅଗ୍ରସର ହେଉ। ଏହି ବିକାଶ ଯାତ୍ରାକୁ ଆହୁରି ବଳିଷ୍ଠ କରି କଟକକୁ ଦେଶରେ ତଥା ବିଶ୍ୱରେ ଏକ ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତେ ଶପଥ ନେବାକୁ ଆହ୍ୱାନ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

୭୯ତମ ସ୍ୱାଧୀନତା ଦିବସ ଅବସରରେ ବାରବାଟୀ ଷ୍ଟାଡିୟମଠାରେ ଶୁକ୍ରବାର ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରି କହିଛନ୍ତି, କଟକ ଜିଲାରେ ସୁଭଦ୍ରା ପ୍ଲସ୍ ନାମରେ ଯୋଜନା ଖୁବ ଶୀଘ୍ର ଲାଗୁ ହେବା ପାଇଁ ଯାଉଛି। ସମଗ୍ର ରାଜ୍ୟରେ ପ୍ରଥମ ଥର ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ଏହି ଯୋଜନା ଲାଗୁ କରାଯିବ। ଉଦ୍ୟୋଗୀ ମହିଳାମାନଙ୍କ ପାଇଁ ଆବଶ୍ୟକ ଯନ୍ତ୍ରପାତି, ସରଞ୍ଜାମ କ୍ରୟ ପାଇଁ ସୁଭଦ୍ରା ପ୍ଲସ ବେଶ ସହାୟକ ହୋଇପାରିବ। ମହିଳା ସମୂହଙ୍କୁ ଶକ୍ତିଶାଳୀ କରିବା, କୁଟୀର ଶିଳ୍ପକୁ ଅଗ୍ରାଧିକାର ଦେବା, ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର



ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଭିବାଦନ ଗ୍ରହଣ କରୁଛନ୍ତି, ନିକଟରେ ଅଛନ୍ତି ଜିଲାପାଳଙ୍କ ସହ ଅନ୍ୟମାନେ।

**ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ସମାରୋହ**

ଗୁଣାତ୍ମକ ମାନ ବୃଦ୍ଧି ସହ ବଜାର ଉପଲବ୍ଧ କରି ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଉପରେ ସେ ଜୋର୍ ଦେଇଛନ୍ତି। ସେହିପରି କଟକ ସହରର ମାତାମଠସ୍ଥିତ ସିଲଭର ସିଟି ବୋଟ କ୍ଲବର ବିକାଶ ଓ ଉନ୍ନତୀକରଣ ପାଇଁ ୫ କୋଟି ଟଙ୍କା ଓ ଭିତ୍ତିଭୂମି ବିକାଶ ନିମନ୍ତେ ୧୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ରୌପ୍ୟ ନଗରୀ କଟକର ଅନ୍ୟତମ ଐତିହ୍ୟ ତାରକସିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ନିମନ୍ତେ ରୌପ୍ୟ ତାରକସି ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଶିକ୍ଷା, ସଂସ୍କୃତି ଓ ବିକାଶ କ୍ଷେତ୍ରରେ ସମଗ୍ର ଓଡ଼ିଶାରେ କଟକ ସହର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି।

ସୂଚନାଯୋଗ୍ୟ, ଉପମୁଖ୍ୟମନ୍ତ୍ରୀ ପରିଡ଼ା ବାରବାଟୀ ଷ୍ଟାଡିୟମରେ ପହଞ୍ଚିବା ପରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସ୍ୱାଗତ ଜଣାଇ ଅଭିବାଦନ ମଞ୍ଚକୁ ପାଛୋଟି ନେଇଥିଲେ। ଉପମୁଖ୍ୟମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଚଳିତ ପରେଡରେ ୫୨ଟି ଟ୍ରୁପ ଅଂଶଗ୍ରହଣ କରିଥିଲେ। ପରେଡ କମାଣ୍ଡର ଭାବରେ ସହକାରୀ ପୋଲିସ କମିଶନର ବିଷ୍ଣୁ ପ୍ରସାଦ ମିଶ୍ର ପରେଡ ପରିଚାଳନା କରିଥିଲେ। ଉଲ୍ଲେଖନୀୟ ସେବା ନିମନ୍ତେ ଜିଲାର ଶ୍ରେଷ୍ଠ ଛାତ୍ରୀଛାତ୍ର, ଶିକ୍ଷକ, ପୋଲିସ, ଅଗ୍ନିଶମ ସେବା, ବନ ବିଭାଗ, ସ୍ୱଚ୍ଛତା କର୍ମଚାରୀ ଓ ଜନସେବାରେ ନିୟୋଜିତ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଜିଲା ସ୍ୱାସ୍ଥ୍ୟ ସମିତି ଓ କଟକ ମହାନଗର ନିଗମର ମିଳିତ ସହଯୋଗରେ ଜିଲା ପ୍ରଶାସନ ପକ୍ଷରୁ ବାରବାଟୀ ପ୍ୟାଲେସଠାରେ ଆୟୋଜିତ ରକ୍ତଦାନ ଶିବିରକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉପମୁଖ୍ୟମନ୍ତ୍ରୀ ପରିଡ଼ା ସର୍କିଟ ହାଉସଠାରେ ଚାରା ରୋପଣ କରିଥିଲେ। ବିଧାୟିକା ବାରବାଟୀ–କଟକ ଇଂ ସୋଫିଆ ଫିର୍ଦ୍ଦୋସଙ୍କ ସମେତ ଅତିରିକ୍ତ ଜିଲାପାଳ ଶିବ ଟପୋ, ଡ. ଦିବ୍ୟଲୋଚନ ମହନ୍ତ, ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲାପାଳ ଦିବ୍ୟ ଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯାଇଥିଲା।

## ନବବଧୂ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଖୁଣ୍ଟୁଣୀ,୧୬।୮(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ସୁନିଆଁମୁହଁ ଗ୍ରାମରେ ଜଣେ ନବବିବାହିତ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଧର୍ମର ଭାଇ ଭାଉଜ ମିଶି ହତ୍ୟା କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ହତ୍ୟା ଅଭିଯୋଗରେ ଏକ ମାମଲା (ନଂ.୧୫୬/୨୫) ରୁଜୁ କରି ସ୍ୱାମୀ ବିଶ୍ୱନାଥ ବେହେରାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ଆଇଆଇସି ତପନ କୁମାର ପତ୍ରି କହିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ କଟକ ଜିଲା ଜୁଡୁମ ଥାନା ଚକ୍ର ପ୍ରସାଦ ଗ୍ରାମର ରଶ୍ମିତାଙ୍କୁ ଗତ ଜୁନ ୬ ତାରିଖରେ ନୟାଗଡ଼ ଜିଲା ଫତେଗଡ଼ ଥାନା ହନୁମନ୍ତ ପ୍ରସାଦ ଗ୍ରାମର ବିଶ୍ୱନାଥ ବେହେରାଙ୍କୁ ବିବାହ କରିଥିଲେ। ବିବାହ ପରେ ବିଶ୍ୱନାଥ ସୁନିଆମୁହଁଠାରେ ତାଙ୍କ ଜଣେ ସମ୍ପର୍କୀୟ ଭାଇ ଭାଉଜଙ୍କ ଘରେ ରହୁଥିଲେ। ବିବାହ ପରେ ତାଙ୍କ ଝିଅ ରଶ୍ମିତା ସହିତ ମା' ଶାନ୍ତିଲତା କଥା ହେବା ପାଇଁ ଝିଅକୁ ଫୋନ କଲେ ସେ ଫୋନ ଉଠାଉ ନ ଥିଲା। ତାଙ୍କ ଫୋନ ତା ପାଖରେ ରହୁ ନ ଥିବାରୁ ସେ ମା' ସହିତ କଥା ହୁଏ ନାହିଁ ଓ କେବଳ ସ୍ୱାମୀ ଉପସ୍ଥିତିରେ କଥା ହୁଏ ବୋଲି ରଶ୍ମିତାଙ୍କ ମା' ଶାନ୍ତିଲତା ଅଭିଯୋଗରେ ଦର୍ଶାଇଛନ୍ତି। ଝିଅ ବାହାଘର ପରଠାରୁ ବାପଘରକୁ ଯାଇ ନ ଥିବାରୁ ତାଙ୍କ ଘର ଲୋକେ ଝିଅକୁ ନେବା ପାଇଁ ବିଶ୍ୱନାଥଙ୍କ ସହିତ କଥା ହେଇଥିଲେ। ହେଲେ ବିଶ୍ୱନାଥ ତାଙ୍କ ଶାଶୁଙ୍କୁ ରଶ୍ମିତାଙ୍କ ଆଧାର କାର୍ଡ ମାଗିବାରୁ ମା' ଶାନ୍ତିଲତା ଆଧାର କାର୍ଡ କ'ଣ ହେବ ପଚାରିବାରୁ ତାଙ୍କ ଝିଅ ଆଉ ଏ ଦୁନିଆରେ ନାହିଁ ତାଙ୍କୁ ମେଡିକାଲ ନେଇଯାଇଛି ବୋଲି ବିଶ୍ୱନାଥ ଶାଶୁଙ୍କୁ କହିଥିଲେ। ପରେ ବାପଘର ଲୋକେ କଟକ ବଡ ମେଡିକାକୁ ଯାଇଥିବା ବେଳେ ସେଠାରେ ତାଙ୍କ ଝିଅ ମରି ପଡିଥିବା ଦେଖିବାକୁ ପାଇଥିଲେ। ମୃତ୍ୟୁ କିଭଳି ହେଲା ବୋଲି ପଚାରିବାରୁ ବିଶ୍ୱନାଥ ମୁଁ କିଛି ଜାଣି ନାହିଁ ବୋଲି କହିଥିଲେ। ସେଠାରୁ ଆସି ଶାନ୍ତିଲତା ଗୁରୁଡିଝାଟିଆ ଥାନାରେ ଏକ ଲିଖିତ ଏତଲାରେ ଜ୍ୱାଇଁ ବିଶ୍ୱନାଥ, ଧର୍ମ ଭାଇ କୁଲୁ ସ୍ୱାଇଁ ଓ ଭାଉଜ ପ୍ରଭାତୀ ସ୍ୱାଇଁ ତାଙ୍କ ଝିଅକୁ ମାରିଦେଇଥିବା ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ଆଇସିୟୁରେ ରୋଗୀ ସମ୍ପର୍କୀୟଙ୍କ ଉନ୍ମତ୍ତକାଣ୍ଡ

କଟକ,୧୬।୮(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ମେଡିସିନ ଆଇସିୟୁରେ ଜଣେ ରୋଗୀ ସମ୍ପର୍କୀୟଙ୍କ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାବେଳେ ଉକ୍ତ ବିଭାଗରେ ଡାକ୍ତରଙ୍କୁ ଜଣେ ବ୍ୟକ୍ତିଙ୍କ ସହ ଫୋନରେ କଥା କରାଇବାକୁ ଉଦ୍ୟମ କରିବାରୁ ରୋଗୀ ସମ୍ପର୍କୀୟ ଜଣଙ୍କୁ ଫାଣ୍ଡିରେ ଅଟକ ରଖାଯାଇଛି। ପରେ ତାଙ୍କୁ ଛାଡି ଦିଆଯାଇଥିବା ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ଢେଙ୍କାନାଳ ଅଞ୍ଚଳର ଜଣେ ରୋଗୀ ଗୁରୁତର ଅବସ୍ଥାରେ ଶନିବାର ଏସ୍‌ସିବିର ମେଡିସିନ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ରୋଗୀ ଜଣକ ବିଷୟରେ ଜନୈକ ବ୍ୟକ୍ତି ଡାକ୍ତରଙ୍କ ସହ କଥା ହେବାକୁ ଚାହୁଁଥିବାବେଳେ ରୋଗୀଙ୍କ ସହ ଥିବା ତାଙ୍କ ସମ୍ପର୍କୀୟ ଡାକ୍ତରଙ୍କୁ ଫୋନ ଯୋଗେ କଥା ହେବାକୁ ବାଧ କରିଥିଲେ। ହେଲେ ଏହାକୁ ଡାକ୍ତର ବିରୋଧ କରିବା ସହ ସେଠାରେ ଥିବା ସୁରକ୍ଷା କର୍ମୀଙ୍କୁ ରୋଗୀ ସମ୍ପର୍କୀୟଙ୍କୁ ଫାଣ୍ଡିକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ରୋଗୀ ସମ୍ପର୍କୀୟଙ୍କୁ ଫାଣ୍ଡିକୁ ଅଣାଯାଇଥିଲା ଏବଂ କିଛି ସମୟ ପରେ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜାଣିବାରୁ ତାଙ୍କୁ ଛାଡି ଦିଆଯାଇଥିବା ପ୍ରଧାନ କହିଛନ୍ତି।

### ବାବା ବ୍ରହ୍ମଚାରୀଙ୍କ ପରଲୋକ

କଟକ,୧୬।୮(କାର୍ତ୍ତିକ ସାହୁ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଖାଞ୍ଜସେବକ ବାବା ବ୍ରହ୍ମଚାରୀ(୮୫)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ଜଣେ ପରମଭକ୍ତ ଭାବେ ପରିଚିତ ଶିଖରପୁର



ଅଞ୍ଚଳର ବାବା ବ୍ରହ୍ମଚାରୀ ପ୍ରତ୍ୟହ ପୁରୀରୁ ମହାପ୍ରସାଦ ଆଉ ଛଡ଼ା ତୁଳସୀକୁ କଟକରେ ବିତରଣ କରିବା ସେବା ଆଉ ମିଳିବନି ବୋଲି ଜଗନ୍ନାଥପ୍ରେମୀ ଶୋକପ୍ରକାଶ କରି ମତବ୍ୟକ୍ତ କରିଛନ୍ତି। ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଡା. ଉମେଶ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନ ଚିକିତ୍ସିତ ହେଉଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତୁରା ମଦନ ମୋହନ ହରିଚନ୍ଦନ ମହାପାତ୍ର ମୁଖାଗ୍ନି ଦେଇଥିଲେ। ପୁରୀ ବଡ଼ ବେଗୁନିଆ ପଡ଼ା ଡେଲାଙ୍ଗ ଅଞ୍ଚଳରେ ବାବାଙ୍କ ଜନ୍ମ। ତେବେ ସେ ଦୀର୍ଘ ବର୍ଷ ଧରି କଟକ ଶିଖରପୁରସ୍ଥିତ ଆଶ୍ରମରେ ରହିଆସୁଥିଲେ। ସେ ପ୍ରତିଦିନ ପୁରୀରୁ ଟ୍ରେନ୍ ଯୋଗେ କଟକରେ ପହଞ୍ଚି ସାଥିରେ ଆଣିଥିବା ମହାପ୍ରସାଦକୁ ଭକ୍ତଙ୍କ ମଧ୍ୟରେ ବିତରଣ କରୁଥିଲେ। ଏଥିପାଇଁ ସେ କାହାରିଠାରେ କୌଣସି ଅର୍ଥ ଗ୍ରହଣ କରୁନଥିଲେ। ଏଭଳି ସେବା ସେ ନିରନ୍ତର ବର୍ଷ ତମାମ କରି କଟକ ସହ ସମ୍ପର୍କକୁ ନିବିଡ଼ କରିଥିଲେ। ତାଙ୍କ ବିୟୋଗରେ କଟକର ବିଭିନ୍ନ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

## ଏନ୍‌ସିସି ଗ୍ରୁପ ମୁଖ୍ୟାଳୟ ପକ୍ଷରୁ ୱାକାଥନ୍



ସ୍ୱାଧୀନତା ଦିବସରେ କଟକ ଏନ୍‌ସିସି ଗ୍ରୁପ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ବାଲିଯାତ୍ରା ତଳପଡ଼ିଆରୁ ବାହାରିଥିବା ୱାକାଥନ୍।

କଟକ,୧୬।୮(କାର୍ତ୍ତିକ ସାହୁ)

୭୯ତମ ସ୍ୱାଧୀନତା ଦିବସ ଅବସରରେ ଏନ୍‌ସିସି ଗ୍ରୁପ ମୁଖ୍ୟାଳୟ ତତ୍ତ୍ୱାବଧାନରେ ତଥା ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ ସହଯୋଗରେ ୱାକାଥନ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁ ୱାକାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୱାକାଥନ ଜରିଆରେ ଶାରୀରିକ ସୁସ୍ଥତା ଏବଂ ସାମୁଦାୟିକ ବନ୍ଧନକୁ ଉତ୍ସାହିତ କରିବା ସହିତ ଏକତା, ଶୃଙ୍ଖଳା ଏବଂ ଜାତୀୟ ଗର୍ବର ବାର୍ତ୍ତା ପ୍ରସାର କରାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ ସ୍ୱାଇଁ କହିଥିଲେ ଯେ, ୱାକାଥନ କେବଳ ଆମ ସ୍ୱାଧୀନତାର ଉତ୍ସବ ନୁହେଁ, ବରଂ ଯୁବ ସଶକ୍ତିକରଣ, ନାଗରିକ ଦାୟିତ୍ୱବୋଧ ଏବଂ ଜାତୀୟ ଏକତା ଦିଗରେ ଏକ ପ୍ରତୀକାତ୍ମକ ପଦକ୍ଷେପ। ଏନ୍‌ସିସି ଗ୍ରୁପ ମୁଖ୍ୟାଳୟ ପକ୍ଷରୁ ତୃତୀୟ ଓଡ଼ିଶା ନୌସେନା ୟୁନିଟ ଏନ୍‌ସିସି କମାଣ୍ଡିଂ ଅଫିସର କମାଣ୍ଡର ସୁଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ୱାକାଥନ ଅନୁଷ୍ଠିତ ହୋଇଥିଲା। କମାଣ୍ଡର ମହାନ୍ତି କହିଥିଲେ, ଯୁବକମାନଙ୍କ ମଧ୍ୟରେ ଶୃଙ୍ଖଳା, ନେତୃତ୍ୱ ଏବଂ ସେବା ମନୋଭାବ ସୃଷ୍ଟି କରିବାରେ ଏନସିସି ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏହି ୱାକାଥନରେ ଏନସିସିର ତିନି ଶାଖା ସେନା, ନୌସେନା ଏବଂ ବାୟୁସେନାର କ୍ୟାଡେଟମାନଙ୍କ ସହିତ ସ୍କୁଲ, କଲେଜ ଏବଂ ସ୍ଥାନୀୟ ସଂଗଠନର ଯୁବକମାନଙ୍କ ଅଂଶଗ୍ରହଣ କରିଥିଲେ।

## ଅବ୍ୟବସ୍ଥାରେ ଚୌଦ୍ୱାର ପୌରପାଳିକା ସ୍ୱାଧୀନତା ଦିବସ

**ବର୍ଷାରେ ଭିଜିଲେ ଛାତ୍ରୀଛାତ୍ର**

ମଙ୍ଗୁଳି–ଜଗତପୁର,୧୬।୮(ମାନସ ସାମଲ)

ଚୌଦ୍ୱାର ପୌରପାଳିକା ପକ୍ଷରୁ ଆୟୋଜିତ ସ୍ୱାଧୀନତା ଦିବସ ଅବ୍ୟବସ୍ଥା ମଧ୍ୟରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଚୌଦାର ପୌର ଉପାଧ୍ୟକ୍ଷଙ୍କ ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର କଟକ ବିଧାୟକ ଶୌଭିକ ବିଶ୍ୱାଳ କାର୍ଯ୍ୟ ସୂଚୀ ଅନୁଯାୟୀ ବିଳମ୍ବରେ ପହଞ୍ଚି ପତାକା ଉତ୍ତୋଳନ କରିଥିଲେ। ପତାକା ଉତ୍ତୋଳନ ସମୟରେ ପ୍ରବଳ ବର୍ଷା ହୋଇଥିଲା। ପୌରପାଳିକା ପକ୍ଷରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ପାଇଁ କୌଣସି ଟେଣ୍ଟର ବ୍ୟବସ୍ଥା ହୋଇ ନ ଥିଲା। ଫଳରେ ପତାକା ଉତ୍ତୋଳନ ବେଳେ ବର୍ଷାରେ ଭିଜିଥିଲେ ଶତାଧିକ ଛାତ୍ରୀଛାତ୍ର। ପରେଡ ସ୍ଥଳରେ ସ୍ୱାସ୍ଥ୍ୟ କର୍ମଚାରୀ ଓ ଦମକଳ ବାହାନିର ଅନୁପସ୍ଥିତି ମଧ୍ୟ ଦେଖିବାକୁ ମିଳିଥିଲା। ଜାନୁଆରୀ ୨୬ରେ ଯେମିତି ପୁନରୁବର୍ତ୍ତୀ ନ ହେବାକୁ ଅଭିଭାବକ ମହଲରେ ଦାବି ହେଉଛି। ପୌର ଅଧ୍ୟକ୍ଷା ମାନସୀ ସର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ, ସମସ୍ତ କାଉନସିଲର ଓ ପୌର କର୍ମଚାରୀ ଯୋଗଦେଇଥିଲେ। ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ୧୫ ହଜାର ଟଙ୍କା ବଜେଟ୍‌ରେ କାର୍ଯ୍ୟ ତୁଲାଇବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଅଛି। ସେଥିପାଇଁ ଅଧିକ ଟେଣ୍ଟ କରିବା ଅସମ୍ଭବ।

## ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ କଲେ ବିଭିନ୍ନ ପୂଜା କମିଟି


ହରିପୁର ଦୋଳମୁଣ୍ଡାଇ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ପ୍ରତିମା ନିର୍ମାଣ ଲାଗି ମାଟି ଅନୁକୂଳ କରାଯାଉଛି।

କଟକ,୧୬।୮(ଶିଳ୍ପା ପ୍ରିୟଦର୍ଶିନୀ)

**ଧୁମଧାମରେ ପାଳନ ହେଲା ଜନ୍ମାଷ୍ଟମୀ**

କଟକରେ ଧୁମ୍‌ଧାମ୍‌ରେ ଜନ୍ମାଷ୍ଟମୀ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରତ୍ୟେକ ଘରେ, ମଠ ଓ ମନ୍ଦିରରେ ପୂଜାର୍ଚ୍ଚନା, ଭୋଗଲାଗି, ଉପବାସ, ଭାଗବତପାଠ, କୃଷ୍ଣଜନ୍ମବୃତ୍ତାନ୍ତ ଗାୟନ କରାଯାଇଥିବାବେଳେ ବିଭିନ୍ନ ଅନୁଷ୍ଠାନରେ ଛାତ୍ରୀଛାତ୍ରମାନେ କୃଷ୍ଣ ଓ ରାଧାବେଶ ଧାରଣ କରି ଜନ୍ମାଷ୍ଟମୀ ପାଳନ କରିଛନ୍ତି। ସ୍ମାର୍ତ୍ତ ଓ ବୈଷ୍ଣବ, ଏହି ଦୁଇ ମତରେ ଜନ୍ମାଷ୍ଟମୀ ଗୋଟିଏ ଦିନ ଆଗପଛରେ ପାଳିତ ହୋଇଥାଏ। ତେବେ ଓଡିଶାରେ ସ୍ମାର୍ତ୍ତ ମତ ଅନୁସାରେ ସର୍ବତ୍ର ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଥିବାବେଳେ ଶନିବାର ନନ୍ଦ ଉତ୍ସବ ପାଳନ କରାଯାଇଛି। ସହରର ପ୍ରମୁଖ ସ୍ଥାନ ଚୌଧୁରୀବଜାର, ଶେଖବଜାର ମସ୍ତରାମ ମଠ, ଗୋପାଳଜୀଉ ମନ୍ଦିର ଓ ରାଧାକୃଷ୍ଣ ମଠ, ପିଠାପୁର ରାଧାମୋହନ ମନ୍ଦିର, ରାଣୀହାଟର ରାଧାମୋହନ ମନ୍ଦିର ଭଳି କଟକର ପ୍ରାୟ ୩୫ରୁ ୪୦ ମଠ ମନ୍ଦିରରେ ଜନ୍ମାଷ୍ଟମୀ ଅବସରରେ ଶୁକ୍ରବାର ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା ପାଇଁ ଭିଡ ପରିଲକ୍ଷିତ ହୋଇଥିଲା।

ଶାରଦୀୟ ଦୁର୍ଗୋତ୍ସବରେ ଠାକୁରାଣୀଙ୍କ ମୂର୍ତ୍ତିଗଢା ପାଇଁ ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବରେ ନଦୀରୁ ମାଟି ଉଠା ଯାଇଥାଏ ଏବଂ ଏହା ହେଉଛି କଟକର 'ମାଟିଉଠା' ପରମ୍ପରା। ଶୁକ୍ରବାର ଜନ୍ମାଷ୍ଟମୀ ଓ ଶନିବାର ନନ୍ଦଉତ୍ସବ ଅବସରରେ ସକାଳେ ଓ ଅପରାହ୍ନରେ ବିଭିନ୍ନ ପୂଜାକମିଟି ପକ୍ଷରୁ ମାଟିଉଠା ବଡ ନିଷ୍ଠାର ସହ କରାଯାଇଛି। ନଦୀକୂଳରେ ପୂଜାର୍ଚ୍ଚନା କରାଯିବା ପରେ ନୂତନ ବାଉଁଶ ପାତ୍ରରେ ମାଟି ଅଣାଯାଇ ଖଡମାରେ ସ୍ଥାପନା କରାଯାଇଛି। ମଙ୍ଗଳାବାଗ ଦୁର୍ଗା ପୂଜା ସମିତି, ହରିପୁର ଦୋଳମୁଣ୍ଡାଇ ପୂଜା କମିଟି, ନିମ ସାହି ପୂଜା କମିଟି, ଶେଖ ବଜାର ପୂଜା କମିଟି, ଚାଉଳିଆଗଞ୍ଜ ପୂଜା କମିଟି, ରାଣୀହାଟ ପୂଜା କମିଟି, ଚାନ୍ଦିନୀଚୌକ ପୂଜା କମିଟି, ଅଲିଶାବଜାର ପୂଜା କମିଟି, ସିଡିଏ ସେକ୍ଟର–୧୩ ଆବାସିକ ସଂଘ, କାଜି ବଜାର ପୂଜା କମିଟି, ବୁଢ଼ୀ ଠାକୁରାଣୀ ପୂଜା କମିଟି, ଦରଘା ବଜାର, ଚୌଧୁରୀ ବଜାର କର୍ମକର୍ତ୍ତା ଏବଂ ଶତାଧିକ ଅଞ୍ଚଳବାସୀ ସଂକୀର୍ତ୍ତନ ଶୋଭାଯାତ୍ରାରେ ମହାନଦୀ ଓ କାଠଯୋଡି ତଟକୁ ଯାଇ ମାଟି ଉଠାଇଥିଲେ। ଏଥିପାଇଁ ପୂର୍ବରୁ ଖଡମାକୁ ଧୋଇ ପୋଛି ପ୍ରସ୍ତୁତ କରାଯାଇଥିଲା। ନୂତନ ବସ୍ତ୍ର ପରିଧାନ କରି ପୂଜା କମିଟି କର୍ମକର୍ତ୍ତା ତଥା ସାହି ମୁରବୀମାନେ ରିତିନୀତି ଅନୁଯାୟୀ ମାଟି ଉଠାଇଥିଲେ।

## କନ୍ଦରପୁରରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ

କଟକ ସଦର,୧୬।୮(ସୁଶାନ୍ତ କୁମାର ଜେନା)

ହର୍‌ଘର୍ ତିରଙ୍ଗା ସମିତି କଟକ ସଦର ପକ୍ଷରୁ କନ୍ଦରପୁରଠାରେ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା କନ୍ଦରପୁର ବଜାର ପରିକ୍ରମା କରିବା ପରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷିକେଶ ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଅଟଳ ଶିକ୍ଷା ଓ ଦକ୍ଷତା ଟ୍ରଷ୍ଟ ସଭାପତି ଆଇନଜୀବୀ ନିର୍ମଳ କୁମାର ଦାସଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନର ସଦସ୍ୟା ପ୍ରତିଭା ଶତପଥୀ, ସମ୍ମାନିତ ଅତିଥି ଭାବେ ଗୋକୁଳ ପ୍ରଧାନ, କର୍ମଚାରୀ ସଂଘ ସଭାପତି ପ୍ରଭାତ ଦେବତା, ନାଟ୍ୟକାର ଅଶୋକ ପଟ୍ଟନାୟକ, କାର୍ଯ୍ୟରତ ସୈନିକ ଭରତ ଜେନା, ପ୍ରଦୀପ ବେହେରା, ଭାରତୀୟ କିଷାନ ସଂଘ ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ପତି ଯୋଗଦେଇଥିଲେ। ପୀୟୂଷ ରଞ୍ଜନ ପରିଡ଼ା, ସଞ୍ଜୟ କୁମାର ସାହୁ, ମୋର୍ଚ୍ଚା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ମଲ୍ଲିକ, କିରଣ ସାହୁ, ଓଡ଼ିଶା ରାଷ୍ଟ୍ରବାଦି ସଂଘ ସଭ୍ୟ ଯୁବରାଜ ପଣ୍ଡା, ଅନିଲ ମହାପାତ୍ର, ପୂର୍ବତନ ମଣ୍ଡଳ ସଭାପତି ପୀୟୂଷ ପରିଡ଼ା, ପଦିପ୍ତ ପାତ୍ର, ରବୀନ୍ଦ୍ର ନାଥ ମହାଳି ପ୍ରମୁଖ ଯୋଗଦେଇଥିଲେ।

## କଣ୍ଟେନର ପଛରେ ପିଟି ହେଲା ଯାତ୍ରୀବାହୀ ବସ୍

ମଙ୍ଗୁଳି–ଜଗତପୁର,୧୬।୮(ମାନସ ସାମଲ)

**ଅଳ୍ପକେ ବର୍ତ୍ତିଲେ ଯାତ୍ରୀ, ବସ୍ ଚାଳକ ଆହତ**

ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ନିର୍ଗୁଣ୍ଡି ଓଭର ବ୍ରିଜରେ ଶନିବାର ଅପରାହ୍ନରେ ଯାତ୍ରୀବାହୀ ବସ ଏକ କଣ୍ଟେନର ପଛକୁ ଧକ୍କା ଦେଇଛି। ଫଳରେ ବସ୍‌ର ଆଗ ଅଂଶ ଭାଙ୍ଗି ଚୁରମାର ହୋଇଥିବା ବେଳେ ଅଳ୍ପକେ ଯାତ୍ରୀମାନେ ବର୍ତ୍ତି ଯାଇଥିବା ବେଳେ ଚାଳକ ଆହତ ହୋଇଥିବା ଜଣାପଡିଛି। କଣ୍ଟେନର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସୂଚନା ମୁତାବକ, ଅପରାହ୍ନରେ ଭୁବନେଶ୍ୱରରୁ ଏକ ଯାତ୍ରୀବାହୀ ବସ୍ (ନଂ. ଓଡି–୦୫ ୫୨୬୮) ଟାଙ୍ଗୀ ଦେଇ ଢେଙ୍କାନାଳ ଅଭିମୁଖେ ଯାଉଥିଲା। ନିର୍ଗୁଣ୍ଡି ଓଭର ବ୍ରିଜ ଉପରେ ଏକ କଣ୍ଟେନର (ନଂ.କେଏ ୫୧ ଏକେ ୯୬୪୫)ଆଗରେ ଷଣ୍ଢ ପଶି ଆସିଥିଲା। ଷଣ୍ଢ ରକ୍ଷା କରିବାକୁ ଯାଇ ଚାଳକ ବ୍ରେକ ମାରିବାରୁ ପଛରେ ଆସୁଥିବା ବସ୍ ଭାରସାମ୍ୟ ହରାଇ କଣ୍ଟେନର ପଛରେ ପିଟି ହେଇଯାଇଥିଲା। ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ବସ ଚାଳକ ଓ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଆହତ ଚାଳକଙ୍କୁ ଟାଙ୍ଗୀ ପୋଲିସ କଟକ ବଡ ମେଡ଼ିକାଲ ପଠାଇଥିଲା। ପରେ ସମସ୍ତ ଯାତ୍ରୀଙ୍କୁ ଅନ୍ୟ ଏକ ବସରେ ଢେଙ୍କାନାଳ ପଠାଯାଇଛି। ଉଭୟ କଣ୍ଟେନର ଓ ବସ୍ ଟାଙ୍ଗୀ ପୋଲିସ ନିଜ ହେପାଜତକୁ ନେଇଛି।

## ରଦ୍ଦ ହେଲା ୨୨୭ ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର

କଟକ,୧୬।୮(କାର୍ତ୍ତିକ ସାହୁ)

**ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ନ ଲଗାଉଥିବା ବାଣିଜ୍ୟିକ ଗାଡ଼ି ଧରପଗଡ଼**

ରାଜ୍ୟ ପରିବହନ ପ୍ରାଧିକରଣ ନିର୍ଦ୍ଦେଶରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ପକ୍ଷରୁ ଧରପଗଡ଼ ଚାଲିଛି। ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନକୁ ନେଇ ମାରାଥନ ଏନ୍‌ଫୋର୍ସମେଣ୍ଟ ପରେ ଏବେ ରେଟ୍ରୋ ରିଫ୍ଲେକ୍ଟିଭ ଟେପ ନ ଲଗାଉଥିବା ବାଣିଜ୍ୟିକ ଗାଡ଼ି ଉପରେ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଧରପଗଡ଼ କରାଯାଇଛି। ନିୟମ ଉଲ୍ଲଂଘନ କରିଥିବା ୨୨୭ ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ କରାଯାଇଛି।

ସୂଚନାନୁସାରେ, ବିଭିନ୍ନ ଆର୍‌ଟିଓ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଧରପଗଡ଼ ଅଗଷ୍ଟ ୧୪ ରାତି ୯ଟାରୁ ୧୨ଟା ଓ ଅଗଷ୍ଟ ୧୫ ଭୋର୍ ୪ଟାରୁ ୬ଟା ଯାଏ କରାଯାଇଥିଲା। ଆର୍‌ଟିଓମାନଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ରାଜପଥରେ ଉଭୟ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ। ଏହି ନିୟମ ଉଲ୍ଲଂଘନ କରିଥିବା ଗାଡ଼ିଗୁଡ଼ିକର ଫିଟ୍‌ନେସ୍ ରଦ୍ଦ କରାଯାଇଛି। ଜଗତ୍‌ସିଂହପୁର ଆର୍‌ଟିଓ ଦ୍ୱାରା ସର୍ବାଧିକ ୨୭, ଝାରସୁଗୁଡ଼ା ଆରଟିଓରେ ୨୬, ଭୁବନେଶ୍ୱର–୧ ଆରଟିଓ ୧୫, ରାଉରକେଲା ଆର୍‌ଟିଓ ୧୩, କେନ୍ଦୁଝର ଆର୍‌ଟିଓ ୧୨, କଟକ ଓ ଚଣ୍ଡିଖୋଲ ଆର୍‌ଟିଓରେ ୯ ଲେଖାଏଁ, ଭୁବନେଶ୍ୱର–୨ ଆର୍‌ଟିଓ ୮, ଗଞ୍ଜାମ ଆର୍‌ଟିଓ ୭, ବଲାଙ୍ଗୀର, ତାଳଚେର ଓ କେନ୍ଦ୍ରାପଡ଼ା ଆର୍‌ଟିଓରେ ୬ ଲେଖାଏଁ, ଭଦ୍ରକ ଓ ସୋନପୁରରେ ୫ ଲେଖାଏଁ ଗାଡ଼ିର ଫିଟନେସ ରଦ୍ଦ କରାଯାଇଛି। ସେହିଭଳି ଢେଙ୍କାନାଳ, ଫୁଲବାଣୀ, ନୂଆପଡ଼ା, ବୌଦ୍ଧ, ଯାଜପୁର, ରାୟଗଡ଼ା ଆର୍‌ଟିଓ ଓ ଖୋର୍ଦ୍ଧା ଏଆର୍‌ଟିଓରେ ୪ ଲେଖାଏଁ ଗାଡ଼ିର ଫିଟ୍‌ନେସ୍ ରଦ୍ଦ କରାଯାଇଛି। ଫିଟନେସ ପ୍ରମାଣପତ୍ର ରଦ୍ଦ ହୋଇଥିବା ଗାଡ଼ିଗୁଡ଼ିକରୁ ଅନେକେ ଆଦୌ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଇ ନ ଥିଲେ ଏବଂ କିଛି ଗାଡ଼ି ଏହାକୁ ଠିକ ଭାବେ ଲଗାଇ ନ ଥିଲେ। ସେହି ଗାଡ଼ିଗୁଡ଼ିକ ପୁଣି ଫିଟନେସ ପାଇବାକୁ ନିୟମ ଅନୁଯାୟୀ ଟେପ ଲଗାଇ ଆବେଦନ କରିବାକୁ କୁହାଯାଇଛି। ମୋଟରଯାନ ଆଇନ ଅନୁଯାୟୀ ସମସ୍ତ ବାଣିଜ୍ୟିକ ଯାନ ଗାଡ଼ିରେ ରେଟ୍ରୋ ରିଫ୍ଲେକ୍ଟିଭ ଟେପ ଲଗାଇବା ବାଧ୍ୟତାମୂଳକ। ଗାଡ଼ିର ପଛପଟେ ନାଲି, ଉଭୟ ପାର୍ଶ୍ୱରେ ହଳଦିଆ ଏବଂ ଆଗରେ ଧଳା ଟେପ୍ ଲଗାଯାଏ। ଏହାଦ୍ୱାରା ଅନ୍ୟ ସଡ଼କ ବ୍ୟବହାରକାରୀ ଗାଡ଼ିକୁ ଅନ୍ଧାର କିମ୍ବା କମ ଆଲୁଅରେ ଦେଖିପାରନ୍ତି। ଯାହା ଦୁର୍ଘଟଣାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ବିଶେଷକରି, ଜାତୀୟ ରାଜପଥରେ ରାତି ଓ ଭୋର୍ ସମୟରେ ଭାରିଯାନ ଚଲାଉଥିବା ଚାଳକଙ୍କ ପାଇଁ ଅନ୍ୟ ଗାଡ଼ିର ସ୍ଥିତିକୁ ଜାଣିବାରେ ସହାୟକ ହୋଇଥାଏ। ଏହି ନିୟମକୁ ସମସ୍ତ ଗାଡ଼ି ଠିକ ଭାବରେ ପାଳନ କରିବା ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ଗୁରୁତ୍ୱ ଦେଇଛି। ଏହାସହ ସଡ଼କ ସୁରକ୍ଷାର ଅନ୍ୟ ନିୟମ ପାଳନ ଯେଭଳି ସୁନିଶ୍ଚିତ ହେବ ଏବଂ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଗୁଡ଼ିକୁ ନିୟନ୍ତ୍ରଣ କରିହେବ ସେଥିପାଇଁ ଏଭଳି ସ୍ୱତନ୍ତ୍ର ଧରପଗଡ଼ ନିୟମିତ ଭାବେ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ୭୯ତମ ସ୍ୱାଧୀନତା ଦିବସ ସମାରୋହ ଉତ୍ସବ



ପୂର୍ବତଟ ରେଳପଥରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରେଲୱେ ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ମହାପ୍ରବନ୍ଧକ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।





ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି) ସମୂହରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଓଏଚ୍‌ପିସି କର୍ପୋରେଟ୍ କାର୍ଯ୍ୟାଳୟରେ ନିର୍ଦ୍ଦେଶକ (ବିତ୍ତ) ପ୍ରଣବ କୁମାର ମହାନ୍ତି ଏବଂ ଚନ୍ଦକା ସ୍ଥିତ ତାଲିମ କେନ୍ଦ୍ରରେ ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଏବଂ ଅମିୟ କୁମାର ମହାନ୍ତି, ନିର୍ଦ୍ଦେଶକ (ପରିଚାଳନା) ଇନ୍‌ଚାର୍ଜ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।





ଓଡିଏମ୍ ସମୂହରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଓଡିଏମ୍ ପବ୍ଲିକ ସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ସିସି ନିର୍ଦ୍ଦେଶାଳୟ ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ସୌମ୍ୟରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଗ୍ରୁପ୍‌ର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନଙ୍କ ସମେତ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତି ରାୟ, ସିଓଓ ସ୍ୱୟନ ସତ୍ୟେନ୍ଦୁ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



କଟକ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ଶିଳ୍ପୋଦ୍ୟୋଗ ସମୂହରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରୁଚି ମୁଖ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଡିଜିଏମ୍ ନିଶିକାନ୍ତ ଜେନା, ମାନବ ସମ୍ବଳ ବିଭାଗ ମୁଖ୍ୟ ସନ୍ତୋଷ କୁମାର ପାଢ଼ୀ ଏବଂ ଲୋକ ସମ୍ପର୍କ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।





ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ପ୍ରମୁଖ ଉପସ୍ଥିତ ଅଛନ୍ତି।





ହାଇଟେକ୍ ଗ୍ରୁପ୍ ସମୂହରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରୁପ୍‌ର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣିଗ୍ରାହୀ,ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀଙ୍କ ସମେତ ଟ୍ରଷ୍ଟି ଡା. ରାକେଶ କୁମାର ପାଣିଗ୍ରାହୀ, ସାବିତ୍ରୀ ପାଣିଗ୍ରାହୀ ଏବଂ ମଧୁସ୍ମିତା ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ୟୁକୋ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ



ୟୁକୋ ବ୍ୟାଙ୍କର ଲୋଚାପଡ଼ା ଶାଖାକୁ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଓଡ଼ିଶା ସଂଯୋଜକ ଗୌତମ ପାତ୍ର ଫିତା କାଟି ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୬।୮

ୟୁକୋ ବ୍ୟାଙ୍କର ନୂତନ ଲୋଚାପଡ଼ା ଶାଖା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ୟୁକୋ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅଶ୍ୱିନୀ କୁମାର ମୁଖ୍ୟ ଅତିଥି ଭାବେ ଆଭାସି ମାଧ୍ୟମରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଓଡ଼ିଶା ସଂଯୋଜକ ଗୌତମ ପାତ୍ରଙ୍କ ସମେତ ଭୁବନେଶ୍ୱର ଅଞ୍ଚଳର ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂ ଏବଂ ଲୋଚାପଡ଼ା ଶାଖାର ଶାଖା ପରିଚାଳକ ସୁମନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଉଦ୍‌ଘାଟନୀ ଉତ୍ସବରେ ୟୁକୋ ବ୍ୟାଙ୍କର ପୂର୍ବତନ କର୍ମଚାରୀ ଏବଂ ବହୁ ସଂଖ୍ୟାର ଗ୍ରାହକମାନେ ମଧ୍ୟ ଯୋଗଦେଇଥିଲେ।

## ହ୍ୟୁଣ୍ଡାଇ ଏକ୍ସପ୍ଲୋରର୍ସ ଆଡ୍‌ଭେଞ୍ଚର

ଭୁବନେଶ୍ୱର,୧୬।୮ (ଅଭୟ ଦାଶ)

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ନୂତନ ଅଭିଯାନ 'ହ୍ୟୁଣ୍ଡାଇ ଏକ୍ସପ୍ଲୋରର୍ସ ଆଡ୍‌ଭେଞ୍ଚର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହ୍ୟୁଣ୍ଡାଇ ମୋଟର ପକ୍ଷରୁ ଓଡ଼ିଶା ବଜାରରେ ଏହି ଅଭିଯାନକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯାଇଛି। ସ୍ୱାଧୀନତା ଦିବସ ଅବସରରେ କମ୍ପାନୀ ସ୍ୱୀକୃତିପ୍ରାପ୍ତ ଡିଲର ତଥା ଉତ୍କଳ ହ୍ୟୁଣ୍ଡାଇ ଶୋ'ରୁମ୍ ପରିସରରେ 'ହ୍ୟୁଣ୍ଡାଇ ଏକ୍ସପ୍ଲୋରର୍ସ ଆଡ୍‌ଭେଞ୍ଚର'ର ଆୟୋଜନ କରାଯାଇଥିଲା।

ଅପରପକ୍ଷରେ କମ୍ପାନୀର ଏହି କାର୍ଯ୍ୟକଳାପ ଉତ୍କଳ ହ୍ୟୁଣ୍ଡାଇ ଶୋ'ରୁମ୍‌ରୁ ଆରମ୍ଭ ହୋଇଛି, ଯାହା ଏହି ଅଞ୍ଚଳରେ ବିଶ୍ୱାସ, ଐତିହ୍ୟ ଏବଂ ଗ୍ରାହକ-ପ୍ରଥମ ଉତ୍କର୍ଷତାକୁ ପ୍ରତିନିଧିତ୍ୱ କରୁଥିବା ଏକ ନାମ ଭାବେ ବେଶ୍ ଜଣାଶୁଣା ବୋଲି କୁହାଯାଉଛି।

ସେହିଭଳି ହ୍ୟୁଣ୍ଡାଇ ଏକ୍ସପ୍ଲୋରର୍ସ ଆଡ୍‌ଭେଞ୍ଚର ହେଉଛି, ଅଧିକ ଆବିଷ୍କାର କରିବା ବିଷୟରେ ବା ଅଧିକ ଭୂଦୃଶ୍ୟ, କାର୍ଯ୍ୟଦକ୍ଷତା ଏବଂ ସମ୍ଭାବନା। ଏହା ମଧ୍ୟ ଆବିଷ୍କାର କରିବା ବିଷୟରେ ଏକ ପରୀକ୍ଷଣ। କିପରି ହ୍ୟୁଣ୍ଡାଇ ଯାନଗୁଡ଼ିକ ଆଜିର ଡ୍ରାଇଭରମାନଙ୍କୁ ଆଶାଠାରୁ ଅଧିକ ଯିବାକୁ ସଶକ୍ତ କରିଥାଏ। ଏପରି କି ଏହାର ଉନ୍ନତ ବୈଶିଷ୍ଟ୍ୟ, ବୋଲ୍ଡ ଡିଜାଇନ୍ ଏବଂ ପ୍ରଯୁକ୍ତିବିଦ୍ୟା ଯାହା ଆପଣଙ୍କୁ ନିୟନ୍ତ୍ରଣରେ ରଖେ ବୋଲି କୁହାଯାଇଛି। ସେହିପରି ଏହି ରାଲିରେ ୩୦ରୁ ଅଧିକ ହ୍ୟୁଣ୍ଡାଇ ଗ୍ରାହକ ଅଂଶ ଗ୍ରହଣ କରିଥିଲେ। ଉତ୍କଳ ହ୍ୟୁଣ୍ଡାଇ ଭୁବନେଶ୍ୱରରୁ ଏହି ରାଲିକୁ ଉଭୟ କମ୍ପାନୀ ଓ ଶୋ'ରୁମ୍ ଅଧିକାରୀମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରିଶେଷରେ ଏହି ରାଲି ହୋଟେଲ ମେ ଫେୟାର, ପୁରୀଠାରେ ଶେଷ ହୋଇଥିଲା। ରାଲିର ସମସ୍ତ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକଳାପରେ ବହୁତ ଆନନ୍ଦିତ ଏବଂ ରୋମାଞ୍ଚିତ ହୋଇଥିଲେ।





## ପିଏନ୍‌ବିର ଆର୍ଥିକ ସାକ୍ଷରତା ଶିବିର

ଭୁବନେଶ୍ୱର,୧୬।୮

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଆର୍ଥିକ ସାକ୍ଷରତା ଶିବିରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପିଏନ୍‌ବି କଟକ ମଣ୍ଡଳ ପକ୍ଷରୁ ଜନ ସୁରକ୍ଷା ଅଭିଯାନ ଅନ୍ତର୍ଗତ କାମାକ୍ଷାନଗର ଶାଖା କାର୍ଯ୍ୟାଳୟ ସହାୟତାରେ ଭୈରପୁର ଗ୍ରାମପଞ୍ଚାୟତ କେନ୍ଦ୍ରରେ ଏକ ଆର୍ଥିକ ସାକ୍ଷରତା ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ରିଜିଓନାଲ ଡାଇରେକ୍ଟର ଡ. ଶାରଦା ପ୍ରସନ୍ନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଆରବିଆଇ ଡାଇରେକ୍ଟର (ଡିଇପିଆର୍) ସମୀର ରଞ୍ଜନ ବେହେରା ଏବଂ ପିଏନ୍‌ବି କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସୁଜିତ ନେଗି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଏହି ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେହିଭଳି ସ୍ଥାନୀୟ ଲୋକମାନଙ୍କୁ ଆବଶ୍ୟକୀୟ ଆର୍ଥିକ ଜ୍ଞାନ ଏବଂ ସହାୟତା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏଥିରେ ରି-କେୱାଇସି (ନୋ ୟୋର କଷ୍ଟମର) ପ୍ରକ୍ରିୟା, ନିଷ୍କ୍ରିୟ ଆକାଉଣ୍ଟଗୁଡିକ ସକ୍ରିୟ କରିବା ଏବଂ ନାଗରିକମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଉପରେ ପ୍ରାଧାନ୍ୟ ଦିଆଯାଇଥିଲ। ସେହିପରି କାମାକ୍ଷାନଗର ଶାଖାର ଶାଖା ମୁଖ୍ୟ ସଞ୍ଜନା ପଟ୍ଟନାୟକ ଏବଂ ଭୈରପୁର ସିବିସି ସରିତା ନାୟକ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ଏବଂ ଗ୍ରାହକମାନେ ଯୋଗଦେଇ ଆର୍ଥିକ ସାକ୍ଷରତା ସମ୍ବନ୍ଧୀୟ ଜ୍ଞାନ ହାସଲ କରିଥିଲେ।

## ଜିନ୍ଦଲ ଷ୍ଟିଲ୍ କର୍ମଚାରୀଙ୍କ ପକ୍ଷରୁ ୨କୋଟିର ଆର୍ଥିକ ସହାୟତା

ଭୁବନେଶ୍ୱର,୧୬।୮



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଷ୍ଟିଲ୍‌ର କର୍ମଚାରୀଙ୍କ ପକ୍ଷରୁ ପ୍ରାୟ ୨କୋଟି ଟଙ୍କାର ଆର୍ଥିକ ସହାୟତା ରାଶି କେନ୍ଦ୍ର ପ୍ରତିରକ୍ଷା ବିଭାଗକୁ ପ୍ରଦାନ କରାଯାଇଛି। ବିଶେଷକରି ସ୍ୱାଧୀନତାର ୭୯ତମ ପୂର୍ତ୍ତି ଉତ୍ସବର ପୂର୍ବ ସନ୍ଧ୍ୟାରେ ଜିନ୍ଦଲ ଷ୍ଟିଲ୍‌ର କର୍ମଚାରୀମାନେ ଦେଶଭକ୍ତିର ନିଦର୍ଶନ ସ୍ୱରୂପ ଅପରେଶନ ସିନ୍ଦୂରର ସଫଳତା ଉପଲକ୍ଷେ ପ୍ରଭାବିତ ସୈନିକ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଏହି ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ପହଲଗାମ୍‌ରେ ନିରୀହ ପର୍ଯ୍ୟଟଙ୍କୁ ହତ୍ୟା ପରେ ଭାରତୀୟ ସେନାର ବୀର ସୈନିକମାନେ ୨୦୨୫ ମେ ମାସରେ ଅପରେଶନ ସିନ୍ଦୂର ଆରମ୍ଭ କରିଥିଲେ। ଏପରିକି ପାକିସ୍ତାନ ସୀମାରେ ପଶି ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସକରି ଦେଶର ସମ୍ମାନ ବଢ଼ାଇଥିଲେ। ଦେଶ ପ୍ରତି ଭାରତୀୟ ସେନାର ଏହି ସର୍ବୋଚ୍ଚ ଯୋଗଦାନ ପାଇଁ ଜିନ୍ଦଲ ଷ୍ଟିଲ୍‌ର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଯୁଦ୍ଧରେ ପ୍ରଭାବିତ ସୈନିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଗୋଟିଏ ଦିନର ଦରମା ପାଖାପାଖି ୨କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅପରପକ୍ଷରେ କୁରୁକ୍ଷେତ୍ରର ଏମ୍‌ପି ତଥା ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଗୁରୁବାର ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟି କର୍ମଚାରୀଙ୍କ ଏହି ଅନୁଦାନ ରାଶି ୨ କୋଟି ଟଙ୍କାର ଚେକ୍ ଆନୁଷ୍ଠାନିକ ଭାବେ ପ୍ରଦାନ କରିଛନ୍ତି।

ଏ ନେଇ ଜିନ୍ଦଲ କହିଛନ୍ତି, ଆମ ସୈନିକ ଆମ ଦେଶର ପ୍ରକୃତ ରକ୍ଷକ। ଏପରିକି ସେମାନଙ୍କ ସାହସ, ତ୍ୟାଗ ଓ ଭାରତର ସୁରକ୍ଷା ପ୍ରତି ସେମାନଙ୍କ ଅତୁଟ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରେରଣା ଦେଉଛି। ଜିନ୍ଦଲ ଷ୍ଟିଲ ପରିବାରର ଏହି ଯୋଗଦାନ ସେମାନଙ୍କ ସେବା ମନୋଭାବକୁ ସମ୍ମାନ ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କ ସାଥିରେ ଠିଆହେବାର ବିନମ୍ର ପ୍ରୟାସ କରିଛି। ଏହି ସହଯୋଗ ଜିନ୍ଦଲ ଷ୍ଟିଲ୍‌ର ସେହି ପରମ୍ପରାର ଅଂଶ ବୋଲି କୁହାଯାଉଛି। ଯେଉଁଥିରେ କମ୍ପାନୀ ସବୁବେଳେ କଷ୍ଟକର ସମୟରେ ଦେଶ ଓ ଦେଶର ରକ୍ଷକଙ୍କ ସହ ଛିଡ଼ା ହୋଇଛି। କୋଭିଡ୍-୧୯ ସମୟରେ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ପିଏମ୍ କେୟାର୍ସ ଫଣ୍ଡକୁ ମଧ୍ୟ ୨୫କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଦିଲ୍ଲୀ, ଓଡ଼ିଶା ଓ ଛତିଶଗଡ଼ ସମେତ ୧୩ଟି ରାଜ୍ୟର ଡାକ୍ତରଖାନାକୁ ମାଗଣା ଲିକ୍ୱିଡ୍ ଅକ୍ସିଜେନ ପ୍ରଦାନ କରାଯାଇଛି।

## ବଜାରରେ ଅଲ୍ ନ୍ୟୁ ଟାଟା ହାରିଅର.ଇଭି

ଭୁବନେଶ୍ୱର,୧୬।୮

ଟାଟା ମୋଟର୍ସ ଇଲେକ୍ଟ୍ରିକ ମୋବିଲିଟର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ଟାଟା ହାରିଅର.ଇଭି'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା କଟକର ସିଡିଏ ସେକ୍ଟର୧୧ସ୍ଥିତ ଡିଅନ୍ ଅଟୋମୋଟିଭସ (ଡିଅନ ଅଟୋମୋଟିଭସ ପ୍ରାଇଭେଟ୍ ଲିମିଟେଡ୍) ଶୋ'ରୁମ୍ ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା।

ଏହି ଅବସରରେ ଏସ୍‌ଟିଏର ଅତିରିକ୍ତ କମିଶନର ଦୀପ୍ତିରଞ୍ଜନ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଟିଏର ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ମିଶ୍ରଙ୍କ ସମେତ ଡିଅନ ଗ୍ରୁପ୍‌ର ମୁଖ୍ୟ (ସେଲ୍‌ସ) ସନ୍ଦୀପ କାନୁନ୍‌ଗୋ, ଶାଖା ମୁଖ୍ୟ ପ୍ରଶାନ୍ତ ମଲ୍ଲିକ ଏବଂ ଟାଟା ମୋଟର୍ସର ଶୈଳେଶ ରାଜ, ହର୍ଷ ରାଜ, ରାମପୁରୀ ଭାମସୀ ଓ ରାହୁଲ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।





କଟକର ସିଡିଏ ସେକ୍ଟର୧୧ସ୍ଥିତ ଡିଅନ ଅଟୋମୋଟିଭସ ଶୋ'ରୁମ୍‌ରେ ଗୁରୁବାର ଟାଟା ମୋଟର୍ସର ଅଲ୍ ନ୍ୟୁ ହାରିଅର ଇଭିର ଅନାବରଣ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ଟାଟା ହାରିଅର.ଇଭିରେ ଅନେକ ବୈଶିଷ୍ଟ୍ୟ ସାମିଲ ରହିଛି। ଏହି ମଡେଲର ସୁରକ୍ଷା ବ୍ୟବସ୍ଥା ବିଶ୍ୱଶ୍ରେଣୀର ହୋଇଥିଲାବେଳେ ଅଟୋ ମୋବାଇଲ ଇଣ୍ଡଷ୍ଟ୍ରିରେ ପ୍ରଥମ ଥର ପାଇଁ ଏହା ଦେଖିବାକୁ ମିଳିଛି। ଏହି ମଡେଲ ସୁପର କାର୍ ଗିୟରର ଅନୁଭୂତି ସହ ଡୁଆଲ ମୋଟର ପାୱାର ଟ୍ରେନ୍ ୨୩୮ ପିଏସ୍ ଉପଲବ୍ଧ ରହିଛି। ଏହା ମାତ୍ର ୬.୩ ସେକେଣ୍ଡରେ ୦ରୁ ୧୦୦କିଲୋମିଟର ପ୍ରତି ଘଣ୍ଟା ଗତି କରିଥାଏ। ଏଥିରେ ୭୫କିଲୋ ୱାଟ୍ ବ୍ୟାଟେରି ରହିଛି, ଏହା ମାତ୍ର ୧୫ ମିନିଟ୍ ଚାର୍ଜରେ ୨୫୦ କି.ମି.ର ଯାତ୍ରା ଅନୁଭୂତ କରାଇଥାଏ।

ସେହିଭଳି ଏହା ସିଟି ଡ୍ରାଇଭ ସହ ଅପ୍-ଲୋଡିଂରେ ମଧ୍ୟ ଉତ୍ତମ ସୁବିଧା ଏବଂ ଆରାମଦାୟକ ଯାତ୍ରା ପାଇଁ ଫ୍ରିକ୍ୱେନ୍ସି ଡିପେଡେଣ୍ଟ ଡ୍ୟାମ୍ପିଂ ସସ୍‌ପେନ୍‌ସନ ସହ ୫୦୪ ଏନ୍‌ଏମ୍ ଟର୍କ ଏବଂ ଏକ୍ସଡବ୍ଲୁଡି ଡୁଆଲ ମୋଟର ସହ ଉପଲବ୍ଧ ରହିଛି। ଏହାକୁ ସବୁ ପ୍ରକାର ରାସ୍ତା ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି। ଏଥିରେ ଚାରୋଟି ଆକର୍ଷଣୀୟ ରଙ୍ଗ ଏବଂ ଗ୍ରାଉଣ୍ଡ କ୍ଲିୟରାନ୍ସ ମଧ୍ୟ ରହିଛି। ଏଥିସହ ଟାଟା ମୋଟର୍ସର ଗ୍ରାହକ ସନ୍ତୁଷ୍ଟିର ପ୍ରତିବଦ୍ଧତା ପାଇଁ ଏଥିରେ ଲାଇଫ୍‌ଟାଇମ୍ ୱାରେଣ୍ଟି ମଧ୍ୟ ପ୍ରଦାନ କରାଯାଉଛି।

**ଦରଗ୍ଘା ଛାତ ଭୁଶୁଡ଼ି ୭ ମୃତ**

ଦିଲ୍ଲୀର ନିଜାମୁଦ୍ଦିନ୍‌ଠାରେ ଶୁକ୍ରବାର ଅପରାହ୍ନରେ ହୁମାୟୁନଙ୍କ ସମାଧିସ୍ଥଳ ନିକଟସ୍ଥ ଏକ ଦରଗ୍ଘାର ଛାତ ଭୁଶୁଡ଼ି ପଡ଼ିବାରୁ ୭ ଜଣଙ୍କର ମୃତ୍ୟୁ ଘଟିଛି। ଭଗ୍ନାବଶେଷ ମଧ୍ୟରୁ ରେସ୍କ୍ୟୁ ଟିମ୍ ୧୨ ଜଣଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଛି। ୩ ମହିଳା ଓ ୪ ପୁରୁଷଙ୍କର ମୃତ୍ୟୁ ହୋଇଥିବା ନେଇ ଦିଲ୍ଲୀ ଏସ୍‌ପି (ଦକ୍ଷିଣ-ପୂର୍ବ) ହେମନ୍ତ ତିୱାରୀ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ଦିଲ୍ଲୀ ପୋଲିସ ଶନିବାର ଏକ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ ପାଇଁ ୧୯ରେ ଏନ୍‌ଡିଏ ଏମ୍‌ପିଙ୍କ ବୈଠକ

ନୂଆଦିଲ୍ଲୀ,୧୬।୮

ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଆସନ୍ତା ମଙ୍ଗଳବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ଉକ୍ତ ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି। ପ୍ରାର୍ଥୀ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଲାଗି ଏନ୍‌ଡିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟିତ୍ୱ ଦେଇଥିଲେ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ଉଭୟ ସଦନର ଏନ୍‌ଡିଏ ସାଂସଦମାନଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ମେଣ୍ଟର ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ ବୈଠକରେ ଆଲୋଚନା ହେବ। ଉପରାଷ୍ଟ୍ରପତି ନିର୍ବାଚନ ଲାଗି ୨୧ ତାରିଖରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେଉଥିବାବେଳେ ସେହିଦିନ ଏନ୍‌ଡିଏ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିପାରନ୍ତି।

## ଦିଲ୍ଲୀରେ ଆଜି



ଜନ୍ମାଷ୍ଟମୀ ଅବସରରେ ନୂଆଦିଲ୍ଲୀସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରକୁ ରଙ୍ଗିନ ଆଲୋକରେ ସଜାଯାଇଛି। (ଫଟୋ- ଚମନ ଗୌତମ)

# ପାକ୍ ପାଇଁ ଗୁପ୍ତଚରଗିରି କରିଥିଲେ ଜ୍ୟୋତି

### ୨,୫୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କଲା ପୋଲିସ

ହିସାର, ୧୬।୮

ହରିୟାଣା ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଶନିବାର ହିସାରର ଏକ ସ୍ଥାନୀୟ କୋର୍ଟରେ ୟୁଟ୍ୟୁବର ଜ୍ୟୋତି ମାଲ୍‌ହୋତ୍ରାଙ୍କ ବିରୋଧରେ ୨,୫୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ଜ୍ୟୋତି ପାକିସ୍ତାନ ପାଇଁ ଗୁପ୍ତଚର ଗିରି କରୁଥିବା ନେଇ ଠୋସ୍ ପ୍ରମାଣ ମିଳିଛି ବୋଲି ଉକ୍ତ ଚାର୍ଜଶିଟରେ ଉଲ୍ଲେଖ ରହିଛି। ଜ୍ୟୋତି ଲମ୍ବା ସମୟ ଧରି ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିଲେ। ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିଶନର ପୂର୍ବତନ ଅଧିକାରୀ ଦାନିଶ ଅଲ୍ଲୀଙ୍କ ସହ ତାଙ୍କର ସମ୍ପର୍କ ଥିଲା। ଆଇଏସ୍‌ଆଇ ଏଜେଣ୍ଟ ଶାକିର, ହସନ ଅଲ୍ଲୀ, ନାସି ଢିଲ୍ଲୋଙ୍କ ସହ ମଧ୍ୟ ସେ ସମ୍ପର୍କରେ ଥିଲେ। ଚାର୍ଜଶିଟ୍ ଅନୁଯାୟୀ, ଜ୍ୟୋତି ୨୦୨୪ ଏପ୍ରିଲ ୧୭ରେ ପାକିସ୍ତାନ ଯାଇ ମେ' ୧୫ରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ କରତାରପୁର କରିଡର ଦେଇ ପାକିସ୍ତାନ ଯାଇଥିଲେ



ଜ୍ୟୋତି ମାଲ୍‌ହୋତ୍ରା

ଏବଂ ପାକିସ୍ତାନର ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ଝିଅ ମରିୟମ ନୱାଜଙ୍କୁ ଭେଟି ତାଙ୍କର ସାକ୍ଷାତ୍‌କାର ନେଇଥିଲେ। ପ୍ରକାଶ ଯେ, ଗତ ମେ' ୧୬ରେ ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ହିସାର ପୋଲିସ ଜ୍ୟୋତିଙ୍କୁ ଗିରଫ କରିଥିଲା।

### ଦ୍ୱିଭାଷୀ ମଡେଲରେ ନୂଆ ଶିକ୍ଷାନୀତି ଆଣିବ କର୍ଣ୍ଣାଟକ

ବେଙ୍ଗାଲୁରୁ,୧୬।୮

ଜାତୀୟ ଶିକ୍ଷାନୀତି (ଏନ୍‌ଇପି)କୁ ବିରୋଧ କରି ତାମିଲନାଡୁ ସରକାର ରାଜ୍ୟ ପାଇଁ ନୂଆ ଶିକ୍ଷାନୀତି ଆଣିଥିବାବେଳେ କର୍ଣ୍ଣାଟକ ସରକାର ଖୁବ୍‌ଶୀଘ୍ର ରାଜ୍ୟକୈନ୍ଦ୍ରିକ ଶିକ୍ଷାନୀତି ଆପଣାଇବାକୁ ଯାଉଛନ୍ତି। ଏଥିପାଇଁ କେତେକ ପଦକ୍ଷେପ ସମ୍ପର୍କରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଘୋଷଣା କରିଛନ୍ତି। ଏନେଇ ପ୍ରଫେସର ସୁଖଦେଓ ଥୋରାଟଙ୍କ ଅଧ୍ୟକ୍ଷତାରେ ଗଠିତ ଆୟୋଗ ଗତ ୮ ତାରିଖରେ ରିପୋର୍ଟ ଦାଖଲ କରିଛି। ଏଥିରେ ସ୍କୁଲ୍‌ଗୁଡ଼ିକ ପାଇଁ ଦ୍ୱିଭାଷୀ ମଡେଲ ନିମନ୍ତେ ସୁପାରିସ କରାଯାଇଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ କନ୍ନଡ କିମ୍ବା ମାତୃଭାଷା ମାଧ୍ୟମରେ ପାଠ ପଢ଼ାଯିବ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ବଦଳରେ ସ୍ୱତନ୍ତ୍ର ଶିକ୍ଷାନୀତି ଆଣିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଥିଲା। ତଦନୁଯାୟୀ ୨୦୨୩ ଅକ୍ଟୋବରରେ କମିଶନ ଗଢ଼ାଯାଇଥିଲା ବୋଲି ସିଦ୍ଧାରାମାୟା କହିଛନ୍ତି। ଚଳିତ ବର୍ଷ ୨,୫୦୦ କୋଟି ଟଙ୍କା ବ୍ୟୟରେ ରାଜ୍ୟରେ ୫୦୦ କର୍ଣ୍ଣାଟକ ପବ୍ଲିକ୍ ସ୍କୁଲ୍ (କେପିଏସ୍) ପ୍ରତିଷ୍ଠା କରାଯିବ ବୋଲି ସେ ଘୋଷଣା କରିଛନ୍ତି।

# ଟ୍ରମ୍ପ-ପୁଟିନ୍ ଆଲୋଚନା: ଯୁଦ୍ଧ ବନ୍ଦ ନେଇ ଚୁକ୍ତିନାମା ହେଲାନି

ୱାଶିଂଟନ,୧୬।୮

ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ଶୁକ୍ରବାର ବହୁପ୍ରତୀକ୍ଷିତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ତେବେ ୟୁକ୍ରେନ୍‌ରେ ରୁଷିଆ ଯୁଦ୍ଧ ବନ୍ଦ ଲାଗି ଉଭୟ ନେତା କୌଣସି ଚୁକ୍ତିନାମାରେ ପହଞ୍ଚି ନ ଥିବା ବୈଠକ ଶେଷରେ ଟ୍ରମ୍ପ କହିଛନ୍ତି।

ଆଲୋଚନା ବେଳେ ପୁଟିନ୍ ୟୁକ୍ରେନ୍‌ର ଡୋନେସ୍କ ଏବଂ ଲୁହାନ୍‌ସ୍କକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେବା ପାଇଁ ଦାବି କରିଥିଲେ। ଯୁଦ୍ଧ ବନ୍ଦ କରିବାକୁ ହେଲେ ୟୁକ୍ରେନ୍‌କୁ ଉପରୋକ୍ତ ଦାବି ମାନିନେବାକୁ ପଡ଼ିବ। ଏହା ମସ୍କୋର ମୁଖ୍ୟ ଦାବି ହୋଇଥିବାବେଳେ ସେଥିରୁ ଓହରିପାରିବୁ ନାହିଁ ପୁଟିନ୍ ସ୍ପଷ୍ଟ କରିଥିଲେ। ଏହା ବଦଳରେ ଖେରସନ ଏବଂ ଜାପୋରଝିଆରେ ଫ୍ରଣ୍ଟଲାଇନ୍ ଆକ୍ରମଣ ବନ୍ଦ କରିବା ସହ ଅଧିକ ଆକ୍ରମଣରୁ ବିରତ ରହିବେ ବୋଲି ପୁଟିନ୍ ରାଜି ହୋଇଥିଲେ। ପୁଟିନ୍‌ଙ୍କ ଦାବି ସମ୍ପର୍କରେ ଟ୍ରମ୍ପ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କୁ ଜଣାଇଥିଲେ ମଧ୍ୟ ସେ ଏଥିରେ ରାଜି ନ ଥିବା ଏକ ସୂତ୍ରରୁ ଜଣାପଡ଼ିଛି।




ଆଲାସ୍କାର ଜଏଣ୍ଟ ବେସ୍ ଏଲ୍‌ମେଣ୍ଡୋର୍ଫ-ରିଚାର୍ଡସନ୍‌ଠାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଲୋଚନା କରୁଛନ୍ତି।

ଆଲୋଚନା ପରେ ଟ୍ରମ୍ପ ଶନିବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଓ ନାଟୋ ନେତାମାନଙ୍କୁ ଅବଗତ କରାଇଛନ୍ତି। ପୁଟିନ୍‌ଙ୍କୁ ସ୍ୱାଗତ ପାଇଁ ରେଡ୍ କାର୍ପେଟ ବିଛାଯାଇଥିଲେ ମଧ୍ୟ ରୁଷିଆ ଯୁଦ୍ଧ ବନ୍ଦ ନେଇ କୌଣସି ରାଜିନାମା ହୋଇପାରି ନ ଥିବା ଟ୍ରମ୍ପ କହିଛନ୍ତି। ଆଲାସ୍କା ଛାଡ଼ିବା ପରେ ଏକ ନ୍ୟୁଜ୍ ଚ୍ୟାନେଲକୁ ସେ କହିଥିଲେ, ଯୁଦ୍ଧବିରତି କରାଇବା ଦାୟିତ୍ୱ ଏବେ ଜେଲେନ୍‌ସ୍କିଙ୍କ ଉପରକୁ ଯାଉଛି। ଏଥିରେ ୟୁରୋପୀୟ ଦେଶଗୁଡ଼ିକର ସମ୍ପୃକ୍ତି ରହିବ।

ଜେଲେନ୍‌ସ୍କି ସୋମବାର ୱାଶିଂଟନ ଯାଇ ଟ୍ରମ୍ପଙ୍କୁ ଭେଟିବେ ବୋଲି କହିଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଅସ୍ତ୍ରବିରତି ନୁହେଁ, ଶାନ୍ତି ଚୁକ୍ତିନାମା ସବୁଠୁ ଭଲ ହେବ ବୋଲି ଟ୍ରମ୍ପ କହିଛନ୍ତି। ରୁଷିଆ ମଧ୍ୟ ସାମୟିକ ଯୁଦ୍ଧବିରତିରେ ଆଗ୍ରହୀ ନ ଥିବା ପୁଟିନ୍‌ଙ୍କ ଉକ୍ତିକୁ ଟ୍ରମ୍ପ ଦୋହରାଇଛନ୍ତି। ଆଲାସ୍କା ସମିଟ୍‌କୁ ଜେଲେନ୍‌ସ୍କିଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା ବେଳେ ଶନିବାର ଟ୍ରମ୍ପ ତାଙ୍କ ସହ ଦୀର୍ଘ ସମୟ କଥା ହୋଇଥିଲେ ଓ ୱାଶିଂଟନ ଆସିବାକୁ ଆମନ୍ତ୍ରଣ କରିଥିଲେ। ଯୁଦ୍ଧ ଓ ହତ୍ୟାକାଣ୍ଡ ବନ୍ଦ ପାଇଁ ସବିଶେଷ ଆଲୋଚନା ହେବ ବୋଲି ଟ୍ରମ୍ପ କହିଥିବାରୁ ଜେଲେନ୍‌ସ୍କି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଆଲାସ୍କାରେ ପୁଟିନ୍ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରମ୍ପ ପୁଟିନ୍‌ଙ୍କ ସହ କରମର୍ଦ୍ଦନ କରିବା ପରେ ଉଭୟଙ୍କ ମଧ୍ୟରେ ୨.୫ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଯୁଦ୍ଧ ବନ୍ଦ ନେଇ ଶୀର୍ଷ ଉପଦେଷ୍ଟାମାନଙ୍କ ସହ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ଆଲୋଚନାରୁ ୟୁକ୍ରେନ୍ ଓ ୟୁରୋପୀୟ ନେତାଙ୍କୁ ବାଦ୍ ଦିଆଯାଇଥବାରୁ ଜେଲେନ୍‌ସ୍କି ପୂର୍ବରୁ ଏହାକୁ ବିରୋଧ କରିଥିଲେ। ସମସ୍ତେ ଯୁଦ୍ଧର ସାଧୁତାପୂର୍ଣ୍ଣ ବନ୍ଦ ଚାହାନ୍ତି। ଯୁଦ୍ଧ ବନ୍ଦ ପାଇଁ ଯଥାସମ୍ଭବ ଫଳପ୍ରଦ କାର୍ଯ୍ୟ କରିବାକୁ ୟୁକ୍ରେନ୍ ପ୍ରସ୍ତୁତ। ଯୁଦ୍ଧ ବନ୍ଦ ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଉ ନ ଥିବାରୁ ଏହା ଜାରି ରହିଛି। ଯୁଦ୍ଧବନ୍ଦ ପ୍ରସ୍ତୁତି ନେଇ ମସ୍କୋ ପକ୍ଷରୁ କୌଣସି ସଙ୍କେତ ଦିଆଯାଇ ନ ଥିବା ଜେଲେନ୍‌ସ୍କି କହିଥିଲେ।

### ଭାରତ ଉପରେ ଅତିରିକ୍ତ ଟାରିଫ୍ ଲଗାଇ ନ ପାରେ ଆମେରିକା

ନ୍ୟୁୟର୍କ,୧୬।୮(ପି.ଟି.)

ରୁଷିଆଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ଅତିରିକ୍ତ ଟିକସ ନ ଲଗାଇପାରେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଙ୍କେତ ଦେଇଛନ୍ତି। ଆମେରିକା ଅତିରିକ୍ତ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ ଭାରତ କ୍ଷତିଗ୍ରସ୍ତ ହୋଇଥାନ୍ତା ବୋଲି ଆଶଙ୍କା କରାଯାଉଥିଲା। ତେବେ ଏତେଶୀଘ୍ର ରୁଷିଆ ଓ ଏହାର ବାଣିଜ୍ୟ ସହଯୋଗୀଙ୍କ ଉପରେ ଅତିରିକ୍ତ ଟାରିଫ୍ ଲଗାଯାଉ ନାହିଁ। ୨ରୁ ୩ ସପ୍ତାହ ମଧ୍ୟରେ ଏହାର ପୁନର୍ବିଚାର କରିବେ ବୋଲି ଟ୍ରମ୍ପ କହିଥିବାରୁ ଭାରତ ପାଇଁ ଆଶ୍ୱସ୍ତି ଆଣିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା ପରେ ଟ୍ରମ୍ପ ମସ୍କୋ ପ୍ରତି ତାଙ୍କ ଆଭିମୁଖ୍ୟକୁ କୋହଳ କରିଥିବା ଫକ୍ସ ନ୍ୟୁଜକୁ ଏକ ସାକ୍ଷାତ୍‌କାର ଦେବା ଅବସରରେ କହିଛନ୍ତି। ଆଲାସ୍କା ସମିଟ୍ ଠିକ୍‌ଠାକ୍ ଚାଲିଥିବାରୁ ଏହାକୁ ସେ ୧୦ରେ ୧୦ ରେଟିଂ ଦେଇଛନ୍ତି।

### ଆଜି ଭାରତ ଫେରିବେ ଶୁଭାଂଶୁ



ନୂଆଦିଲ୍ଲୀ, ୧୬।୮(ପି.ଟି.)

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ରବିବାର ଆମେରିକାରୁ ଭାରତ ଫେରିବେ। ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଏବଂ ଆମେରିକୀୟ ମହାକାଶ ସଂସ୍ଥା (ନାସା)ର ମିଳିତ ଆକ୍ସିଓମ ୪ ମିଶନ ଅନ୍ତର୍ଗତ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ରେ ପହଞ୍ଚି ଶୁଭାଂଶୁ ଇତିହାସ ରଚିଥିଲେ। ନୂଆଦିଲ୍ଲୀରେ ପହଞ୍ଚିବା ପରେ ଶୁଭାଂଶୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ନିଜ ସହର ଲକ୍ଷ୍ନୌକୁ ଯିବେ। ୨୨ ଓ ୨୩ରେ ନୂଆଦିଲ୍ଲୀଠାରେ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## 'ଦି ବେଙ୍ଗଲ ଫାଇଲ୍ସ' ଇଭେଣ୍ଟରେ ବିବାଦ

କୋଲକାତା, ୧୬।୮

ଫିଲ୍ମ ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀଙ୍କ 'ଦି ବେଙ୍ଗଲ ଫାଇଲ୍ସ' ସିନେମାର ଟ୍ରେଲର ଲଞ୍ଚ୍ ଇଭେଣ୍ଟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଶନିବାର ଅପରାହ୍ନରେ କୋଲକାତାର ଏକ ପଞ୍ଚତାରକା ହୋଟେଲରେ ଅନୁଷ୍ଠିତ ହେବାକୁ ଥିବା ଏହି ଇଭେଣ୍ଟକୁ ପୋଲିସ ବନ୍ଦ କରିଥିବା ଅଗ୍ନିହୋତ୍ରୀ ଅଭିଯୋଗ କରିଛନ୍ତି। ଫିଲ୍ମର ସ୍କ୍ରିନିଂ ପାଇଁ ବ୍ୟବହୃତ ଲାପ୍‌ଟପ୍‌କୁ ପୋଲିସ ଜବତ କରିଥିବା ସେ କହିଛନ୍ତି। ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାରଙ୍କୁ ସମାଲୋଚନା କରି ଅଗ୍ନିହୋତ୍ରୀ କହିଛନ୍ତି, ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୋଲିସ 'ଦି ବେଙ୍ଗଲ ଫାଇଲ୍ସ'ର ଟ୍ରେଲର ଇଭେଣ୍ଟକୁ ବନ୍ଦ କରିଛି। ଶେଷ ମୁହୂର୍ତ୍ତରେ ଇଭେଣ୍ଟକୁ ବାତିଲ କରିବା ରାଜ୍ୟ ସରକାରଙ୍କ ଅସହିଷ୍ଣୁତାକୁ ଦର୍ଶାଉଛି। ବୋଧହୁଏ କୋଲକାତାରେ ମତବ୍ୟକ୍ତ କରିବାର ସ୍ୱାଧୀନତା ନାହିଁ। ତେବେ



ବିବେକ ଅଗ୍ନିହୋତ୍ରୀ




ଅଗ୍ନିହୋତ୍ରୀଙ୍କ ଏହି ଅଭିଯୋଗକୁ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଭିତ୍ତିହୀନ ବୋଲି କହିଛି। ପୂର୍ବତନ ଟିଏମ୍‌ସି ଏମ୍‌ପି କୁନାଲ ଘୋଷ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ଦଳର ରାଜନୈତିକ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ ଅଗ୍ନିହୋତ୍ରୀ ସିନେମାକୁ ବ୍ୟବହାର କରୁଥିବାର ଅନେକ ନଜିର ରହିଛି। ଲୋକଙ୍କ ମଧ୍ୟରେ ବିଭାଜନର ମାନସିକତା ସୃଷ୍ଟି କରିବା ପାଇଁ 'ଦି ବେଙ୍ଗଲ ଫାଇଲ୍ସ' ଫିଲ୍ମକୁ ନିର୍ମାଣ କରାଯାଇଛି। କୋଲକାତା ଆସି ଡ୍ରାମା କରିବାକୁ ଅଗ୍ନିହୋତ୍ରୀଙ୍କୁ ଅନୁମତି ମିଳିବ ନାହିଁ ବୋଲି କୁନାଲ କହିଛନ୍ତି। ବିବାଦ ମଧ୍ୟରେ ପ୍ରଡକ୍ସନ କମ୍ପାନୀ 'ଜି ଷ୍ଟୁଡିଓଜ୍' ପକ୍ଷରୁ ସୋସିଆଲ ମିଡିଆରେ 'ଦି ବେଙ୍ଗଲ ଫାଇଲ୍ସ' ଫିଲ୍ମର ଟ୍ରେଲରକୁ ଜାରି କରାଯାଇଛି। ପ୍ରକାଶ ଯେ, ୧୯୪୬ରେ ଗ୍ରେଟର କଲିକତାରେ ହୋଇଥିବା ନରସଂହାର ଏବଂ ଦଙ୍ଗାକୁ ନେଇ 'ଦି ବେଙ୍ଗଲ ଫାଇଲ୍ସ' ଫିଲ୍ମ ଆଧାରିତ।

### ୧୨%, ୨୮% ଜିଏସ୍‌ଟି ସ୍ଲାବ୍ ହଟିବ

ନୂଆଦିଲ୍ଲୀ,୧୬।୮

ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) କାର୍ଯ୍ୟକାରୀ ହେବାର ୮ ବର୍ଷ ପରେ କେନ୍ଦ୍ର ସରକାର ଏଥିରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ପୂର୍ବରୁ ରହିଥିବା ୧୨ ଏବଂ ୨୮% ସ୍ଲାବ୍‌କୁ ହଟାଇ ଦିଆଯାଇ କେବଳ ୫% ଓ ୧୮% ଦୁଇଟି ସ୍ଲାବ୍ ରହିବ। ସିଗାରେଟ୍, ତମାଖୁ ଆଦି ସାମଗ୍ରୀ ଉପରେ ୪୦% ଜିଏସ୍‌ଟି ଲାଗିବ। ସଂଶୋଧିତ ଜିଏସ୍‌ଟି ଯୋଗୁ ନାଗରିକ ଓ ବ୍ୟବସାୟ ପ୍ରତିଷ୍ଠାନଙ୍କୁ କମ୍ ଟିକସ ଦେବାକୁ ପଡ଼ିବ। ଆଗାମୀ ଦୀପାବଳି ସୁଦ୍ଧା ଏହା କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି। ଗୁରୁବାର ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ବୈଠକରେ ଏନେଇ ଆଲୋଚନା ହେବ। ଖାଦ୍ୟସାମଗ୍ରୀ, ଔଷଧ, ଡାକ୍ତରୀ ଉପକରଣ, ମନୋହରି ଓ ପଠନ ସାମଗ୍ରୀ ଏବଂ ଦୈନନ୍ଦିନ ଆବଶ୍ୟକ ସମାଗ୍ରୀ ଉପରେ ଆଦୌ ଜିଏସ୍‌ଟି ଲାଗିବ ନାହିଁ କିମ୍ବା ୫% ଲାଗୁ ହେବ ବୋଲି ଜଣାପଡ଼ିଛି।

## ବିକଶିତ ଭାରତ ରୋଜଗାର ଯୋଜନା ଘୋଷଣା କଲେ ମୋଦି

ନୂଆଦିଲ୍ଲୀ,୧୬।୮

୭୯ତମ ସ୍ୱାଧୀନତା ଦିବସ ଅବସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲ୍‌କିଲ୍ଲାରୁ ଉଦ୍‌ବୋଧନ ଦେବା ଅବସରରେ ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନାର ଶୁଭାରମ୍ଭ କରିଛନ୍ତି। ଦେଶବ୍ୟାପୀ ଯୁବବର୍ଗଙ୍କ ନିମନ୍ତେ ଏହି ଯୋଜନାରେ ୩.୫ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅଗଷ୍ଟ ୧୫ରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ପ୍ରଥମ ଥର ନିଯୁକ୍ତି ପାଇଥିବା କର୍ମଚାରୀ ଓ ଘରୋଇ ସେକ୍ଟର ନିଯୁକ୍ତିଦାତାମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଘରୋଇ କ୍ଷେତ୍ରରେ ପ୍ରଥମେ ନିଯୁକ୍ତ ହୋଇଥିବା ଯୁବତୀ ଯୁବକ



ସରକାରଙ୍କଠାରୁ ସିଧାସଳଖ ୧୫,୦୦୦ ଟଙ୍କା ପାଇବେ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଆନୁଷ୍ଠାନିକ ନିଯୁକ୍ତି ପାଇଁ ଏହି ଯୋଜନା ସହାୟକ ହେବ। ନିଯୁକ୍ତି ସୃଷ୍ଟି ବଢ଼ାଇବା ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି। ଯେଉଁ କମ୍ପାନୀଗୁଡ଼ିକ ସ୍ଥାୟୀ ନିଯୁକ୍ତି ସୃଷ୍ଟି କରିବେ, ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେଉଥିବା ନିଯୁକ୍ତିଦାତାମାନଙ୍କୁ ପ୍ରତି ନୂଆ କର୍ମଚାରୀ ପ୍ରତି ମାସିକ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ସରକାର ଯୋଗାଇ ଦେବେ। ଏହା ଉତ୍ପାଦନ ସେକ୍ଟର ପାଇଁ ଲାଭଦାୟକ ହେବ। ଆଗାମୀ ୨ ବର୍ଷରେ ଏହି ଯୋଜନାରେ ପ୍ରାୟ ୩.୫ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବା ଆଶା କରାଯାଉଛି। ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ଏବଂ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ମିଳିତ ଭାବେ ଏହି ଯୋଜନାର ତଦାରଖ କରିବେ। ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ରଖିଥିବା ପ୍ରଧାନମନ୍ତ୍ରୀ ଏହି ଯୋଜନାକୁ ମିଶନର ଆଧାର ଶିଳା ଭାବେ ନେଇଛନ୍ତି। ଯୁବବର୍ଗଙ୍କ ପାଇଁ ଏହା ତାଙ୍କର ଉପହାର ଏବଂ ଡବଲ ଦୀପାବଳି ଉତ୍ସବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଫୁରସତ୍

# ସବୁଠୁ ଅସୁନ୍ଦର କୁକୁର

### ଟାଇଟଲ ଜିତି ୫.୩ ଲକ୍ଷ ହାତେଇଲା ୨ ବର୍ଷୀୟ 'ପେଟୁନିଆ'

ୱାଶିଂଟନ୍

ନିକଟରେ ଆମେରିକାର କାଲିଫର୍ନିଆ ରାଜ୍ୟ ସାନ୍ତାରୋଜାସ୍ଥିତ ସୋନୋମା କାଉଣ୍ଟି ଫେୟାରରେ 'ବିଶ୍ୱର ସବୁଠାରୁ ଅସୁନ୍ଦର କୁକୁର ପ୍ରତିଯୋଗିତା ୨୦୨୫'ର ଆୟୋଜନ ହୋଇଥିଲା। ଚଳିତ ଥର ଏହି ନିଆରା ପ୍ରତିଯୋଗିତାରେ ୨ ବର୍ଷୀୟ ହେୟାରଲେସ୍ ଇଂଲିଶ-ଫ୍ରେଞ୍ଚ ବୁଲ୍‌ଡଗ୍ 'ପେଟୁନିଆ' ବିଜୟୀ ହୋଇ ସବୁଠାରୁ ଅସୁନ୍ଦର କୁକୁରର ଆଖ୍ୟା ପାଇଛି। ପେଟୁନିଆ ଓ ଏହାର ମାଲିକାଣୀ ତଥା ଆମେରିକାର ଓରେଗନ୍ ରାଜ୍ୟ ନିବାସୀ ଶାନନ୍ ନାଇମାନଙ୍କୁ ୫ ହଜାର ଡଲାର



(ପ୍ରାୟ ୪.୪ ଲକ୍ଷ ଟଙ୍କା)ର ପୁରସ୍କାର ରାଶି ମିଳିଛି। ପେଟୁନିଆର ଚେହେରା ଜଳହସ୍ତୀ ଏବଂ ବାଦୁଡ଼ିର ମିଶ୍ରିତ ଚେହେରା ପରି ହୋଇଥିବା ନେଇ ପ୍ରତିଯୋଗିତାର ଜଣେ ବିଚାରପତି କହିଛନ୍ତି। ନିଜର ଅଜବ ଚେହେରା ଏବଂ ଆକାର ଯୋଗୁ ପେଟୁନିଆକୁ ବିଶ୍ୱର ସବୁଠାରୁ ଅସୁନ୍ଦର କୁକୁରର ଟାଇଟଲ ମିଳିଥିବା ସେ କହିଛନ୍ତି।

ପେଟୁନିଆକୁ ଆମେରିକାରେ ଲାସ୍ ଭେଗାସ୍‌ରୁ ଉଦ୍ଧାର କରାଯାଇଥିଲା। ଓରେଗନସ୍ଥିତ ଲଭେବଲ୍ ଡଗ୍ ରେସ୍କ୍ୟୁ ଟିମ୍ ପେଟୁନିଆକୁ ଉଦ୍ଧାରକରି ତାକୁ ଏକ ନୂତନ ଜୀବନ ଦେଇଥିଲା। ପେଟୁନିଆର ମାଲିକାଣୀ ଶାନନ୍ ଲଭେବଲ୍ ଡଗ୍ ରେସ୍କ୍ୟୁ ଟିମ୍‌ଠାରୁ ତାକୁ କିଣିଥିଲେ। ଶାନନ୍ କହିଛନ୍ତି, ପ୍ରତିଯୋଗିତାର ଟାଇଟଲ ହାସଲ କରିବା ପରେ ଏବେ ପେଟୁନିଆ ଭଲ ଅନୁଭବ କରୁଛି। ସେ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ପ୍ରେମ ଏବଂ ସ୍ନେହ ପାଇବାକୁ ଭଲ ପାଇଥାଏ। ପେଟୁନିଆ ଶାନ୍ତ ସ୍ୱଭାବର ବୋଲି ଶାନନ୍ କହିଛନ୍ତି।

ଚଳିତ ବର୍ଷର ଅସୁନ୍ଦର କୁକୁର ପ୍ରତିଯୋଗିତାରେ ଶତାଧିକ କୁକୁର ଓ ସେମାନଙ୍କର ମାଲିକ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ପ୍ରାୟ ୫୦ ବର୍ଷ ଧରି ସୋନୋମା କାଉଣ୍ଟି ଫେୟାରରେ ଆୟୋଜନ କରାଯାଇ ଆସୁଛି। ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଥିବା କୁକୁରଗୁଡ଼ିକୁ ଅଣଦେଖା ନ କରି ପୋଷା କୁକୁର ଭାବେ ଗ୍ରହଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି।

## ୭୮ କୋଟିର ଘର କିଣିଲେ କ୍ରିତି

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ରିୟଲ୍ ଇଷ୍ଟେଟ୍ ଜଗତରେ ବଡ଼ ନିବେଶ କରିଛନ୍ତି। ମୁମ୍ବାଇର ବାନ୍ଦ୍ରାସ୍ଥିତ ପାଲି ହିଲ୍ ପୋଶ୍ ଅଞ୍ଚଳରେ ସେ ୭୮.୨୦ କୋଟି ଟଙ୍କାରେ ଏକ ସି ଫେସିଂ ଲକ୍‌ଜୁରି ଡୁପ୍ଲେକ୍ସ ପେଣ୍ଟହାଉସ୍ କିଣିଛନ୍ତି। ଏହି ଘର 'ସୁପ୍ରିମ ପ୍ରାଣ' ନାମକ ଏକ ବିଳାସପୂର୍ଣ୍ଣ ଆବାସିକ ବିଲ୍ଡିଂରେ ଅବସ୍ଥିତ। ଏହି ଡୁପ୍ଲେକ୍ସ ପେଣ୍ଟହାଉସ୍ ୭,୩୦୨ ବର୍ଗଫୁଟ ପରିବ୍ୟାପ୍ତ ହୋଇଥିବା ବେଳେ ବିଲ୍ଡିଂର ୧୪ ଏବଂ ୧୫ତମ ମହଲାରେ ଏହା ଅବସ୍ଥିତ। କ୍ରିତିଙ୍କ ଏହି ବିଳାସପୂର୍ଣ୍ଣ ଘରେ ୧,୨୫୦ ବର୍ଗଫୁଟର ଏକ ବାଲ୍‌କୋନି ରହିଛି, ଯେଉଁଠାରୁ ସମୁଦ୍ରର ମନୋରମ ଦୃଶ୍ୟକୁ ଉପଭୋଗ କରିହେବ। ଏହି ବିଳାସପୂର୍ଣ୍ଣ ଘର ସହ କ୍ରିତିଙ୍କୁ ୬ଟି କାର୍ ପାର୍କିଂ ସ୍ଲଟ୍ ମଧ୍ୟ ମିଳିଛି। ରିପୋର୍ଟ ଅନୁଯାୟୀ, ଗତ ୧୪ ତାରିଖରେ କ୍ରିତି ଏହି ନୂତନ ଘରକୁ କିଣିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା କ୍ରିତିଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇନାହିଁ। ପୂର୍ବରୁ ୨୦୨୩ରେ କ୍ରିତି ମହାରାଷ୍ଟ୍ରର ଆଲିବାଗରେ ୨,୦୦୦ ବର୍ଗଫୁଟର ଏକ ଫ୍ଲାଟ୍ କିଣିଥିଲେ। ୨୦୨୪ରେ ସେ ବାନ୍ଦ୍ରା ୱେଷ୍ଟରେ ଏକ ୪-ବିଏଚ୍‌କେ ଆପାର୍ଟମେଣ୍ଟ ମଧ୍ୟ କିଣିଥିଲେ। ଆଗାମୀ ଦିନରେ କ୍ରିତିଙ୍କୁ ଅଭିନେତା ଧନୁଷଙ୍କ ସହ 'ତେରେ ଇଶ୍କ ମେଁ' ଏବଂ ଅଭିନେତା ରଣବୀର ସିଂଙ୍କ ସହ 'ଡନ୍ ୩' ପରି ବଡ଼ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ।



କ୍ରିତି ସାନନ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଶ୍ରମରେ ଅନ୍ତେବାସୀଙ୍କୁ ବଳାତ୍କାର, ବାବା ଗିରଫ

କମାକ୍ଷାନଗର, ୧୬।୮ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମଠକରଗୋଳା ଗ୍ରାମରେ ଥିବା ଇସ୍କନଧର୍ମୀ ମଧୁମଙ୍ଗଳ ଆଶ୍ରମରେ ଜଣେ ଅନ୍ତେବାସୀ ମହିଳାଙ୍କୁ ବଳାତ୍କାର ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ବାବା ମଦନ ମହାରାଜା ଓରଫ ମଦନ ମୋହନ ପରିଡ଼ାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଦୀର୍ଘ ୧୫ ବର୍ଷ ହେବ ବାବା ମଦନ ମୋହନ ମଧୁମଙ୍ଗଳ ଆଶ୍ରମ ଚଳାଇ ଆସୁଥିଲେ। ପୀଡ଼ିତା ମହିଳା କିଛି


ଗିରଫ ବାବା ମଦନ ମୋହନ

ଦିନ ହେବ ଆଶ୍ରମକୁ ଆସି ଠାକୁରଙ୍କ ସେବାକାର୍ଯ୍ୟ କରିବା ସହ ଫୁଲମାଳ ଗୁନ୍ଥୁଥିଲେ। ଗତ ସୋମବାର ରାତି ପ୍ରାୟ ୧୦ଟା ସମୟରେ ମହିଳା ଜଣଙ୍କ ନିଜ କୋଠରିରେ ବିଶ୍ରାମ ନେଉଥିବା ବେଳେ ବାବା ସେହି କୋଠରିକୁ ଆସି ତାଙ୍କୁ ବଳାତ୍କାର କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ପୋଲିସ ଓ ସାଇଣ୍ଟିଫିକ ଟିମ ପୀଡ଼ିତାଙ୍କୁ ନେଇ ଆଶ୍ରମ ପରିସରରେ ପହଞ୍ଚି ତଦନ୍ତ କରିବା ସହ କେସ୍ ନଂ ୪୨୦/୨୫ରେ ମାମଲା ରୁଜୁକରି ଭାରତୀୟ ନ୍ୟାୟ ସଂହିତା ଦଫା ୬୪(୨),୧୧୫(୨), ୩୦୩(୨), ୨୩୮, ୩(୨)ରେ ଉଭୟଙ୍କ ଡାକ୍ତରୀ ମାଇନା କରାଇ ବାବାଙ୍କୁ କୋର୍ଟ ଚାଲାଣ କରିଛି। କୋର୍ଟରେ ବାବାଙ୍କ ଜାମିନ ନା ମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ବାବା ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କୁ ଫସେଇ ଦିଆଯାଇଛି, ସେମିତି କୌଣସି ଘଟଣା ଘଟିନାହିଁ।

# ଟ୍ରେନ୍ ଟଏଲେଟରୁ ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୧୬।୮ (ସତ୍ୟଜିତ ରାଉତ)

ଦିଲ୍ଲୀ-ଭୁବନେଶ୍ୱର ଦୂରନ୍ତୋ ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର-୨୨୮୦୫)ରୁ ଶନିବାର ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ଟ୍ରେନ୍‌ଟି ସତ୍ୟନଗର ୱାଶିଂ ଲାଇନ୍ ନିକଟରେ ଥିବାବେଳେ ଏହାର ଏକ ଟଏଲେଟରେ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଜବତ କରାଯାଇଛି। ମୃତଯୁବକଙ୍କ ପରିଚୟ ମିଳିଥିବାବେଳେ ସେ ଉତ୍ତରପ୍ରଦେଶ ବାଘୋଉଲି ଅଞ୍ଚଳର ଶିବ କୁମାର (୪୫) ବୋଲି ଜଣାପଡ଼ିଛି। ଏନେଇ ଭୁବନେଶ୍ୱର ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ଏକ ଅପମୃତ୍ୟୁ ମାମଲା (ନଂ.୫୫/୨୦୨୫) ରୁଜୁ କରି ତଦନ୍ତ କରୁଛି। ତେବେ ଏହା ହତ୍ୟା କି ଆତ୍ମହତ୍ୟା ସେନେଇ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜିଆର୍‌ପି ପକ୍ଷରୁ କୁହାଯାଇଛି।

ସୂଚନାନୁଯାୟୀ, ଶୁକ୍ରବାର ପ୍ରାୟ ୧୨ଟା ବେଳେ ଟ୍ରେନ୍‌ଟି ଭୁବନେଶ୍ୱରରେ ଲାଗିଥିଲା। ଏହାପରେ ୱାଶିଂ ଲାଇନ୍‌ରେ ଲାଗିଥିଲା। ଶନିବାର ସକାଳେ ୱାଶିଂ କର୍ମଚାରୀମାନେ ଟ୍ରେନ ସଫା କରୁଥିବାବେଳେ ଟଏଲେଟରେ ମୃତଦେହ ଦେଖିଥିଲେ। ମୃତଦେହଟି ପାଇଖାନାରେ ଏକ କପଡ଼ା ଦ୍ୱାରା ଝୁଲିଥିଲା। ଏନେଇ ଭୁବନେଶ୍ୱର ରେଲୱେ ଷ୍ଟେଶନର ଏସ୍‌ଏସ୍‌ଇ ସରୋଜ କୁମାର ଦାଶ ଥାନାରେ ଏତଲା ଦେଇଥିଲେ। ଜିଆର୍‌ପି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ରଖି ପରିବାର ଲୋକଙ୍କୁ ଖବର ଦେଇଛି। ପରିବାର ଲୋକେ ପହଁଚିବା ପରେ ସେମାନଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଦୁଇଦିନ ହେବ ଯୁବକଙ୍କ ମୃତ୍ୟୁ ହୋଇଯାଇଥିବା ଅନୁମାନ କରାଯାଉଛି।

# କାର୍ଯ୍ୟରେ ଅବହେଳା ପାଇଁ ଆଇଆଇସି ନିଲମ୍ବିତ

ଛତ୍ରପୁର, ୧୬।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ପୋଲିସ ଜିଲା ଛତ୍ରପୁର ଥାନା ଆଇଆଇସି ଦେବାଶିଷ ମହାନ୍ତି ଶନିବାର କାର୍ଯ୍ୟରୁ ନିଲମ୍ବନ ହୋଇଛନ୍ତି। କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ଓ ବିଶୃଙ୍ଖଳା ଲାଗି ରାଜ୍ୟ ପୋଲିସ ମୁଖ୍ୟାଳୟରୁ ତାଙ୍କୁ ନିଲମ୍ବନ


ଦେବାଶିଷ ମହାନ୍ତି

କରାଯାଇଛି। ନିଲମ୍ବନ ସମୟରେ ସେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଅଫିସ ଅଧୀନରେ ରହିବେ ବୋଲି ପ୍ରକାଶିତ ନିର୍ଦ୍ଦେଶନାମାରେ କୁହାଯାଇଛି।


## ମନେ ପଡ଼ନ୍ତି

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମନୋରଞ୍ଜନ ମଲ୍ଲିକ (ବିକି)
ଦାମୋଦରପୁର, ମଣପଡ଼ା, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୧।୧୨।୧୯୯୪
ତିରୋଧାନ: ୧୫।୦୮।୨୦୧୩

ଆଜିର ତିଥିରେ ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ ବି ଆମ୍ଭମାନଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବୁ। ତୋର ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ: ମାତା, ପିତା, ରାକି, ହାପି, ବାପି, ଠୁବିଆଣ୍ଟି, ଅଙ୍କଲ, ପାପାଲି, ବୁବୁନ୍, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୬୭୪

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା, ୧୨ ଗିରଫ

ରାୟଗଡ଼ା,୧୬।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ବଡ଼ଆଲୁବାଡ଼ି ପଞ୍ଚାୟତ ବୁରୁସୁବାଡ଼ି ଗାଁର କେତେକ ଲୋକ ଗୁଣି ସନ୍ଦେହରେ ରାମାରାଓ ଜିଲାକାରା(୪୦)ଙ୍କୁ ହତ୍ୟାକରି ମୃତଦେହକୁ ପୋଡ଼ି ଦେଇଛନ୍ତି। ପରିବାରବର୍ଗ ଭୟରେ ସମ୍ପର୍କୀୟଙ୍କ ଗାଁକୁ ଚାଲିଯାଇଥିବାବେଳେ ରାମାରାଓଙ୍କ ସାନଭାଇ ଧର୍ମା ଜିଲାକାରା ୧୨ ତାରିଖରେ ଶେଷଖାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୩/୨୫ରେ ମାମଲା ରୁଜୁକରି ଏଥିରେ ସମ୍ପୃକ୍ତ ୧୨ଜଣଙ୍କୁ ଗିରଫ ପରେ ୧୩ ତାରିଖରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମୁନି ଆଚାର୍ଯ୍ୟ କହିଛନ୍ତି। ପ୍ରକାଶ ଯେ, ଗତ ୭ ତାରିଖ ସକାଳେ ଗ୍ରାମର କାସାନା ଜିଲାକାରାଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ଗାଁର ବିଜୟ ଜିଲାକାରା, ପ୍ରାଭା ମାଣ୍ଡାଙ୍ଗି, ରାଜେଶ ମାଣ୍ଡାଙ୍ଗି, ବୁରୁଶା ମାଣ୍ଡାଙ୍ଗି, ପାର୍ଥ ଜିଲାକାରା, ଗମେୟା ଜିଲାକାରା, ଆଙ୍କେଶ ମାଣ୍ଡାଙ୍ଗି, ପ୍ରକାଶ ମାଣ୍ଡାଙ୍ଗି, ବମ୍ଭେୟା ମାଣ୍ଡାଙ୍ଗି ଏବଂ ଅନ୍ୟମାନେ ରାମାରାଓ ଗୁଣିକରି କାସାନାଙ୍କୁ ମାରି ଦେଇଥିବା ଅଭିଯୋଗକରି ତାଙ୍କୁ ଗାଁ ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ପରେ ବିଷ ପିଆଇ ପୋଡ଼ି ଦେଇଥିବା ଭାଇ ଧର୍ମା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଧର୍ମାଙ୍କ କହିବାନୁସାରେ ୨୦୨୩ରେ ଗ୍ରାମର ଈଶ୍ୱର ମାଣ୍ଡାଙ୍ଗିଙ୍କ ମୃତ୍ୟୁକୁ ନେଇ ବିଜୟ ଜିଲାକାରା, ଆଙ୍କେଶ, ପ୍ରକାଶ ଓ ବମ୍ଭେୟା ସେହି ସମୟରେ ମଧ ତାଙ୍କ ପରିବାରବର୍ଗଙ୍କୁ ଧମକ ଦେଇଥିଲେ। ପୋଲିସର ହସ୍ତକ୍ଷେପ ପରେ ଗ୍ରାମବାସୀ ଏକ ଚୁକ୍ତିନାମା କରି ରାମାରାଓଙ୍କ ପରିବାରର କିଛି କ୍ଷତି ନ କରିବା ପାଇଁ ଉଲ୍ଲେଖ କରିଥିଲେ ବୋଲି ଧର୍ମା କହିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ୨୦ବର୍ଷ ପୂର୍ବେ ଗ୍ରାମର କିଛି ଲୋକଙ୍କ ମୃତ୍ୟୁ ପରେ ଗୁଣି ସନ୍ଦେହରେ ଧର୍ମାଙ୍କ ବାପା ପେଦେୟା ଜିଲାକାରାଙ୍କୁ ହତ୍ୟା କରାଯାଇଥିଲା।

## ୨୦ବର୍ଷ ପୂର୍ବରୁ ବାପାଙ୍କୁ କରାଯାଇଥିଲା ହତ୍ୟା

## ହାତ ଦେଖାରୁ ବୃଦ୍ଧଙ୍କୁ ନିର୍ମମ ହତ୍ୟା

# ମୁଣ୍ଡରୁ ଗଣ୍ଡି ଅଲଗା କଲେ

ଭବାନୀପାଟଣା/ଜୁନାଗଡ଼,୧୬।୮ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ତଳଜାରିଙ୍ଗି ପଞ୍ଚାୟତର ଚେରମହୁଲ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ହାତ ଦେଖାକୁ ନେଇ ଜଣେ ଯୁବକ ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଛନ୍ତି। ହତ୍ୟାର ଶିକାର ହୋଇଥିବା ବୃଦ୍ଧ ହେଲେ ସ୍ଥାନୀୟ ତଳଜାରିଙ୍ଗି ଗ୍ରାମର ରଥ କନ୍ଦପାନ(୬୦)। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନରେ ବୃଦ୍ଧ ରଥ ଚେରମହୁଲ ଗ୍ରାମ ନିକଟରେ ଥିବା ଘନାଜଙ୍ଗଲକୁ ଖଟି ଆଣିବାକୁ ଯାଇଥିଲେ। ସେଠାରେ ଧରିଣୀଗୁଡି (ମହୁଲ) ଗଛଠାରେ ସେ କିଛି ସମୟ ଅଟକିରହିଥିବାବେଳେ ସେହି ସମୟରେ ଉକ୍ତ ଗ୍ରାମର ରତ୍ନା ମାଝୀ (୪୦)ଙ୍କ ସହିତ ଦେଖା ହୋଇଥିଲା। ବୃଦ୍ଧ ରଥ ହାତ ଦେଖି ଲୋକଙ୍କ ଭଲମନ୍ଦ କଥା କହନ୍ତି। ବୃଦ୍ଧଙ୍କ ସହ ଦେଖାହେବା ପରେ ରତ୍ନା ତାଙ୍କ ହାତ ଦେଖିବା ପାଇଁ କହିଥିଲେ। ରଥ ହାତଦେଖି ରତ୍ନାଙ୍କୁ ଭଲମନ୍ଦ ବିଷୟରେ


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

କହିଥିଲେ। ଏହା ଶୁଣି ରତ୍ନା ଉତ୍ତ୍ୟକ୍ତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ସେ ଘରକୁ ଆସି ଏକ ଟାଙ୍ଗିଆ ନେଇ ରଥଙ୍କୁ ହାଣି ମୁଣ୍ଡ ଓ ଗଣ୍ଡି ଅଲଗା କରିଦେଇଥିଲେ। ପରେ ମୁଣ୍ଡକୁ ନେଇ ସେଠାରୁ ପ୍ରାୟ ୩ଶହ ମିଟର ଦୂରରେ ଥିବା ଏକ ଶୁଖିଲା କୂଅରେ ଫିଙ୍ଗି ଦେଇଥିଲେ। ଖବର ପାଇ ଜୁନାଗଡ଼ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ମଧ ସେଠାରେ ଉପସ୍ଥିତ ଥିଲେ। ମୃତ ବୃଦ୍ଧଙ୍କ ସ୍ତ୍ରୀ ପୂର୍ଣ୍ଣିମା ତାଙ୍କ ସ୍ୱାମୀଙ୍କୁ ରତ୍ନା ହତ୍ୟା କରିଥିବା ନେଇ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୫୨/୨୫) ରୁଜୁ କରିବା ସହ ଅଭିଯୁକ୍ତ ରତ୍ନାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ସୂଚନା ଦେଇଛନ୍ତି।


# Classified Everyday
0674-2580101, 9692975378


MATRIMONIAL

GROOM WANTED

60 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 9040735429. D-1659

ବୟସ 29, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1663

Beautiful Karan girl 1992, 5'2", B.Tech (Electrical) Serving Dy. Manager OPTCL, "SUNASANSAR". 9937512659. D-1673


REAL ESTATE SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-1622

Prime stithiban plot for sale- Airport area, Bhubaneswar near Naveen Niwas, 2178sqft., excellent connectivity, developed area. Ideal for residential construction. The property is guarded and secluded by boundarywall around it. Expected possession of property immediately. Deal directly with the owner. No brokers involved, Contact- 9439861119. D-76071

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

**Duplex sale with gated Society near Allms Hospital, Bhubaneswar-9777433701.** D-1614

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open Jyoti Spa positively heath benefits (Expert therapist). Contact- 8458067955. D-76933

Newly open health benefits SPA by expert therapist Contact 9114559830. D-1661

AFFIDAVIT

I, Pravat Barik, S/o- Karunakar Barik, Resident of Ward No.- 7, At/P.O.- Ishanpur, P.S.- Bari Ramachandrapur, Dist.- Jajpur, PIN- 755005 Odisha declare by this affidavit No.- 1971, dt. 01.08.2025 that now onwards I shall be known as Pravat Kumar Barik for all future purposes. D-1658

By virtue of an affidavit sworn before Executive Magistrate, Bhubaneswar, dated 01.07.2025, I, Anima Panigrahy, W/o- Chittaranjan Panigrahy, Vill/P.O.- Bipulingi, Dist.- Ganjam, Odisha-761026, declare that I have changed my name from Anima Kumari Behera to Anima Panigrahy. Henceforth, I shall be known as Anima Panigrahy for all purposes.
Anima Panigrahy D-1657

By virtue of affidavit vide Sl. No.- 1480/12.08.2025 of Notary, Gunupur, Dist.- Rayagada, I, Sri Prakash Jena, S/o- Purnachandra Jena is declare in this affidavit that my daughter Tejaswi Jena, D/o- Prakash Jena and Dhanalaxmi Jena of Chalakamba, P.S.- Gunupur, Dist.- Rayagada is known in this name and address instead of Tejaswini Jena in all documents and identification. D-1664

I, Devi Prashada Mishra, S/o- Pravakar Mishra, At- Karigarsahi, P.O.- Dhenkanal, P.S.-Town, Dist.- Dhenkanal, Odisha-759001 declare that I have changed my name from DEVI PRASAD to DEVI PRASHADA MISHRA, dated 08.08.2025 by Executive Magistrate, Dhenkanal. D-1662

By virtue of an affidavit sworn before the Executive Magistrate, Sohela, No.- 03, date 02.08.25, I, Sanjay Meher, R/o. Village- Sahajbahal, P.O.- Bausenmura, P.S.- Sohela, Dist.- Bargarh declare that I have changed my daughter's name from Joyuti Meher to Jyoti Meher. Henceforth, she shall be known as Jyoti Meher for all purposes.
Sanjay Meher D-1670

By virtue of an affidavit sworn before the Executive Magistrate, Sohela, No.- 02, date 02.08.25, I Sanjay Meher, R/o. Village- Sahajbahal, P.O.- Bausenmura, P.S.- Sohela, Dist.- Bargarh declare that I have changed my daughter's name from Srutilata Meher to Shruti Meher. Henceforth, she shall be known as Shruti Meher for all purposes.
Sanjay Meher D-1671

I, Alisha Swain, R/o Flat No.- B- 401, Hemkund Towers, Bhubaneswar. Changed my surname as Alisha Agarwal, W/o- Dhiraj Kumar Agarwal. D-1660

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, P.Rasmita Kumari Patro, W/o- B.Ashok Kumar Subudhi, R/o Plot No.- 375/4650, Kharavela Complex, Kolathia, P.O.-Aiginia, P.S.- Khandagiri, Bhubaneswar, Dist.- Khurdha hereby declare by this Affidavit No.- 1541/12.08.2025 that now onwards I shall be known as B.Rashmita Subudhi for all future purposes. D-1665

By virtue of an affidavit before the executive magistrate, Puri, dated 12.06.2025. I, Bharati Devi At- Subhadra Nagar Balighat, P.S.- Talabania, Puri, 752002 declare that I have changed my name from Bharati Mishra to Bharati Devi. Henceforth, I shall be known as Bharati Devi for all purposes.
Bharati Devi D-1667

By virtue of affidavit at Executive Magistrate, BBSR. I, Tripati Mai Mishra, W/o- Dusmant Kumar Mishra, At- Alisisasan, P.O.- Darada, Dist.- Khordha do hereby declare that in my postal insurance policy bearing No.- 0000002251632 it is recorded as Truptimayee Mishra instead of Tripati Mai Mishra, both name is of same person.
Sd/- Tripati Mai Mishra D-76480

By virtue of an affidavit sworn before Executive Magistrate Bhubaneswar, dated 16.08.2025, I, Manoranjan Pattnaik, residing At- Bodhakhandi, P.O.- Sisilo, P.S.- Balipatna, Dist.- Khordha, Odisha, PIN- 752100, declare that I have changed my daughter's name from Saishradha Pattanaik to Saishradha Pattnaik. Henceforth, she shall be known as Saishradha Pattnaik for all purposes.
Manoranjan Pattnaik. D-76481

By virtue of an affidavit sworn before Executive Magistrate, Niali, dated 19.6.2025, I, Dibyajyoti Mohanty, At/PO.- Bilasuni, P.S.- Niali, Dist.- Cuttack declare that I have changed my name from Dibyajoti to Dibyajyoti Mohanty. Henceforth, I shall be known as Dibyajyoti Mohanty for all purposes. D-1672

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୋଟ ଚୋରି ପ୍ରସଙ୍ଗ: ୩ ମାସ ପଦଯାତ୍ରା କରିବ ଯୁବ କଂଗ୍ରେସ

**ଭୁବନେଶ୍ୱର, ୧୬।୮ (ସୁନିତ୍ ମିଶ୍ର)**

